ବର୍ଷ-୨୫, ସଂଖ୍ୟା-୧୦୮
ଭୁବନେଶ୍ୱର
୨୦, ଏପ୍ରିଲ, ୨୦୨୫ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 108
Bhubaneswar
20, April, 2025, Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

### ରାଜ୍ୟସ୍ତରୀୟ ପୋଷଣ ପକ୍ଷ ଉପଲକ୍ଷେ ନୂତନ ପ୍ରଶିକ୍ଷାର୍ଥୀ ନିବାସ, ତାଲିମ ଗୃହ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

# ପୁଷ୍ଟି ନିରାପତା ପାଇଁ ସାମୁହିକ ସଚେତନତା ଜରୁରୀ

**ଭୁବନେଶ୍ୱର,୧୯।୪(ମହାଭାରତ):** ସମୃଦ୍ଧ ଓଡିଶା ଗଠନ ପାଇଁ ଓଡିଶାକୁ କୁପୋଷଣ ମୁକ୍ତ କରିବା ଆମର ପ୍ରାଥମିକତା । ଏଥିପାଇଁ ଅନେକ ଫଳପ୍ରଦ ଯୋଜନା କରାଯାଇଛି। ତେବେ ଏହାର ସଫଳତା ପାଇଁ ସାମୁହିକ ସଚେତନତା ଖୁବ୍ ଜରୁରୀ । ଆଜି ସ୍ଥାନୀୟ ମହିଳା ଓ ଶିଶୁ ପ୍ରତିଷ୍ଠାନରେ ଆୟୋଜିତ ରାଜ୍ୟ ସ୍ତରୀୟ ପୋଷଣ ପକ୍ଷ-୨୦୨୫ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୋଷଣ ଅଭିଯାନକୁ ସଫଳ କରି ସୁସ୍ଥ ମାନବ ସମ୍ବଳ ତିଆରି କରିବାକୁ ଆହ୍ୱାନ ଦେଇଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରର ଲକ୍ଷ୍ମୀସାଗର-ଝାରପଡା ସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ ସଂସ୍ଥାରେ ୮୪ ଶଯ୍ୟା ବିଶିଷ୍ଟ ଏକ ନୂତନ ହଷ୍ଟେଲ ଉଦ୍‌ଘାଟନ କରିବା ସହିତ ଏକ ଲାଇବ୍ରେରୀ ହଲ ଏବଂ ଅଙ୍ଗନବାଡି ଟ୍ରେନିଙ୍ଗ୍ ସେଂଟର ମଧ୍ୟ ଶୁଭ ଉଦ୍‌ଘାଟନ କରିଛନ୍ତି। ରାଜ୍ୟରେ ପୂଜ୍ୟପୂଜା ପରମ୍ପରାକୁ ଆଗେଇ ନେଇ ମୁଖ୍ୟମନ୍ତ୍ରୀ ଏହି ପ୍ରତିଷ୍ଠାନର ୮ଟି ବିଲ୍‌ଡିଙ୍ଗକୁ ଓଡିଶାର ମହିୟସୀ ମହିଳାଙ୍କ ନାମରେ ନାମିତ କରିବା ପାଇଁ ଘୋଷଣା କରିବା ସହିତ ପ୍ରତିଷ୍ଠାନର କନଫରେନସ୍ ହଲ୍ କୁ ରମାଦେବୀ ସମ୍ମିଳନୀ କକ୍ଷ ନାମରେ ନାମିତ କରି ଏହାର ପରିଧିକୁ ବୃଦ୍ଧି କରିବା ପାଇଁ ମଧ୍ୟ ଘୋଷଣା କରିଛନ୍ତି।

ସୂଚନାଥାଉ କି, ଏହି ପ୍ରତିଷ୍ଠାନର ଅଡିଟୋରିଅମ୍ ହଲ୍ କୁ ସରଳା ଦେବୀ ପ୍ରେକ୍ଷାଳୟ, ଲାଇବ୍ରେରୀ ହଲ୍ ?କୁ କମଳା ପୂଜାରୀ ଗ୍ରନ୍ଥାଗାର, ଅଙ୍ଗନବାଡି ଟ୍ରେନିଙ୍ଗ ସେଂଟରକୁ ଶୈଳବାଳା ଦାସ ପ୍ରଶିକ୍ଷଣ କକ୍ଷ, ନୂଆ ହଷ୍ଟେଲକୁ ମାଳତୀ ଚୌଧୁରୀ ନିବାସ, ଅଙ୍ଗନବାଡି କର୍ମୀ ହଷ୍ଟେଲକୁ ବାଙ୍ଗରା ଦେବୀ ନିବାସ ଏବଂ ଗେଷ୍ଟ ହାଉସ୍ ?କୁ ଗୁରୁବାରୀ ଜାନୀ ଅତିଥି ଭବନ ନାମରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।




ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏକ ସୁସ୍ଥ ଶିଶୁ ହିଁ ଉତ୍ତମ ଛାତ୍ର ହୋଇପାରିବ ଓ ଭବିଷ୍ୟତରେ ଏକ ଆଦର୍ଶ ନାଗରିକ ହୋଇପାରିବ। ସୁସ୍ଥ ଶିଶୁ, ସୁସ୍ଥ ଭବିଷ୍ୟତର ପ୍ରତୀକ । ପୋଷଣ ପକ୍ଷ ପାଳନ ସମୟରେ ଶିଶୁ ଜୀବନର ପ୍ରଥମ ଏକ ହଜାର ଦିନ ମଧ୍ୟରେ ପୋଷଣର ଗୁରୁତ୍ୱ ବିଷୟରେ ସଚେତନତା ବୃଦ୍ଧି କରିବା ପାଇଁ ପ୍ରୟାସ କରାଯାଉଛି । ଶୈଶବରେ ଉପଯୁକ୍ତ ପୋଷଣ ପାଇଲେ ଶିଶୁର ସ୍ୱାସ୍ଥ୍ୟ ଉନ୍ନତ ହେବା ସହିତ ତା'ର ସାମଗ୍ରିକ ବିକାଶ ସମ୍ଭବ ହୋଇପାରିବ।

ପୋଷଣ ଉପରେ ଆମର ନୂଆ ସରକାର ଅଧିକ ଫୋକସ୍ ରଖି କାମ କରିବା ଆରମ୍ଭ କରିଛନ୍ତି। ୧୦୦ କୋଟି ଟଙ୍କା ଅନୁଦାନରେ 'ଓଡିଶା ପୁଷ୍ଟି ମିଶନ' ମଧ୍ୟ ପ୍ରତିଷ୍ଠା କରାଯିବ। ପୋଷଣ ଅଭିଯାନରେ ମହିଳା ଓ ଶିଶୁ ମାନଙ୍କୁ ପୁଷ୍ଟିକର ଖାଦ୍ୟ ଦେବାପାଇଁ ଚଳିତ ବର୍ଷ ବଜେଟ୍ ?ରେ ୨୮୪ କୋଟି ଟଙ୍କା ବରାଦ କରାଯାଇଛି। ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନାରେ ଦୁଇଟି କନ୍ୟା ସନ୍ତାନ ପାଇଁ ସହାୟତା ରାଶିକୁ ୧୦ହଜାର ଟଙ୍କାରୁ ୧୨ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି ସବୁ ପଦକ୍ଷେପ ଓଡିଶାର ପିଲାମାନଙ୍କର ପୋଷଣରେ ଉନ୍ନତି ଆଣିବ। ଯେହେତୁ ଏକ ସମୃଦ୍ଧ ଓଡିଶା ଗଠନ ଆମର ଲକ୍ଷ୍ୟ ତେଣୁ, ଆମ ଓଡିଶାକୁ ସୁ-ପୋଷିତ କରିବା ଆମର ପ୍ରାଥମିକତା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅଙ୍ଗନବାଡି କର୍ମୀ ଓ ସୁପରଭାଇଜର ମାନଙ୍କୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆପଣ ମାନେ ପିଲାମାନଙ୍କ ପୋଷଣ ଦାୟିତ୍ୱ ସହିତ ସେମାନଙ୍କୁ ପ୍ରାରମ୍ଭିକ ମୌଳିକ ଶିକ୍ଷା ବି ଦେଉଛନ୍ତି। ଆପଣ ମାନେ ହେଉଛନ୍ତି ପିଲାଙ୍କ ପାଇଁ ଦ୍ୱିତୀୟ ମା' । ଆମ ଦେଶରୁ କୁପୋଷଣ ଦୂର କରିବା ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ୨୦୧୮ ମସିହାରୁ ପିଏମ୍ ପୋଷଣ ଯୋଜନା ଆରମ୍ଭ କରିଛନ୍ତି। ଏଥିରେ ଗର୍ଭବତୀ ଓ ପ୍ରସୂତି ମହିଳା, କିଶୋରୀ ଓ ଛ ବର୍ଷରୁ କମ୍ ବର୍ଷର ଶିଶୁ ମାନଙ୍କ ପୋଷଣ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି।

ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ, ପୋଷଣ ପକ୍ଷ ସମୟରେ ଜନ ଆନ୍ଦୋଳନର ସମୂହ ସଚେତନତା କେବଳ ଏହି ବିଭାଗରେ ନୁହେଁ, ଏହାର ସଫଳ ରୂପାୟନ ପାଇଁ ସମସ୍ତ ସହଭାଗୀ ବିଭାଗ, ଯେପରିକି ପଞ୍ଚାୟତିରାଜ ଓ ପାନୀୟ ଜଳ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, କୃଷି ଓ କୃଷକ ସଶକ୍ତିକରଣ, ଅନୁସୂଚିତ ଜାତି ଓ ଜନଜାତି ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ, ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ, ମିଶନ ଶକ୍ତି ପ୍ରମୁଖ ବିଭାଗର ସହଯୋଗ ଓ ସମନ୍ୱୟ ଅଧିକ ହେବା ଜରୁରୀ।

# କୋଠା ଭୁଶୁଡ଼ି ୧୧ ମୃତ



**ନୂଆଦିଲ୍ଲୀ,୧୯।୪:** ଦିଲ୍ଲୀର ମୁସ୍ତାଫାବାଦ ଅଞ୍ଚଳର ଶକ୍ତି ବିହାରରେ ଶନିବାର (୧୯ ଏପ୍ରିଲ) ପ୍ରତ୍ୟୁଷରେ ଏକ ଚାରି ମହଲା କୋଠା ଭୁଶୁଡ଼ି ପଡ଼ିଛି। ଏହି ଦୁର୍ଘଟଣାରେ ଏପର୍ଯ୍ୟନ୍ତ ୧୧ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୨ ଜଣଙ୍କୁ ଭଗ୍ନାବଶେଷରୁ ଉଦ୍ଧାର କରାଯାଇଛି। କୋଠା ଭୁଶୁଡ଼ିବା ସମ୍ପର୍କରେ ଏକ ଭିଡିଓ ସାମ୍ନାକୁ ଆସିଛି। ଏହି ଘଟଣା ପରେ ଅଞ୍ଚଳର ଲୋକଙ୍କ ମଧ୍ୟରେ ଆତଙ୍କର ବାତାବରଣ ରହିଛି। ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏମସିଡି ମେୟର ମହେଶ ଖିଚି ନିଗମ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ତାଫାବାଦ ଅଞ୍ଚଳରେ କୋଠା ଭୁଶୁଡ଼ିବା ଘଟଣା ପରେ ଘଟଣାସ୍ଥଳରେ ପହଞ୍ଚିଥିବା ସ୍ଥାନୀୟ ବିଧାୟକ ମୋହନ ସିଂହ ବିଷ୍ଟ ଦିଲ୍ଲୀ ସରକାରଙ୍କଠାରୁ ଦାୟୀ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେ କହିଛନ୍ତି ଯେ ବିଧାନସଭାରେ ବେଆଇନ କୋଠା ପ୍ରସଙ୍ଗ ଅନେକ ଥର ଉଠାଯାଇଛି। ସେ କହିଥିଲେ, ମୁଁ ନିର୍ବାଚନ ଜିତିବା ଦିନଠାରୁ, ମୋର ଏକମାତ୍ର ପ୍ରସଙ୍ଗ ହେଉଛି ବେଆଇନ କୋଠା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା। ଯଦି ଶହ ଶହ ଲୋକ ୨୫ କିମ୍ବା ୫୦ ଗଜର କୋଠାରେ ରହୁଛନ୍ତି, ତେବେ ଏକ ଦୁର୍ଘଟଣା ନିଶ୍ଚିତ ଭାବରେ ଘଟିବ। ମୁଁ ଏ ବିଷୟରେ ଦିଲ୍ଲୀର ଏଲଜି, କମିଶନର ଏବଂ ପୋଲିସ କମିଶନରଙ୍କ ସହ କଥା ହୋଇଛି, କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ।

# ଭିଜିଲାନ୍ସ ଜାଲରେ ଅତିରିକ୍ତ ତହସିଲଦାର

**ସମ୍ବଲପୁର,୧୯।୪(ମହାଭାରତ):** ଲାଞ୍ଚନେଇ ଧରାପଡ଼ିଲେ ମାନେଶ୍ୱର ଅତିରିକ୍ତ ତହସିଲଦାର ଭୁବନାନନ୍ଦ ସାହୁ। ଚାଷ ଜମିର କିସମ ପରିବର୍ତ୍ତନ କରିବାକୁ ୬ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ସମ୍ବଲପୁରରେ ଅତିରିକ୍ତ ତହସିଲଦାରଙ୍କୁ ୬ହଜାର ଟଙ୍କା ଲାଞ୍ଚ ଗ୍ରହଣ କରିବା ସମୟରେ ଓଡ଼ିଶା ଭିଜିଲାନ୍ସ ଗିରଫ କରିଛି। ଦୁର୍ନୀତି ବିରୋଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି, ଓଡ଼ିଶା ଭିଜିଲାନ୍ସ ଆଜି ସମ୍ବଲପୁର ଜିଲାର ମାନେଶ୍ୱର ତହସିଲର ଅତିରିକ୍ତ ତହସିଲଦାର ଭୁବନାନନ୍ଦ ସାହୁଙ୍କୁ ଗିରଫ କରିଛି। ସେ କୃଷି ଜମିକୁ ଅଣ-କୃଷି (ଘର) ବ୍ୟବହାର ପାଇଁ ପରିବର୍ତ୍ତନ କରିବା ଏବଂ ଅଭିଯୋଗକାରୀଙ୍କ ସପକ୍ଷରେ ଅନୁରୂପ ରେକର୍ଡ ଅଫ୍ ରାଇଟ୍ସ (ଆରଓଆର) ଜାରି କରିବା ପାଇଁ ୬ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ଭିଜିଲାନ୍ସ ସୂତ୍ର ଅନୁଯାୟୀ, ଶ୍ରୀ ସାହୁ ପ୍ରଥମେ ୧୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ, କିନ୍ତୁ ଆଲୋଚନା ପରେ ଏହି ପରିମାଣକୁ ୬ ହଜାର ଟଙ୍କାକୁ ହ୍ରାସ କରିଥିଲେ।



# ୬ଷ୍ଠ ଶ୍ରେଣୀର ଛାତ୍ରୀ ଗର୍ଭବତୀ

**ରାୟଗଡ଼ା,୧୯।୪(ମହାଭାରତ):** ରାୟଗଡ଼ା ଜିଲ୍ଲାରେ ଆଉ ଏକ ଚାଞ୍ଚଲ୍ୟକର ଘଟଣା ନଜରକୁ ଆସିଛି। ଜଣେ ୬ଷ୍ଠ ଶ୍ରେଣୀର ଛାତ୍ରୀ ୬ ମାସର ଗର୍ଭବତୀ ହୋଇଥିବା ଜଣାପଡିଛି। ଏହା ଜଣାପଡିବା ପରେ ଆଶା ଓ ଅଙ୍ଗନବାଡ଼ି କର୍ମୀଙ୍କ ସହଯୋଗରେ ରାୟଗଡ଼ା ଶିଶୁ କଲ୍ୟାଣ କମିଟି ନିକଟରେ ନାବାଳିକାକୁ ହାଜର କରାଯାଇଛି଼ ଦୀର୍ଘ ସମୟ ଧରି ଉକ୍ତ ନାବାଳିକାଙ୍କୁ ସମସ୍ତ ବିଷୟରେ ପଚରାଉଚରା କରିଥିଲା ଶିଶୁ କଲ୍ୟାଣ କମିଟି। ଏଭଳି ଅଭାବନୀୟ ଘଟଣା ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକରେ ଘଟିଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ରାୟଗଡା ସଦର ବ୍ଲକ ଅଞ୍ଚଳର ଜଣେ ୧୭ ବର୍ଷର ନାବାଳିକ କଲ୍ୟାଣସିଂହପୁରରେ ରହିଥିବା ଏକ ମହାବିଦ୍ୟାଳୟର ଯୁକ୍ତ ଦୁଇ ପ୍ରଥମ ବର୍ଷର ଛାତ୍ର। ଉକ୍ତ ନାବାଳିକା ସହ ନାବାଳକଙ୍କ ପ୍ରେମ ସଂପର୍କ ରହିବା ପରେ ଶାରୀରିକ ସଂପର୍କ ଗଢ଼ି ଉଠିଥିଲା। ପରେ ସେ ୬ ମାସର ଗର୍ଭବତୀ ହେବା ପରେ ନାବାଳିକାଙ୍କ ପରିବାର ଲୋକେ ଝିଅକୁ ନାବାଳକ ଘର ଦୁଆରେ ଛାଡି ଦେଇଥିଲେ। ଏହି ଘଟଣା ସଂକ୍ରାନ୍ତରେ ଖବର ପ୍ରଚାରିତ ହେବା ପରେ ରାୟଗଡା ମହିଳା ଓ ଶିଶୁ କଲ୍ୟାଣ ବିଭାଗ ନାବାଳିକାକୁ ଉଦ୍ଧାର କରି ସିଡବ୍ଲୁସି ନିକଟରେ ହାଜର କରିଛି। ଅନ୍ୟପଟେ ଘଟଣାର ତଦନ୍ତ ଚାଲିଛି ବୋଲି ସିଡବ୍ଲୁସି ଚେୟାରମ୍ୟାନ ସୂଚନା ଦେଇଛନ୍ତି।

# ବଲାଙ୍ଗିରର ବିକାଶ ଦାୟିତ୍ୱ ଡବଲ ଇଞ୍ଜିନ ସରକାର ନେଇଛନ୍ତି

**ଟିଟିଲାଗଡ,୧୯।୪(ମହାଭାରତ):** ବଲାଙ୍ଗିର ଜିଲ୍ଲାରେ ଶିକ୍ଷାର ବିକାଶ ପାଇଁ ପାଖାପାଖି ୧୨୦ କୋଟିରୁ ଅଧିକ ଟଙ୍କାର ଦାୟିତ୍ୱ ଡବଲ ଇଞ୍ଜିନ ସରକାର ନେଇଛନ୍ତି ବୋଲି ଶନିବାର କେନ୍ଦ୍ରୀୟ ବିଦ୍ୟାଳୟ, ଟିଟିଲାଗଡ଼ ଏବଂ ପାଟଣାଗଡ଼ର ଅସ୍ଥାୟୀ କ୍ୟାମ୍ପସର ଉଦଘାଟନ ଏବଂ ସ୍ଥାୟୀ କ୍ୟାମ୍ପସ ପାଇଁ ଭୂମିପୂଜନ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଶ୍ରୀ ପ୍ରଧାନ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତବର୍ଷ ଡିସେମ୍ବରରେ ସମଗ୍ର ଦେଶରେ ୮୫ଟି ନୂଆ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ଏବଂ ୨୮ଟି ନୂଆ ନବୋଦୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ମଞ୍ଜୁର ଦେଇଥିଲେ, ଯେଉଁଥିରେ ଓଡ଼ିଶାରେ ନୂଆ ୮ଟି ନୂଆ କେନ୍ଦ୍ରୀୟ ବିଦ୍ୟାଳୟ ଥିଲା । ଏହି ପରିପ୍ରେକ୍ଷୀରେ ଡବଲ ଇଞ୍ଜିନ ସରକାରର ପ୍ରଚେଷ୍ଟା କାରଣରୁ ବଲାଙ୍ଗିର ଜିଲ୍ଲାର ରେଲୱେ ଟିଟିଲାଗଡ଼ ଓ ପାଟଣାଗଡ଼ରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନା ପାଇଁ ଆଜି ଭୂମିପୂଜନ ସହ ଅସ୍ଥାୟୀ କ୍ୟାମ୍ପସର ଶିଳାନ୍ୟାସ ହୋଇଛି । ପ୍ରତ୍ୟେକ ବିଦ୍ୟାଳୟ ପାଇଁ ପ୍ରାୟ ୩୦ କୋଟି ଟଙ୍କା ଲେଖାଁଏ ଅର୍ଥାତ୍ ମୋଟ୍ ୬୦ କୋଟି ଟଙ୍କା ମଞ୍ଜୁର ହୋଇଛି । ରେଳ ବିଭାଗର ସହଯୋଗରେ ଟିଟିଲାଗଡ଼ ରେଲୱେ କଲୋନୀରେ କେନ୍ଦ୍ରୀୟ ବିଦ୍ୟାଳୟ ଭଳି ପ୍ରମୁଖ ଅନୁଷ୍ଠାନ ଖୋଲାଯିବା ଦ୍ୱାରା ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ପାଇପାରିବେ । ସେହିପରି ପାଟଣାଗଡ଼ ଉଲବା ଠାରେ ନିର୍ମିତ ହେବାକୁ ଥିବା କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତର ସ୍ୱପ୍ନକୁ ସାକାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ତେବେ ଏହି ଦୁଇଟି ବିଦ୍ୟାଳୟ ନିର୍ମାଣ ହେବା ପର୍ଯ୍ୟନ୍ତ ଟିଟିଲାଗଡ଼ କେଭିର ଅସ୍ଥାୟୀ କ୍ୟାମ୍ପସ ବ୍ଲକପଡ଼ା ଠାରେ ଏବଂ ପାଟଣାପଡ଼ା କେଭିର ଅସ୍ଥାୟୀ କ୍ୟାମ୍ପସ ଇଟିଇଆଇ ପରିସରରେ ପରିଚାଳିତ ହେବ । ବଲାଙ୍ଗିର ଜିଲ୍ଲାକୁ ଟିଟିଲାଗଡ଼ ଓ ପାଟଣାଗଡ଼ରେ ଦୁଇଟି କେନ୍ଦ୍ରୀୟ ବିଦ୍ୟାଳୟ ଉପହାର ଭାବରେ ଦେଇଥିବାରୁ ମାନ୍ୟବର ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ।



ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି ଦୁଇଟି କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ୬୦ କୋଟି ଟଙ୍କା ଅନୁମୋଦନ ଦିଆଯିବା ବ୍ୟତିତ ମୋଦୀ ସରକାରରେ ବଲାଙ୍ଗିର ଜିଲ୍ଲାରେ ୨୧ଟି ସ୍କୁଲକୁ ପିଏମ ଶ୍ରୀସ୍କୁଲରେ ବିକଶିତ କରାଯାଉଛି । ଏଥିପାଇଁ ପ୍ରତ୍ୟେକ ସ୍କୁଲକୁ ୨ କୋଟି ଲେଖାଁ ମୋଟ ୪୨ କୋଟି ଟଙ୍କାର ଅନୁଦାନର ବ୍ୟବସ୍ଥା ହୋଇଛି । ଏହି ଜିଲ୍ଲାର ଅନ୍ୟତମ ପୁରାତନ ଶିକ୍ଷାନୁଷ୍ଠାନ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ୨୦ କୋଟି ଟଙ୍କା ପିଏମ ଉଷା ଯୋଜନାରେ ଦିଆଯାଇଛି । ନବଜାତ ଶିଶୁ ଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପଢୁଥିବା ବଲାଙ୍ଗିର ଜିଲ୍ଲାର ୫ ଲକ୍ଷ ଛାତ୍ରଛାତ୍ରୀଙ୍କ ଶାରିରୀକ, ମାନସିକ ସ୍ୱାସ୍ଥ୍ୟ ଓ ବୌଦ୍ଧିକ ବିକାଶ ପାଇଁ ଡବଲ ଇଞ୍ଜିନ ସରକାର ବଦ୍ଧ ପରିକର । ଏହି ଅଞ୍ଚଳରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲାଯିବା ଦ୍ୱାରା ଜାତୀୟ ଶିକ୍ଷା ନୀତିର ପରାମର୍ଶ ଅନୁସାରେ ବିଦ୍ୟାଳୟ ସ୍ତରରେ ଶିକ୍ଷାର ମାନରେ ଉନ୍ନତି ହେବ । ଛାତ୍ରଛାତ୍ରୀଙ୍କ ମାନସିକ, ଶାରିରୀକ, କ୍ରିଟିକାଲ ଥିଙ୍କିଂ ସହ ବୌଦ୍ଧିକ କ୍ଷମତା ବିକଶିତ ହେବ। ଏକବିଂଶ ଶତାବ୍ଦୀର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି ସେ କହିଛନ୍ତି।

# ନବୀନ ବିଜେଡ଼ି ସଭାପତି

**ଭୁବନେଶ୍ୱର,୧୯।୪(ମହାଭାରତ):** ବିଜେଡିର ନବମ ଥର ସଭାପତି ହୋଇଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏ ନେଇ ଘୋଷଣା କରିଛନ୍ତି ବିଜେଡି ରାଜ୍ୟ ନିର୍ବାଚନ ଅଧିକାରୀ। ଏକମାତ୍ର ପ୍ରାର୍ଥୀ ଭାବେ ଦାଖଲ କରିଥିଲେ ନାମାଙ୍କନ। ନିର୍ଦ୍ୱନ୍ଦ୍ୱରେ ବିଜେଡି ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି ନବୀନ। ସଭାପତି ଭାବେ ନବୀନଙ୍କ ନାଁ ଘୋଷଣା ହେବା ପରେ ଏବେ ଜଣକ ପରେ ଜଣେ କର୍ମୀ ନବୀନଙ୍କୁ ଭେଟି ଶୁଭେଚ୍ଛା ଜଣାଇଥିଲେ। ସାଧାରଣ ନିର୍ବାଚନ ୨୦୨୪ରେ ପରାଜୟ ପରେ ପୁଣି ଦଳ ସଜାଡିବାକୁ ଉଦ୍ୟମ କରୁଛି ବିଜୁ ଜନତା ଦଳ। ବିଜେଡି ସାଂଗଠନିକ ନିର୍ବାଚନରେ ୩୩ ସାଂଗଠନିକ ଜିଲ୍ଲାରୁ ୧୮ଟି ଜିଲ୍ଲାସଭାପତିଙ୍କ ନାଁ ଘୋଷଣା ହୋଇଛି। ଏହି ତାଲିକାରେ ବରିଷ୍ଠ ତଥା ଅଭିଜ୍ଞ ନେତାଙ୍କୁ ଗୁରୁତ୍ୱ ଦିଆଯାଇଛି। ନିର୍ବାଚନ ପରାଜୟ ପରେ ବିଜେଡିରେ ଶୃଙ୍ଖଳା ଭଙ୍ଗ ହୋଇଛି। ତେବେ ନବୀନ ପୁଣି ଦଳର ମୁଖିଆ ଭାବେ ଦାୟିତ୍ୱ ନେଇ ଦଳ ଶୃଙ୍ଖଳିତ କରିବେ ବୋଲି ଚର୍ଚ୍ଚା ହେଉଛି। ଏଥିସହ ନବୀନ କହିଛନ୍ତି ଓଡିଶାବାସୀଙ୍କ ଆଶୀର୍ବାଦ ମୋତେ ସଫଳତା ଦେଇଛି। ୨୪ ବର୍ଷ କାଳ ଓଡିଶାବାସୀଙ୍କ ସେବା କରିବା ପାଇଁ ସୁଯୋଗ ପାଇଛି ବିଜୁ ଜନତା ଦଳ। ସେହି ସମୟରେ ଓଡିଶାର ବିକାଶ ହୋଇଛି।

# କାଜୁ ତୋଳାକୁ ନେଇ ଗୋଷ୍ଠୀସଂଘର୍ଷ

**ଅସ୍ତରଙ୍ଗ,୧୯।୪(ମହାଭାରତ):** ଅସ୍ତରଙ୍ଗ ଅଞ୍ଚଳର ବାଲିଡିଆ। ଗାଁରେ ଅଭାବନୀୟ ଘଟଣା ଘଟିଛି। ସରକାରୀ ଜମିରୁ କାଜୁ ତୋଳିବାକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ପରିସ୍ଥିତି ଉପୁଜିଛି। ଏଥିରେ ୨୦ ଜଣ ଆହତ ହୋଇଛନ୍ତି। ୫ ଗୁରୁତରଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ଦେବୀ ନଦୀ ମଝିରେ ଥିବା ସୁନେଇଡିଆ। ନାମକ ସରକାରୀ ଟାପୁକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଦେଖିବାକୁ ମିଳିଥିଲା। ସୁନେଇଡିଆ। ନାମକ ସରକାରୀ ଟାପୁକୁ ନେଇ ତୁମୁଳକାଣ୍ଡ ଦେଖିବାକୁ ମିଳିଛି। ନଦୀ ମଝିରେ ଥିବା ଏହି ସରକାରୀ ଜମିରେ ବାଲିଡିଆ। ଗାଁ ଲୋକେ ଦୀର୍ଘ ବର୍ଷ ଧରି କାଜୁ ଚାଷ କରି ଆସୁଛନ୍ତି। ଆଜି ସକାଳେ କିଛି ଲୋକ ସେଠାକୁ କାଜୁ ତୋଳିବାକୁ ଆସିଥିଲେ। ପୂର୍ବରୁ କାଜୁ ତୋଳିବାକୁ ଆସିଥିବା ଜଗସିଂହପୁର ଜିଲ୍ଲା ତରାସାହି ଗାଁର ୨ ଶହରୁ ଅଧିକ ଲୋକ ବାଲିଡିଆ।ବାସୀଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଗୁରୁତର ଆହତ ହୋଇ ବାଲିଡିଆ। ଗାଁ ଲୋକ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଗୁରୁତର ୫ଜଣଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଖବର ପାଇ ଘଟଣାସ୍ଥଳରେ ଅସ୍ତରଙ୍ଗ ପୋଲିସ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି। ଦେବୀ ନଦୀର ଦ୍ୱିପାଞ୍ଚଳରେ ଥିବା କାଜୁ ଜଙ୍ଗଲରୁ ପ୍ରତିବର୍ଷ ବାଲିଡିଆ। ଗାଁ ଲୋକେ କାଜୁ ମଞ୍ଜି ତୋଳିଥାନ୍ତି। ଆଜି ସକାଳୁ ବାଲିଡିଆ। ଗାଁର ୪୦ ପରିବାର ଲୋକେ ଡ଼ଙ୍ଗା ପାର୍ ହୋଇ କାଜୁ ତୋଳିବାକୁ ଯାଇଥିଲେ।



# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସ୍ପେନର ରାଷ୍ଟ୍ରଦୂତ

**ଭୁବନେଶ୍ୱର,୧୯।୪(ମହାଭାରତ):** ଲୋକସେବା ଭବନ ଠାରେ ଭାରତରେ ଅବସ୍ଥାପିତ ସ୍ପେନର ରାଷ୍ଟ୍ରଦୂତ ଜୁଆନ୍ ଆଂଟୋନିଓ ମାର୍ଚ୍ଚ ପୁଜୋଲ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ବୈଠକରେ ସ୍ପେନ ଏବଂ ଓଡିଶା ମଧ୍ୟରେ ସାଂସ୍କୃତିକ ଏବଂ ଅର୍ଥନୈତିକ ସମ୍ପର୍କକୁ ଆହୁରି ସୁଦୃଢ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ। ସ୍ପେନର ରାଷ୍ଟ୍ରଦୂତ କହିଥିଲେ ଯେ, ରିନିଓ୍ୱେବଲ୍ ଏନର୍ଜି, ମେଟାଲର୍ଜି, ବୟନଶିଳ୍ପ ଏବଂ ଅଟୋମୋବାଇଲ ଭଳି ପ୍ରମୁଖ କ୍ଷେତ୍ରରେ ଓଡିଶା ଓ ସ୍ପେନ ମଧ୍ୟରେ ଅଧିକ ସହଯୋଗ ହୋଇପାରିବ। ଆଲୋଚନାରୁ ଜଣା ଯାଇଛି ଯେ, ସ୍ପେନ ସହିତ ଅଧିକ ସହଭାଗୀତା ପାଇଁ ଦୁଇ ଦେଶ ମଧ୍ୟରେ ଶିଳ୍ପ, ପ୍ରଯୁକ୍ତିବିଦ୍ୟା ଏବଂ ସାଂସ୍କୃତିକ ସହଯୋଗର ଏକ ନୂତନ ଅଧ୍ୟାୟ ଆରମ୍ଭ କରାଯିବ। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ନିକୁଞ୍ଜ ବିହାରୀ ଧଳ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଏବଂ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।



# ଦଳୀୟ ସଙ୍ଗଠନ ସୁଦୃଢ ପାଇଁ ଚେତା ପଶିଲା

**ଭୁବନେଶ୍ୱର,୧୯।୪(ମହାଭାରତ):** ରାଜ୍ୟରେ ମୁଖ୍ୟ ବିରୋଧୀ ଦଳ ବିଜେଡିରେ ଯେପରି ଅନ୍ତର୍ବିବାଦ ଚାଲିଛି ଏବଂ ନେତାମାନେ ପରସ୍ପର ବିରୋଧରେ କାଦୁଅ ଫିଙ୍ଗୁଛନ୍ତି ସେଥିରେ ଦଳର ଭବିଷ୍ୟତ ନେଇ ସନ୍ଦେହ ସୃଷ୍ଟି ହେଉଛି। ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ମଧ୍ୟ ନେତାମାନେ ଚାଲେଞ୍ଜ କରୁଛନ୍ତି। ନବୀନଙ୍କ ନେତୃତ୍ୱ ପ୍ରତି କାହାର ଅସମ୍ମାନ ବା ବିରୋଧ ନାହିଁ, କିନ୍ତୁ ନବୀନଙ୍କୁ ନିଜ ନିୟନ୍ତ୍ରଣରେ ରଖି ଦଳକୁ ପରିଚାଳିତ କରୁଥିବା ପୂର୍ବତନ ଆଇଏଏସ ଅଫିସର ପାଣ୍ଡିଆନଙ୍କ ନେତୃତ୍ୱକୁ ଦଳର ଅନେକ ପୁରୁଖା ନେତା ସ୍ୱୀକାର କରିପାରୁନାହାଁନ୍ତି। ଏହା ଫଳରେ ବିଜେଡିରେ ବିଭାଜନ ଆଶଙ୍କା ସୃଷ୍ଟି କରିଛି। ବିରାଡ଼ି କପାଳକୁ ଶିକା ଛିଡ଼ିବା ପରି ଏହା କଂଗ୍ରେସ ପାଇଁ ଅପୂର୍ବ ସୁଯୋଗ ସୃଷ୍ଟି କରିଛି। କିନ୍ତୁ ଏହି ସୁଯୋଗର ସଦବ୍ୟବହାର ନିମନ୍ତେ ଉପଯୁକ୍ତ ରଣନୀତି ଏବଂ ପ୍ରସ୍ତୁତି ଆବଶ୍ୟକ। ଭକ୍ତଙ୍କ ନେତୃତ୍ୱରେ କଂଗ୍ରେସ ଏ ଦିଗରେ ଆଗଉଛି ବୋଲି ଅନୁଭବ କରାଯାଉଛି। କିନ୍ତୁ କଂଗ୍ରେସ ଭଳି ଏକ ଜାତୀୟ ଦଳର ଜାତୀୟ ନେତୃତ୍ୱ ଏବଂ ନୀତିରେ ପରିବର୍ତ୍ତନ ନଆସିଲେ ତାହା ଗ୍ରହଣୀୟ ହେବ ନାହିଁ।

ନିକଟରେ ଅହମ୍ମଦାବାଦରେ ଅନୁଷ୍ଠିତ କଂଗ୍ରେସ କାର୍ଯ୍ୟକାରୀ କମିଟି ବୈଠକରେ ଦଳର ପୁନର୍ଗଠନ ଏବଂ ଏହାର ପୁନରୁଦ୍ଧାର ନିମନ୍ତେ କିଛି ମହତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ନିଷ୍ପତ୍ତି ଅନୁଯାୟୀ ତୃଣମୂଳ ସ୍ତରରୁ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରାଯିବ। ଦଳୀୟ ସଙ୍ଗଠନରେ ଆମୂଳଚୁଳ ପରିବର୍ତ୍ତନ କରାଯିବ। ଜିଲ୍ଲା କଂଗ୍ରେସ କମିଟିକୁ ସଙ୍ଗଠନକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ। ଡିସିସି ସଭାପତିମାନଙ୍କୁ ଅଧିକ କ୍ଷମତା ଏବଂ ଦାୟିତ୍ୱ ପ୍ରଦାନ କରାଯିବ। ଏହା ସହିତ ସେବାଦଳ ଭଳି ଦଳର ଛାମୁଆ ସଙ୍ଗଠନର ପୁନର୍ଗଠନ କରାଯିବ। ଅଧିକ ସଂଖ୍ୟାରେ ଯୁବକ, ମହିଳା, ଦଳିତ ଏବଂ ପଛୁଆ ବର୍ଗଙ୍କୁ ସଙ୍ଗଠନରେ ଗୁରୁତ୍ୱ ଦିଆଯିବ। ଦଳର ବରିଷ୍ଠ ନେତା ସଞ୍ଜୟ ଝା ବୈଠକରେ ୫ଟି ପ୍ରସ୍ତାବ ରଖିଛନ୍ତି। ପ୍ରସ୍ତାବରେ ସେବା ଦଳକୁ ସୁଦୃଢ଼ କରିବା, ଜିଲ୍ଲା ସ୍ତରରେ ସଙ୍ଗଠନକୁ ସକ୍ରିୟ କରାଇବା, ଦଳର ଏକ ଛାୟା କ୍ୟାବିନେଟ ଗଠନ ଆଦି ରହିଛି। ଦଳର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ କେ ସି ବେଣୁଗୋପାଳ କହିଛନ୍ତି ଯେ, ଆଗକୁ ବିଭିନ୍ନ ରାଜ୍ୟ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏହିସବୁ ନିର୍ବାଚନରେ କଂଗ୍ରେସ କିପରି ସଫଳତା ହାସଲ କରିପାରିବ ସେଥିଲାଗି ବିଧିବଦ୍ଧ ଯୋଜନା ପ୍ରସ୍ତୁତ କରାଯିବ। ଦଳ ପ୍ରତି ଲୋକଙ୍କ ଆସ୍ଥା ଏବଂ ବିଶ୍ୱାସ କିପରି ଫେରିବ, ସେଥିଲାଗି ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ଆରମ୍ଭ କରାଂଯିବ। ବିଭିନ୍ନ ସ୍ତରରେ ସାରା ଦେଶରେ କଂଗ୍ରେସ ପକ୍ଷରୁ ପଦଯାତ୍ରା କରାଯାଇ ଜନସମ୍ପର୍କ ରକ୍ଷା କରାଯିବ।



## ଚିକେନ ଗୁପଚୁପ

ଆବଶ୍ୟକ ସାମଗ୍ରୀ : ଚିକେନ୍, ଲୁଣ, ଲଙ୍କା ଗୁଣ୍ଡ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, କଟା ପିଆଜ, ପିଆଜ, ଅଦା, ରସୁଣ ପେଷ୍ଟ, କଲର ପାଉଡର, ସୋରିଷ ତେଲ, ଚିକେନ ପାଉଡର, ଗରମ ମସଲା ଓ ବଜାରରେ ମିଳୁଥିବା ଶୁଖା ଗୁପଚୁପ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ବଜାରରେ ମିଳୁଥିବା ଶୁଖା ଗୁପଚୁପକୁ ଆଣି ତାକୁ ଛାଣି ଏକ ପାତ୍ରରେ ରଖି ଦିଅନ୍ତୁ। ପରେ ଛୋଟ ଛୋଟ ପିସ୍ ହୋଇଥିବା ଚିକେନକୁ ଭଲ ଭାବେ ଧୋଇ ଦିଅନ୍ତୁ। ଏହା ପରେ କରେଇରେ ସୋରିଷ ତେଲ ଗରମ କରନ୍ତୁ। ସେଥିରେ କଟା ପିଆଜ ପକାଇ ଭାଜନ୍ତୁ। ପିଆଜ ଲାଲ ହୋଇଯିବା ପରେ ସେଥିରେ ପିଆଜ, ଅଦା ଓ ରସୁଣ ପେଷ୍ଟ ପକାନ୍ତୁ। ତାକୁ ଭଲ ଭାବରେ କଷନ୍ତୁ। ଏହା ପରେ ସେଥିରେ ଲଙ୍କା ଗୁଣ୍ଡ, ଜିରା ଗୁଣ୍ଡ ଓ ଧନିଆ ଗୁଣ୍ଡ, ଚିକେନ କରି ପାଉଡର ପକାନ୍ତୁ। ଏହା ସହ କିଛି କଲର ପାଉଡର ପକାଇ ଭଲ ଭାବରେ କଷନ୍ତୁ । ଏବେ ସେଥିରେ ସ୍ୱାଦ ଅନୁଯାୟୀ ଲୁଣ ଓ ହଳଦୀ ପକାନ୍ତୁ୍ୟ ମସଲା ଭଲ ଭାବେ କଷି ହୋଇଯିବା ପରେ ପ୍ଲେଟରେ ଥିବା ଚିକେନ୍ ପକାଇ କଷନ୍ତୁ। ଗ୍ୟାସକୁ ସିମ୍ କରି ସିଝିବା ପାଇଁ କିଛି ସମୟ ଛାଡି ଦିଅନ୍ତୁ। ଏହା ସିଝିବା ପରେ ସେଥିରେ ଗରମ ମସଲା ପକାଇ ଓହ୍ଲାଇ ଦିଅନ୍ତୁ। ଏଥର ପ୍ରସ୍ତୁତ ହୋଇଗଲା ଗୁପଚୁପ ପାଇଁ ଚିକେନ୍ ମସଲା। ଏହାପରେ ପୁଦିନା ପତ୍ର,ରେ ଲୁଣ ମିଶାଇ ତାକୁ ଗ୍ରାଇଣ୍ଡିଂ କରି ଚଟଣୀ ପ୍ରସ୍ତୁତ କରନ୍ତି। ଏହା ପରେ ଛଣା ଗୁପଚୁପରେ ଚିକେନ ମସଲା ପୂରକୁ ପୁରାନ୍ତୁ। ସେଥିରେ ଟିକିଏ ପୁଦିନା ଚଟଣି ପକାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଚିକେନ ଗୁପଚୁପ।



ଖବର

## ପୁଣି ଅମ୍ଲାନ ତୃପ୍ତି ଏକାଠି



ନାୟିକା ତୃପ୍ତି ମିରାନ୍ଧିକାଙ୍କୁ ପୁଣି ମିଳିଛି ଜେଣ ଆଗଧାଡ଼ିର ନାୟକଙ୍କ ସାଥ୍। ଏହି ଆଗଧାଡ଼ିର ନାୟକ ହେଉଛନ୍ତି ତାଙ୍କର ପୁରୁଣା କୋ-ଷ୍ଟାର୍ ଅମ୍ଲାନୟ ଦର୍ଶକ ଖୁବ୍ ଶୀଘ୍ର ଅମ୍ଲାନ-ତୃପ୍ତି ଯୋଡ଼ିକୁ ବଡ଼ ପରଦାରେ ଦେଖିବାକୁ ପାଇବେ। ଅମ୍ଲାନ ଓ ତୃପ୍ତି ମିରାନ୍ଧିକା ଯେଉଁ ସିନେମାରେ ଦ୍ୱିତୀୟ ବାର ନାୟକ-ନାୟିକା ହେବାକୁ ଯାଉଛନ୍ତି, ତାହାର ଶୀର୍ଷକ ଏଯାବ୍ ସ୍ଥିରୀକୃତ ହୋଇନାହିଁ। ତେବେ ଓଲିଉଡ୍ର ଅନ୍ୟତମ ସଫଳ ନିର୍ଦ୍ଦେଶକ ସୁଧାଂଶୁମୋହନ ସାହୁ ଏହାର ନିର୍ଦ୍ଦେଶନା ଦେଉଛନ୍ତି। 'ତୁ ମୋ ଆଖିର ତାରା', 'ଦେ ମା ଶକ୍ତି ଦେ', 'ତୁ ମୋ ଗାର୍ଲଫ୍ରେଣ୍ଡ୍', 'ଦିୱାନା ଦିୱାନୀ' ଓ 'ଆଶିକ' ପରି ଛଅଟି ସଫଳ ଚଳଚ୍ଚିତ୍ର ଭେଟି ଦେଇଥିବା ପ୍ରମୋଦ ସ୍ୱାଇଁ ଏହାର ପ୍ରଯୋଜକ।ସୂଚନାଯୋଗ୍ୟ, ଅମ୍ଲାନ-ତୃପ୍ତି ମିରାନ୍ଧିକାଙ୍କୁ ଶେଷ ଥର ଲାଗି ଗତବର୍ଷ ମୁକ୍ତିଲାଭ କରିଥିବା ବ୍ରଜ ସିଂଙ୍କ ନିର୍ଦ୍ଦେଶିତ 'ସମୟ କହିବ କିଏ କାହାର'ରେ ଦେଖିଥିଲେ ସିନେପ୍ରେମୀ। ନାମକରଣ ହୋଇ ନଥିବା ଏହି ଓଡ଼ିଆ ଛବିଟି ଦର୍ଶକଙ୍କ ଦ୍ୱାରା କେତେ ଗ୍ରହଣୀୟ ହେଉଛି ମୁକ୍ତିଲାଭ ପରେ ଜଣାପଡ଼ିବ।

## ଭାଗ୍ୟ ଚମକାଇବ ଦୁବ ଘାସ

ଅନେକ ସମୟରେ ଆର୍ଥିକ ସମସ୍ୟା ଲାଗି ରହୁଥିବା ଦେଖାଯାଏ। ଏହି କାରଣରୁ ଘରେ କଳହ ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥାଏ। ତେବେ ଏକ ସରଳ ବାସ୍ତୁ ଉପାୟ ଆପଣାଇବା ଦ୍ୱାରା ଆର୍ଥିକ ସମସ୍ୟା ଦୂର ହୋଇଥାଏ। ଜାଣନ୍ତୁ..

ଦୁବ ଘାସ ଭାଗ୍ୟରେ ପରିବର୍ତ୍ତନ ଆଣିଥାଏ। ଘରର ଦକ୍ଷିଣ-ପୂର୍ବ କୋଣରେ ଦୁବ ଘାସ ଲଗାଇବା ଦ୍ୱାରା ଘରେ ସକରାତ୍ମକ ଶକ୍ତି ପ୍ରବେଶ କରିଥାଏ।ଦୁବ ଘାସର ସଠିକ ଭାବେ ଯତ୍ନ ନିଅନ୍ତୁ। ଏହା ସବୁଜ ଶ୍ୟାମଳା ହୋଇ ରହିଲେ ଘରେ ସୁଖଶାନ୍ତିରେ ବୃଦ୍ଧି ଓ ଉନ୍ନତି ହୋଇଥାଏ। ପରିବାର ସଦସ୍ୟଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ସହ କାର୍ଯ୍ୟରେ ସଫଳତା ପ୍ରାପ୍ତି ହୋଇଥାଏ।

ଘରେ ଆର୍ଥିକ ସ୍ଥିତିରେ ଉନ୍ନତି ପାଇଁ ଦୁବ ଘାସକୁ ଘରର ଈଶାନ୍ୟ କୋଣରେ ଲଗାନ୍ତୁ। ଏହାସହ ମନ୍ଦିର ନିକଟରେ ମଧ୍ୟ ଦୁବ ଘାସ ଲଗାଇପାରିବେ। ଏହାଦ୍ୱାରା ଆମଦାନୀରେ ବୃଦ୍ଧି, କର୍ମକ୍ଷେତ୍ରରେ ସଫଳତା ଓ ଉନ୍ନତି



## ବୈଦିକ ଦାହ ସଂସ୍କାର ପରମ୍ପରା

ମହାଭାରତର ଶାନ୍ତିପର୍ବରେ ଉଲ୍ଲେଖ ରହିଛି ଯେ ଯେଉଁ ବ୍ୟକ୍ତି ସୂର୍ଯ୍ୟଙ୍କ ଉତ୍ତର ଦିଗ ଆଡ଼କୁ ଗମନ (ଉତ୍ତରାୟଣ ହେବା ସମୟରେ) ସମୟରେ ମୃତ୍ୟୁବରଣ କରିଥାଏ କିମ୍ବା ଅନ୍ୟ କୌଣସି ଶୁଭ ନକ୍ଷତ୍ର ଏବଂ ମୁହୂର୍ତ୍ତରେ ମରିଥାଏ ସେ ପୂଣ୍ୟଲାଭ କରି ସ୍ୱର୍ଗ ପ୍ରାପ୍ତି କରେ । ମୃତ୍ୟୁ ଯୁଗ ଯୁଗ ଧରି ଏକ ରହସ୍ୟ ପାଲଟିଛି । ଏହି ରହସ୍ୟ ଆଜି ମଧ୍ୟ ଜାରି ରହିଛି । ବୈଦିକ ପରମ୍ପରାରେ ଥିବା ବିଶ୍ୱାସ ଅନୁଯାୟୀ, ଶରୀର ପଞ୍ଚଭୂତ ଅର୍ଥାତ୍ ଅଗ୍ନି, ବାୟୁ, ଜଳ, ପୃଥିବୀ ଏବଂ ଆକାଶ ତତ୍ତ୍ୱରୁ ସୃଷ୍ଟି ହୋଇଥାଏ । ତେଣୁ ଶରୀରରୁ ଆତ୍ମା ତ୍ୟାଗ କରି ଚାଲିଯିବା ପରେ ହିନ୍ଦୁ ଧର୍ମୀୟ ମାନ୍ୟତା ଅନୁଯାୟୀ, ଶବରେ ଅଗ୍ନି ସଂଯୋଗ କରି ଦାହସଂସ୍କାର କରାଯାଏ । ଏପରି କରିବା ପଛରେ କାରଣଟି ହେଉଛି ବ୍ୟକ୍ତି ମୃତ୍ୟୁବରଣ କରିବା ପରେ ଶରୀରରେ ଥିବା ହାନିକାରକ କୀଟାଣୁ ଅଗ୍ନିରେ ପୋଡ଼ି ହୋଇ ନଷ୍ଟ ହୋଇଯାଆନ୍ତି । ଏହାଦ୍ୱାରା ପରିବେଶ ସୁରକ୍ଷିତ ରହିଥାଏ । ଏଥିସହିତ ଶରୀର ଅଗ୍ନିରେ ଦାହ ହେବା କାରଣରୁ ପୁଣିଥରେ ପଞ୍ଚଭୂତରେ ଲୀନ ହୋଇଯାଏ । ବୈଦିକ କାଳରେ ଶବ ଦାହ କରିବା ସମୟରେ ଅନେକ ମନ୍ତ୍ର



ଉଚ୍ଚାରଣ କରାଯାଉଥିଲା । ଏହିସବୁ ମନ୍ତ୍ର ଅଥର୍ବ ବେଦରେ ଉଲ୍ଲେଖ ରହିଛି । ଚିତା ଜଳାଯିବା ସହିତ ଅଗ୍ନିକୁ ପ୍ରଜ୍ୱଳିତ କରିବା ଲାଗି ଏହିସବୁ ମନ୍ତ୍ର ଉଚ୍ଚାରଣ କରାଯାଉଥିଲା ।

## ପବିତ୍ର କୈଳାସ ମାନସରୋବର



ପୁରାଣରେ ବର୍ଣ୍ଣିତ ଅଛି- ଦେବୀ ସତୀଙ୍କ ମୃତଦେହକୁ ଧରି ପାଗଳପ୍ରାୟ ଘୂରି ବୁଲୁଥିବା ମହାଦେବଙ୍କ କ୍ରୋଧ ଶାନ୍ତ କରିବା ଲାଗି ଭଗବାନ ବିଷ୍ଣୁ ସୁଦର୍ଶନ ଚକ୍ର ପ୍ରେରଣ କଲେ । ସୁଦର୍ଶନ ମାତା ସତୀଙ୍କ ଶରୀରକୁ ୫୧ ଖଣ୍ଡରେ ପରିଣତ କଲା । ଏହି ଖଣ୍ଡ ସବୁ ବିଛାଡ଼ି ହୋଇ ବିଭିନ୍ନ ସ୍ଥାନରେ ଛିଟିକି ପଡ଼ିଲା । ଏହି ଖଣ୍ଡଗୁଡ଼ିକ ମଧ୍ୟରୁ ମାତା ସତୀଙ୍କ ଡାହାଣ ହାତ ଖସିପଡ଼ିଥିବା ସ୍ଥାନଟି ପବିତ୍ର କୈଳାସ ପର୍ବତ ପାଦଦେଶରେ ରହିଛି । ଏହି ସ୍ଥାନ ଏବେ ତିବ୍ବତ ସୀମା ଅଧିନ ହିମାଳୟ ପର୍ବତମାଳାର କୈଳାସ ମାନସରୋବର ନିକଟରେ ରହିଛି । ଯାହା ମାନସ ରୂପରେ ପ୍ରସିଦ୍ଧ । ଏଠାରେ ମାତା ଶକ୍ତିଙ୍କୁ ଦାକ୍ଷାୟିନୀ ରୂପରେ ପୂଜା କରାଯାଇଥାଏ । ମହାଦେବଙ୍କ ଭୈରବ ସ୍ୱରୂପ ମଧ୍ୟ ଏଠାରେ ରହିଛନ୍ତି । ଯାହାଙ୍କୁ ଅମର ନାମରେ ଆରାଧନା କରାଯାଇଥାଏ । ତେବେ ଏଠାରେ ମାତା ଶକ୍ତିଙ୍କ କୌଣସି ମନ୍ଦିର ନଥିବା ଜଣାଯାଏ । ଏକ ପ୍ରସ୍ତରରେ ମାତାଙ୍କୁ ପୂଜା କରାଯାଇଥାଏ । ପବିତ୍ର ମାନସରୋବର ଯାତ୍ରାରେ ଯାଉଥିବା ଶ୍ରଦ୍ଧାଳୁମାନେ ଏଠାରେ ମାତା ଶକ୍ତି ଓ ଭଗବାନ ଶିବଙ୍କ କୃପା ଲାଭ କରିଥାନ୍ତି । ତେବେ ଏହି ଯାତ୍ରା ପାଇଁ ଭକ୍ତମାନଙ୍କୁ ଅଶେଷ କଷ୍ଟ ଉଠାଇବାକୁ ପଡ଼ିଥାଏ । ବରଫାବୃତ ହିମାଳୟ ପର୍ବତର ବିୟୁକ୍ତ ତାପମାତ୍ରାରେ ଭକ୍ତମାନଙ୍କୁ ମାନସରୋବର ନିକଟରେ ପହଞ୍ଚିବାକୁ ହୋଇଥାଏ । ସଡ଼କ ଓ ବାୟୁପଥରେ ମାନସରୋବର ଯାତ୍ରା ସମ୍ଭବ ହୋଇାଥାଏ । ମାନସରୋବର ବର୍ତ୍ତମାନ ତିବ୍ବତ୍ ସୀମାରେ ଯାଉଥିବାରୁ ଭାରତ ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏହି ଯାତ୍ରାର ଆୟୋଜନ କରାଯାଇଥାଏ । ଜୁନ୍ ମାସରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଆୟୋଜିତ ହେଉଥିବା ଏହି ଯାତ୍ରା ପାଇଁ ସ୍ୱତନ୍ତ୍ର ଆବେଦନ ଏବଂ ଡାକ୍ତରୀ ପରୀକ୍ଷା କରାଇବାକୁ ହୋଇଥାଏ । କୁହାଯାଏ ମାନସରୋବରରେ ସ୍ନାନ କଲେ ମନୁଷ୍ୟର ସମସ୍ତ ପାପ କ୍ଷୟ ହୋଇଥାଏ ଏବଂ ମୃତ୍ୟୁପରେ ତା'କୁ ଶିବଲୋକ ପ୍ରାପ୍ତି ହୁଏ। ସୃଷ୍ଟିକର୍ତ୍ତା ବ୍ରହ୍ମା ସୃଷ୍ଟି ସର୍ଜନା କରିବା ସମୟରେ ଏହି ସରୋବରର କଳ୍ପନା କରି ଏହାର ସୃଷ୍ଟି କରିଥିଲେ । ସେଥିପାଇଁ ଏହାକୁ ମାନସ ସରୋବର ବା ମାନସରୋବର କୁହାଯାଇଥାଏ । କୈଳାସ ମହାଦେବଙ୍କ ନିବାସସ୍ଥଳ ବୋଲି ପୁରାଣରେ ବର୍ଣ୍ଣିତ ।

## ଓଜନ କମାଇଦେବ 'କାକୁଡି ଡାଏଟ୍'

କୌଣସି ବ୍ୟକ୍ତି ଶରୀରର ଅଧିକ ଓଜନ ପସନ୍ଦ କରନ୍ତି ନାହିଁ। ମୋଟାପଣ କେବଳ ବ୍ୟକ୍ତିର ସୌନ୍ଦର୍ଯ୍ୟ ନଷ୍ଟ କରି ନଥାଏ ନାହିଁ ବରଂ ଅନେକ ରୋଗର କାରଣ ମଧ୍ୟ



ହୋଇଥାଏ। ତେଣୁ ଓଜନ କମାଇବା ପାଇଁ ବିଶେଷଜ୍ଞମାନେ ବିଭିନ୍ନ ପ୍ରକାରର ଖାଦ୍ୟ ଅନୁସରଣ କରିବାକୁ ପରାମର୍ଶ ଦେଇଥାନ୍ତି। ଯେଉଁଥିରେ କାକୁଡି ମଧ୍ୟ ଅନ୍ତର୍ଭୁକ୍ତ। କିନ୍ତୁ ଏହି ଡାଏଟ୍ ଅନୁସରଣ କରିବା ପୂର୍ବରୁ, ଜାଣି ରଖନ୍ତୁ କିଛି ଗୁରୁତ୍ୱପୂର୍ଣ୍ଣ ଜିନିଷ। ଓଜନ ହ୍ରାସ କରିବାରେ କାକୁଡି ଡାଏଟ୍ ଅନେକ ସାହାଯ୍ୟ କରିଥାଏ। ଏହି ଡାଏଟ୍ କୁ ଅନୁସରଣ କରୁଥିବା ଲୋକମାନେ ଅତି ସହଜରେ ୭ ରୁ ୧୪ ଦିନ ମଧ୍ୟରେ ୭ କିଲୋଗ୍ରାମ ପର୍ଯ୍ୟନ୍ତ ଓଜନ ହ୍ରାସ କରିଥାନ୍ତି। ଏହି ଡାଏଟ୍ ରେ କାକୁଡି ତୁଳନାରେ ଅନ୍ୟ ଫଳ ଏବଂ ପନିପରିବାକୁ ସର୍ବନିମ୍ନ ସ୍ତରରେ ରଖିବାକୁ ପରାମର୍ଶ ଦିଆଯାଇଥାଏ। ଉଦାହରଣ ସ୍ୱରୂପ, ଏହି ଖାଦ୍ୟରେ ମୁଖ୍ୟତଃ କିଛି ପ୍ରୋଟିନ୍ ଯୁକ୍ତ ଖାଦ୍ୟ ଯଥା ଅଣ୍ଡା, ଚିକେନ୍, ମାଛ ଏବଂ ବାଦାମ ସାମିଲ କରାଯାଇଥାଏ। କାକୁଡି ଡାଏଟ୍ ଅନୁସରଣ କରୁଥିବା ବ୍ୟକ୍ତିଙ୍କୁ ଅଧିକାଂଶ ଖାଦ୍ୟରେ କାକୁଡି ଖାଇବାକୁ ପରାମର୍ଶ ଦିଆଯାଇଥାଏ। ଏହି ଡାଏଟ୍ ଅନୁଯାୟୀ, ଯେତେବେଳେ ବି ବ୍ୟକ୍ତିଙ୍କୁ ଭୋକଲାଗେ, ସେ କାକୁଡି ଖାଇବା ଉଚିତ। କାକୁଡିରେ କ୍ୟାଲୋରୀ କମ୍ ଥିବାରୁ ଆପଣ ଯେତେ ଚାହିଁବେ ଖାଇପାରିବେ। ଏହା ବ୍ୟତୀତ କାକୁଡିରେ ପ୍ରୋଟିନ୍ କମ୍ ରହିଥାଏ, ତେଣୁ ଏହି ଡାଏଟ୍ କୁ ରୁଟିନ୍ ରେ ସାମିଲ କରିବାବେଳେ କାକୁଡି ସହିତ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ଯେପରିକି ଅଣ୍ଡା, ମାଂସ, ପନିର, ଏବଂ ବାଦାମକୁ ମଧ୍ୟ ଅନ୍ତର୍ଭୁକ୍ତ କରିବା ଉଚିତ। କାକୁଡି ଡାଏଟରେ କମ୍ କ୍ୟାଲୋରୀ ଥିବା ହେତୁ ଏହା ଜଣେ ବ୍ୟକ୍ତିଙ୍କୁ କିଛି ସମୟ ପାଇଁ ଓଜନ ହ୍ରାସ କରିପାରେ, କିନ୍ତୁ ଯେମିତି ବ୍ୟକ୍ତି ନିଜର ପୁରୁଣା ଡାଏଟ୍ ଅନୁସରଣ କରିବା ଆରମ୍ଭ କରେ, ତା'ର ଓଜନ ମଧ୍ୟ ପୁଣି ବଢିଯାଇଥାଏ। ଏହା ବିଶେଷକରି ସେତେବେଳେ ହୋଇଥାଏ ଯେତେବେଳେ ଜଣେ ବ୍ୟକ୍ତି ପୁନର୍ବାର ଖାଇବା ଏବଂ ପିଇବା ଅଭ୍ୟାସ ଉପରେ ନିୟନ୍ତ୍ରଣ ହରାଇ ନିଜ ଡାଏଟ୍ରେ ପୁଷ୍ଟିକର ସମ୍ବନ୍ଧୀୟ ଜିନିଷକୁ ସାମିଲ କରିନଥାଏ। ତେଣୁ, ବଢୁଥିବା ଓଜନକୁ ନିୟନ୍ତ୍ରଣ କରିବା କିମ୍ବା କମାଇବା ସହିତ ନିଜ ସ୍ୱାସ୍ଥ୍ୟକୁ ମଧ୍ୟ ଆହୁରି ଉନ୍ନତ ରଖିବା ପାଇଁ, ଆପଣଙ୍କ ଖାଦ୍ୟରେ ବିଭିନ୍ନ ପ୍ରକାରର ଖାଦ୍ୟ ଅନ୍ତର୍ଭୁକ୍ତ କରନ୍ତୁ।

## ନିର୍ଗୁଣ୍ଡି ପୁରୁଣା ଟୋଲ ଗେଟ ହତ୍ୟାକାଣ୍ଡ ମାମଲା, ଅଭିଯୁକ୍ତକୁ ଆଜୀବନ ଜେଲଦଣ୍ଡ

କଟକ, (ମହାଭାରତ) : କଟକ ନିର୍ଗୁଣ୍ଡି ପୁରୁଣା ଟୋଲ ଗେଟ ହତ୍ୟାକାଣ୍ଡ ମାମଲାରେ ଅଭିଯୁକ୍ତକୁ ଆଜୀବନ ଜେଲଦଣ୍ଡ । ରାୟ ଶୁଣାଇଲେ କଟକ ଜିଲ୍ଲା ଦୌରାଜଜ୍ କୋର୍ଟ। ୨୦୨୧ ଜୁଲାଇ ୯ ତାରିଖରେ ଏହି ଲୋମହର୍ଷକାରୀ ହତ୍ୟାକାଣ୍ଡ ଘଟିଥିଲା । ଅଶୋକ ମହାନ୍ତି ନାମକ ଯୁବକ ନିର୍ଗୁଣ୍ଡି ଟୋଲ ଗେଟ ନିକଟରେ ଥିବା ଲରି ଫାର୍ମରେ କାର୍ଯ୍ୟ କରୁଥିଲେ। ସେହି ଲରି ଫାର୍ମ ନିକଟରେ ଥିବା ଏକ ହୋଟେଲରେ ବିପିନ ବେହେରା ରୋଷେୟା ଭାବେ କାମ କରୁଥିଲା । ହୋଟେଲ ଆସି ଖାଇବାକୁ ଦେବାକୁ ରୋଷେୟା ବିପିନକୁ କହିଥିଲା ଅଶୋକ । ଏନେଇ ଉଭୟଙ୍କ ମଧ୍ୟରେ ପାତିତୁଣ୍ଡ ହୋଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ ବିପିନ ଏକ ଛୁରିରେ ଅଶୋକର ଗଳା କାଟି ହତ୍ୟା କରିଥିଲା । ଏହି ହତ୍ୟାକାଣ୍ଡର ଶୁଣାଣି କରି ଅଭିଯୁକ୍ତ ବିପିନ ବେହେରାକୁ ଦୋଷୀ ସାବ୍ୟସ୍ତ କରିବା ସହିତ ଆଜୀବନ ସଶ୍ରମ କାରାଦଣ୍ଡ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ । ଏହା ସହ ୫ ହଜାର ଟଙ୍କା ଜରିମାନା ଏବଂ ଜରିମାନା ଅନାଦେୟ ଅଧିକ ୩ ମାସ ଜେଲଦଣ୍ଡ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ୧୩ ଜଣ ସାକ୍ଷୀଙ୍କ ବୟାନ ଓ ୨୫ ଟି ଦସ୍ତାବିଜ ଆଧାରରେ କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି । ସରକାରଙ୍କ ପକ୍ଷରୁ ଇନଚାର୍ଜ ପିପି ବିଶ୍ୱଜିତ ବରାଳ ମାମଲା ପରିଚାଳନା କରୁଥିବା ବେଳେ ସହଯୋଗୀ ଓକିଲ ଭାବେ ସୌରଭ ସାମଲ ମାମଲା ପରିଚାଳନା କରିଥିଲେ ।

## ରିଜିଓନାଲ କଲେଜ ଅଫ ମ୍ୟାନେଜମେଣ୍ଟର ମେଗା ବି-ଫେଷ୍ଟ 'ବ୍ରହ୍ମାସ୍ତ୍ର ୩. ୦'

ଭୁବନେଶ୍ୱର, (ମହାଭାରତ) : ରିଜିଓନାଲ୍ କଲେଜ ଅଫ୍ ମ୍ୟାନେଜମେଣ୍ଟ୍ ପାଳନ କରିବାକୁ ଯାଉଛି ତା'ର ମେଗା ଫେଷ୍ଟ ବ୍ରହ୍ମାସ୍ତ୍ର ୩. ୦ କ୍ଷ ଏହି ଅବସରରେ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ଆରସିଏମ ର ନିର୍ଦ୍ଦେଶକ ଡକ୍ଟର ପ୍ରିତମ ପାଲ, ଆରଜିବିଏସ ର ନିର୍ଦ୍ଦେଶିକା ଡକ୍ଟର ସଂଘମିତ୍ରା ପାଲ, ଡକ୍ଟର ମନୋଜ କୁମାର ଶତପଥୀ, ଡକ୍ଟର ଶ୍ରଦ୍ଧା ପାଢ଼ୀ, ପ୍ରଜ୍ଞା ଆନନ୍ଦ ମିଶ୍ର, ପ୍ରଫେସର ପ୍ରଜ୍ଞା ପାରମିତା ଦାସ, ଡକ୍ଟର ମୋନାଲିସା ମିଶ୍ର, ପ୍ରଫେସର ଶବନୁର ଖାତୁନ ପ୍ରମୁଖ ଉପସ୍ଥିତ ରହି ଗଣମାଧ୍ୟମକୁ ଏହି ବ୍ରହ୍ମାସ୍ତ୍ର ୩. ୦ ବିଷୟରେ ସମସ୍ତ ବିବରଣୀ ପ୍ରଦାନ କରିଥିଲେ। ବ୍ରହ୍ମାସ୍ତ୍ର ପାଳନ କରୁଛି, ଏହାର ବାର୍ଷିକ ମେଗା-ଫେଷ୍ଟ କ୍ଷ ଏକ ଅଭୂତପୂର୍ବ ବିଶାଳ କାର୍ଯ୍ୟକ୍ରମ ଯାହା କେବଳ ଓଡ଼ିଶା ରାଜ୍ୟ ନୁହେଁ ବରଂ ସାରା ଦେଶର ଶିକ୍ଷା ଭାଇଚାରାମାନଙ୍କୁ ଏକତ୍ରିତ କରି ଏକ ଶିକ୍ଷା ଇକୋସିଷ୍ଟମ୍ ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ରଖିଛି, ଯେଉଁଠାରେ ଛାତ୍ରଛାତ୍ରୀ ଭବିଷ୍ୟତର ବୃତ୍ତିଗତମାନେ ସେମାନଙ୍କର ସହଜାତ ସମ୍ଭାବନାକୁ ଏକତ୍ରିତ କରିପାରନ୍ତି । ଶକ୍ତି, ଆଗ୍ରହ ଏବଂ ଆକାଂକ୍ଷା ଶିଖନ୍ତି। ବ୍ରହ୍ମାସ୍ତ୍ର ଏକ ସୁଯୋଗ ପ୍ରଦାନ କରେ ଯେ 'ଶିକ୍ଷଣ କରିବା ମାଧ୍ୟମରେ ହୁଏ' ଯାହା ନେତୃତ୍ୱ, ସଂଗଠନ ଦକ୍ଷତା, ଦଳଗତ କାର୍ଯ୍ୟ, ଯୋଜନା ଏବଂ ରଣନୀତିରେ ଏକ ବାସ୍ତବ ଜୀବନ ଏବଂ ଚାକିରି ସମୟରେ ଅଭିଜ୍ଞତା ପାଇ ଏକ ଦ୍ରୁତ ପରିବର୍ତ୍ତିତ ବିଶ୍ୱ ବ୍ୟବସାୟ ପରିସ୍ଥିତି ଏବଂ ମନକୁ ବିଚଳିତ କରୁଥିବା ବୈଷୟିକ ବିପ୍ଳବରେ ନୂତନତମ ବଜାର ଚାଳିତ ଚାହିଦା ପ୍ରତି ସେମାନଙ୍କର ଆଖି ଖୋଲିଥାଏ। ଅସାଧାରଣ ଯୋଗ୍ୟତାସମ୍ପନ୍ନ ଅଭିଜ୍ଞ ଅଧ୍ୟାପକ ଏବଂ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସମ୍ପୂର୍ଣ୍ଣ ଭାବରେ ଆୟୋଜିତ, ବ୍ରହ୍ମାସ୍ତ୍ର ଏହାର ପୂର୍ବ ସଂସ୍କରଣଗୁଡ଼ିକରେ ଅଭୂତପୂର୍ବ ସଫଳତା ଦେଖିଛି। ଚଳିତ ବର୍ଷ ଏହି ମେଗା-ଇଭେଣ୍ଟକୁ ଅନେକ ଗୁଣରେ ବୃଦ୍ଧି କରାଯାଇଛି ଯେଉଁଥିରେ ପରିଚାଳନା ଏବଂ ଆଇଟି ପ୍ରତିଯୋଗିତା, କ୍ରୀଡା, ସାଂସ୍କୃତିକ କାର୍ଯ୍ୟକ୍ରମ, ଖାଦ୍ୟ ଫିଏଷ୍ଟା/ପ୍ରତିଯୋଗିତା ଏବଂ ଦ୍ରୋଣ, ଏକ ଅନନ୍ୟ ଅଧ୍ୟାପକ ନିବେଶ କାର୍ଯ୍ୟକଳାପ ଏବଂ ପ୍ରତିଯୋଗିତା ଭଳି ୩୭ଟି ଇଭେଣ୍ଟ ଅନ୍ତର୍ଭୁକ୍ତ ହୋଇଛି, ଯାହା ନେତା ସୃଷ୍ଟି କରୁଥିବା ଏବଂ ଦେଶ ନିର୍ମାଣ କରୁଥିବା ଲୋକଙ୍କୁ ବହୁତ ଉତ୍ସାହ ଏବଂ ପ୍ରେରଣା ଦେବ । ବ୍ରହ୍ମାସ୍ତ୍ର ୨୦୨୫ ଦୀର୍ଘ ୫ ଦିନ ବ୍ୟାପୀ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ୨୫ ଏପ୍ରିଲରୁ ୨୯ ଏପ୍ରିଲ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ଏହି ମେଗା-ବି-ଫେଷ୍ଟ ବିଷୟରେ ଆରସିଏମର ନିର୍ଦ୍ଦେଶକ ଡକ୍ଟର ପ୍ରୀତମ ପାଲ କହିଛନ୍ତି - 'ପରିବର୍ତ୍ତିତ ସମୟ ପାଇଁ ପରିବର୍ତ୍ତନଶୀଳ ଦୃଷ୍ଟିକୋଣ ଏବଂ ଆମର ଭବିଷ୍ୟତ ପିଢ଼ିକୁ ଆମେ କ'ଣ ଏବଂ କିପରି ଶିକ୍ଷା ଦେଉଛୁ ସେଥିରେ ୩୬୦ଡିଗ୍ରୀ ପାରଦର୍ଶିତା ପରିବର୍ତ୍ତନ ଆବଶ୍ୟକ; ଏହା ଯେକୌଣସି ଏକ ପ୍ରତିଷ୍ଠାନ ପାଇଁ ଏକ ଅସମ୍ଭବ କାର୍ଯ୍ୟ। ମୁଁ ଆମର ସମସ୍ତ ଛାତ୍ର ଏବଂ ଆମର ସମକକ୍ଷ ଅନୁଷ୍ଠାନକୁ ଅନୁରୋଧ ଏବଂ ନିମନ୍ତ୍ରଣ କରୁଛି - ଆସନ୍ତୁ ସମସ୍ତେ ମିଶି କାଲିଠାରୁ ଆଗକୁ ଦେଖିବା।' ଓଡ଼ିଶା ରାଜ୍ୟରେ ପରିଚାଳନା ଶିକ୍ଷାର ଅଗ୍ରଣୀ ଆର.ସି.ଏମ ଏହାର ଟେକ୍ନୋଲୋଜି-ଚାଳିତ ଶିକ୍ଷା, ଦକ୍ଷତା ଏବଂ ଜ୍ଞାନରେ ସମସାମୟିକ ବଜାର ଚାହିଦା ସହିତ ସମନ୍ୱୟ ରକ୍ଷା କରି ଅଭିନବ ପାଠ୍ୟକ୍ରମ ପାଇଁ ସ୍ୱୀକୃତିପ୍ରାପ୍ତ, ସମସ୍ତ ଶିକ୍ଷାନୁଷ୍ଠାନ, ଛାତ୍ର ଏବଂ ଅଧ୍ୟାପକଙ୍କୁ ଭବିଷ୍ୟତ ଅଭିମୁଖେ ଏକ ଯାତ୍ରାରେ ଯୋଗଦେବା ପାଇଁ ପ୍ରସ୍ତୁତ ହେଉଛି ଏବଂ ଏକ ନୂତନ ବିଶ୍ୱ ନିର୍ମାଣ କରିବା ପାଇଁ ଯୁବ ପ୍ରତିଭାର ଏକ ପୁଲ ସୃଷ୍ଟି କରିବାକୁ ଆମନ୍ତ୍ରଣ କରୁଛି।

## ରୋଶନି ଝୋଟଶିଳ୍ପ ଉତ୍ପାଦନ କେନ୍ଦ୍ର ପକ୍ଷରୁ ଦହିପଣା ବର୍ଣ୍ଟନ




ଭୁବନେଶ୍ୱର/ଖୋର୍ଦ୍ଧା :(ମହାଭାରତ) ସାରା ରାଜ୍ୟରେ ରୌଦ୍ରତାପ ବଢିବାରେ ଲାଗିଥିବା ବେଳେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଜିଲା ଟି.ପି.ସି.ଓ.ଡି.ଏଲ୍ ଅନୁବନ୍ଧିତ ସଂସ୍ଥା ରୋଶନି ଝୋଟଶିଳ୍ପ ଉତ୍ପାଦନ କେନ୍ଦ୍ରର ଛାତ୍ରଛାତ୍ରୀଙ୍କ ପକ୍ଷରୁ ଖୋର୍ଦ୍ଧା ଟି.ଏଲ୍.ସି ରୋଡ଼ ସ୍ଥିତ ବିଦ୍ୟୁତ୍ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ ଠାରେ ଏକ ଜଳଛତ୍ରର ସେବା ଆୟୋଜିତ ହୋଇ ଯାଇଥିଲା। ଏଥିରେ ଖୋର୍ଦ୍ଧା ବିଦ୍ୟୁତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପବିତ୍ର ମୋହନ ଜେନା, ପ୍ରଶିକ୍ଷଣ ସଂସ୍ଥାର ସମ୍ପାଦକ ସତ୍ୟ ନାରାୟଣ ମିଶ୍ର ପ୍ରମୁଖ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଏହି ରାସ୍ତା ଦେଇ ଯାତାୟତ କରୁଥିବା ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ପଥଚାରୀ ଏବଂ ଯାନବାହନରେ ଯା ଆସ କରୁଥିବା ବ୍ୟକ୍ତି ଉତ୍ପାଦନ କେନ୍ଦ୍ରର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଦହିପଣା ପିଇବା ସହିତ ଏହି ଜଳସେବାର ଆନନ୍ଦ ନେଇଥିବା ବେଳେ ଏଭଳି ମହତ୍ ପ୍ରୟାସ ପାଇଁ ଆୟୋଜକଙ୍କୁ ସାଧୁବାଦ୍ ଜଣାଇଥିଲେ। ଉକ୍ତ ରାସ୍ତାରେ ପାନୀୟ ଜଳର ବ୍ୟାପକ ସୁବିଧା ନଥିବା ସହିତ ଗ୍ରୀଷ୍ମପ୍ରବାହକୁ ଆଖି ଆଗରେ ରଖି ଏହି ଜଳସେବା ବିତରଣ କରାଯାଇଥବା କଥା ଉତ୍ପାଦନ କେନ୍ଦ୍ରର ଗୋଷ୍ଠୀ ସହାୟକ ରଶ୍ମି ପଟ୍ଟନାୟକ ଏବଂ ଶୁଭମ୍ ପୁରୋହିତ କହିଛନ୍ତି ।

## ଟ୍ୱିନ ସିଟିରେ ହେବ ଆଇଟି ପାର୍କ: ପୂର୍ତ୍ତ ମନ୍ତ୍ରୀ

ଭୁବନେଶ୍ୱର, (ମହାଭାରତ) : ଟ୍ୱିନ ସିଟିରେ ହେବ ଆଇଟି ପାର୍କ ଏନେଇ ସୂଚନା ଦେଲେ ପୂର୍ତ୍ତ ମନ୍ତ୍ର ପୃଥ୍ୱୀରାଜ ହରିଚନ୍ଦନ । ୧୦୦୦ ହେକ୍ଟର ଜମିରେ ତିଆରି ହେବ ନୂଆ ଆଇଟି ପାର୍କ । ଆଇଟି ଶିଳ୍ପ ପାଇଁ ତିଆରି ହେବ ପ୍ଲଗ ଆଣ୍ଡ ପ୍ଲେ ସୁବିଧା ଥିବା ବିଲ୍ଟ ଅପ ଏରିଆ । ଭୁବନେଶ୍ୱରରେ ୧୦ ନିୟୁତ ବର୍ଗ ମିଟରର ହେବ ବିଲ୍ଟ ଅପ ଏରିଆ । ୫ ବର୍ଷରେ ସଡକ ନିର୍ମାଣରେ ଖର୍ଚ୍ଚ ହେବ ୨ ଲକ୍ଷ ୩୦ ହଜାର କୋଟି । ରାଜ୍ୟର ୫ ବଡ ସହର ସମେତ ୧୧ଟି ସହରରେ ତିଆରି ହେବ ରିଙ୍ଗ ରୋଡ । ବ୍ରହ୍ମପୁରରୁ ଜୟପୁର ମଧ୍ୟରେ ନିର୍ମାଣ ହେବ ଗ୍ରୀନ ଫିଲ୍ଡ କରିଡର । ୫ ବର୍ଷରେ ରାଜ୍ୟରେ ୧୫ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା ମିଳିବ ।

# ଜେଇଇ ମେନ: ଅଲ୍ ଇଣ୍ଡିଆ ଟପ୍ପର୍ ହେଲେ ଓଡ଼ିଶା ଛାତ୍ର ଓମ୍ ପ୍ରକାଶ ବେହେରା



ଭୁବନେଶ୍ୱର, (ମହାଭାରତ) : ଅଲ୍ ଇଣ୍ଡିଆ ଟପ୍ପର୍ ହେଲେ ଅସାଧାରଣ ପ୍ରତିଭାଶାଳୀ ଛାତ୍ର ଓମ୍ ପ୍ରକାଶ ବେହେରା । ଜେଇଇ ମେନ୍ ୨୦୨୫ର ଏପ୍ରିଲ ସେସନ୍‌ରେ ପୁରା ଭାରତରେ ପ୍ରଥମ ରାଙ୍କ୍ ହାସଲ କରି ସାରା ଦେଶରେ ସ୍ୱତନ୍ତ୍ର ପରିଚୟ ହାସଲ କରିଛନ୍ତି ଓମ୍ ପ୍ରକାଶ । ୨୦୦୮ ଜାନୁଆରୀ ୧୨ରେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ଜନ୍ମଗ୍ରହଣ କରିଥିବା ଓମ୍ ପ୍ରକାଶ ନିଜର କଠିନ ପରିଶ୍ରମକୁ ଦେଖାଇଛନ୍ତି । ଏଭଳି ସଫଳତା ପାଇ ସାରା ଦେଶର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ଓମ୍ ପ୍ରକାଶ । ଓମ ପ୍ରକାଶଙ୍କ ବାପା କମଳକାନ୍ତ ବେହେରା ଓଡ଼ିଶା ପ୍ରଶାସନିକ ସେବାରେ କାର୍ଯ୍ୟରତ ଅଛନ୍ତି। ତେବେ ତାଙ୍କ ମା' ସ୍ମିତାରାଣୀ ବେହେରା ଅଧ୍ୟାପିକା ଭାବେ କାର୍ଯ୍ୟ ତୁଲାଉଛନ୍ତି । ପୁଅର ପାଠପଢ଼ା ପାଇଁ ସ୍ମିତାରାଣୀ ନିଜ କ୍ୟାରିୟରରୁ ତିନି ବର୍ଷର ବିରତି ନେଇ କୋଟାରେ ଓମ ପ୍ରକାଶଙ୍କ ସହିତ ରହିଥିଲେ । ଦଶମ ଶ୍ରେଣୀରେ ୯୨% ନମ୍ବର ରଖିବା ପରେ ଓମପ୍ରକାଶ କୋଟାର ଏକ ଇନଷ୍ଟିଚ୍ୟୁଟ୍‌ରେ ଆଡମିସନ୍ ନେଇଥିଲେ । ଗତ ତିନି ବର୍ଷ ଧରି ସେ ନିୟମିତ ଭାବେ କ୍ଲାସ୍ ରେ ଯୋଗ ଦେଇ ଜାନୁଆରୀ ସେସନରେ ଭଲ ସ୍କୋର କରିଥିଲେ ଏବଂ ଏପ୍ରିଲ ସେସନରେ ମଧ ନିଜ ଦକ୍ଷତାର ଯାଦୁ ଦେଖାଇ ଇଓଜ-୧ ହାସଲ କରିଛନ୍ତି । ଓମପ୍ରକାଶ ନିଜ ସଫଳତାର ଶ୍ରେୟ ବାପା ମା' ଓ ଶିକ୍ଷକଙ୍କୁ ଦେଇଛନ୍ତି । ସେ ପ୍ରତିଦିନ ୮-୯ ଘଣ୍ଟା ଧରି ପାଠ ପଢୁଥିଲେ । ଆଜିର ଡିଜିଟାଲ୍ ଯୁଗରେ ଯୁବପିଢ଼ି ସୋସିଆଲ ମିଡିଆ ଏବଂ ସ୍ମାର୍ଟଫୋନରେ ସମୟ ଦେଉଥିବାବେଳେ ଓମ୍ ପ୍ରକାଶ ସବୁବେଳେ ଫୋନ୍ ଠାରୁ ଦୂରେଇ ରୁହନ୍ତି । ବର୍ତ୍ତମାନ ଓମପ୍ରକାଶ ଆଡଭାନ୍ସଡ୍ ପାଇଁ ପ୍ରସ୍ତୁତି ଜାରି ରଖିଛନ୍ତି। ସେ ଆଇଆଇଟି ମୁମ୍ବାଇରୁ କମ୍ପ୍ୟୁଟର ସାଇନ୍ସ ବ୍ରାଞ୍ଚରୁ ବି.ଟେକ୍ କରିବା ପାଇଁ ସ୍ୱପ୍ନ ଦେଖିଛନ୍ତି । ଯେଉଁ ଛାତ୍ରଛାତ୍ରୀମାନେ ଭଳି କଠିନ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଛନ୍ତି ସେମାନଙ୍କ ପାଇଁ ଓମପ୍ରକାଶଙ୍କ ଏହି ସଫଳତା ପ୍ରେରଣା ଯୋଗାଇବ ନିଶ୍ଚିତ। ଓମପ୍ରକାଶଙ୍କ କଠିନ ପରିଶ୍ରମ ତାଙ୍କୁ ଦେଶରେ ଶ୍ରେଷ୍ଠ କରିଛି । କୋଟାର ପ୍ରତିଯୋଗିତାମୂଳକ ପରିବେଶ ତାଙ୍କ ପ୍ରତିଭାକୁ ଆହୁରି ବଢ଼ାଇଛି କିନ୍ତୁ ଓମ ପ୍ରକାଶଙ୍କ ଦୃଢ଼ ନିଷ୍ପତ୍ତି ତାଙ୍କୁ ଶୀର୍ଷରେ ପହଞ୍ଚାଇଛି ।

# ରାଶନ କାର୍ଡ ପ୍ରସ୍ତୁତି ୨୨ ସୁଦ୍ଧା ଶେଷ କର



ଭୁବନେଶ୍ୱର, (ମହାଭାରତ) : ରାଜ୍ୟରେ ଦୀର୍ଘଦିନ ଧରି ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ଥିବା ଯୋଗ୍ୟ ବ୍ୟକ୍ତିଙ୍କୁ ଖୁବ୍ ଶୀଘ୍ର ରାଶନକାର୍ଡ ଯୋଗାଇ ଦିଆଯିବ। ଏଥିପାଇଁ ବ୍ଲକ ଓ ପୌରାଞ୍ଚଳସ୍ତରରେ ପ୍ରସ୍ତୁତି ପ୍ରକ୍ରିୟା ଚଳିତମାସ ୨୨ ସୁଦ୍ଧା ଶେଷ କରିବାକୁ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂହ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସବୁ ଜିଲାପାଳଙ୍କୁ ପ୍ରମୁଖ ସଚିବ ସଞ୍ଜୟ ପ୍ରଦାନ କରିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି, ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନା ନିୟମ-୨୦୨୦ ଅନୁଯାୟୀ ଯୋଗ୍ୟ ହିତାଧିକାରୀଙ୍କୁ ନୂତନ ରାଶନ କାର୍ଡ ଯୋଗାଇ ଦିଆଯିବ। ଏଥିପୂର୍ବରୁ ଥିବା ରାଶନକାର୍ଡ ତାଲିକାରେ ନୂତନ ସଦସ୍ୟଙ୍କୁ ଯୋଡ଼ିବା ପାଇଁ ସରକାର ଏକ ଚୂଡ଼ାନ୍ତ ତାଲିକାକୁ ଅନୁମୋଦନ ଦେଇଛନ୍ତି । ତେଣୁ ଏପ୍ରିଲ ୨୨ ପୂର୍ବରୁ ନୂଆ ରାଶନ କାର୍ଡ ପ୍ରସ୍ତୁତି କାର୍ଯ୍ୟ ଶେଷ କରିବାକୁ ସଞ୍ଜୟ ଉକ୍ତ ପତ୍ରରେ ଦର୍ଶାଇଛନ୍ତି। ପତ୍ରରେ ସେ ଆହୁରି ଉଲ୍ଲେଖ କରିଛନ୍ତି, ଏପ୍ରିଲ ୨୨ ପୂର୍ବରୁ ସଂପୃକ୍ତ ବିଡିଓ ଏବଂ ପୌରାଞ୍ଚଳ ଅଧିକାରୀଙ୍କୁ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରଦାନ କରାଯିବ। ରାଶନ କାର୍ଡରେ ଥିବା ସମସ୍ତ ସଦସ୍ୟଙ୍କ ଇ-କେୱାଇସି ଯାଞ୍ଚ ପରେ ଡ୍ରାଫ୍ଟ ପ୍ରାଥମିକତା ତାଲିକା (ଡିପିଏଲ)ରେ ରଖାଯାଇଥିବା ଯୋଗ୍ୟ ହିତାଧିକାରୀଙ୍କୁ ଚୂଡ଼ାନ୍ତ ପ୍ରାଥମିକତା ତାଲିକାକୁ ସ୍ଥାନାନ୍ତର କରିବା ଏବଂ ରାଶନ କାର୍ଡ ପିଡିଏଫ୍ ସୃଷ୍ଟି କରିବା ପାଇଁ ଆରସିଏମ୍ଏସ୍‌ରେ ବ୍ଲକ/ୟୁଏଲ୍ ?ବି ସ୍ତରର ବିଡିଓଙ୍କୁ ସ୍ୱୀକୃତି ଦିଆଯାଇଛି । ସେମାନେ ଉକ୍ତ ତାଲିକା ଅନୁଯାୟୀ ହିତାଧିକାରୀଙ୍କ ଇ-କେୱାଇସି ଯାଞ୍ଚ କରିବେ। ଯାଞ୍ଚ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ବିଡିଓ ଓ ମହାନଗର ନିଗମ ଆୟୁକ୍ତ ତଥା ପୌରାଞ୍ଚଳ ଅଧିକାରୀ ରଙ୍ଗିନ ରାଶନ କାର୍ଡ ପିଡିଏଫ୍ ଫର୍ମାଟରେ ପ୍ରସ୍ତୁତ କରିବେ । ସେଥିରେ ରାଶନକାର୍ଡର ଉଭୟ ପକ୍ଷରେ ହିତାଧିକାରୀଙ୍କ ସମ୍ପୂର୍ଣ୍ଣ ବିବରଣୀ ରହିବ। ତେବେ ନୂତନ ରାଶନକାର୍ଡ ପିଛା ୧୦ଟଙ୍କା ଲେଖାଏ ଖର୍ଚ୍ଚ କରାଯାଇ ପାରିବ। ଏହାବାଦ୍ ରାଶନକାର୍ଡର ଲମ୍ବ, ଓସାର ଏବଂ ମୋଟେଇ କେତେ ରହିବ ତାହା ନେଇ ନିର୍ଦ୍ଦିଷ୍ଟ ସ୍ପେସିଫିକେଶନ ପ୍ରଦାନ କରାଯାଇଛି। ନୂତନ ରାଶନ କାର୍ଡ ବଣ୍ଟନ ପୂର୍ବରୁ ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ, ପୌର କମିଶନର/କାର୍ଯ୍ୟକାରୀ ଅଧିକାରୀମାନେ ୨୦ ଏପ୍ରିଲ ସୁଦ୍ଧା ରାଶନ କାର୍ଡ ତାଲିକାକୁ ଲାମିନେଟ୍ କରିବେ। ରାଶନ କାର୍ଡର ଲାମିନେଟେଡ୍ କପିଗୁଡ଼ିକ ବ୍ଲକ କିମ୍ବା ପୌରାଞ୍ଚଳ କାର୍ଯ୍ୟାଳୟରେ ରଖାଯିବ। ଏହାପରେ ଜିଲାପାଳଙ୍କ ଦ୍ୱାରା ନିର୍ଦ୍ଧାରିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନୂତନ ରାଶନ କାର୍ଡ ବଣ୍ଟନ କରାଯିବ।

## ମାଲେସିଆ ଗସ୍ତରେ ଯିବେ କୃଷକ ଓ କୃଷି ଅଧିକାରୀ

ଭୁବନେଶ୍ୱର, (ମହାଭାରତ) : ମାଲେସିଆ ଗସ୍ତରେ ଯିବେ କୃଷକ ଓ କୃଷି ଅଧିକାରୀ । କୃଷି ଓ କୃଷକ ସଶକ୍ତିକରଣ ବିଭାଗ,ଜଳସଂପଦ ବିଭାଗର ମିଳିତ ସହଯୋଗରେ ୧୪ ଜଣ କୃଷକ ଓ ୧୪ ଜଣ ଅଫିସରଙ୍କୁ ମନୋନୀତ କରାଯାଇଛି । ଶୁକ୍ରବାର ଆନୁଷ୍ଠାନିକ ଭାବରେ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ । ଏପ୍ରିଲ ୧୯ରୁ ୨୬ ଯାଏ ୮ଦିନିଆ ବିଦେଶ ଗସ୍ତ କାର୍ଯ୍ୟକ୍ରମ ରହିଛି । ଗସ୍ତ କାଳରେ କୃଷି ଭିତ୍ତିକ ଶିଳ୍ପ, କୃଷି ଅନୁସନ୍ଧାନ କେନ୍ଦ୍ର ପରିଦର୍ଶନ କରିବେ ଚାଷୀ ଓ କୃଷି ଅଧିକାରୀ। ଛତୁ ଉତ୍ପାଦନ, ଆଧୁନିକ ପ୍ରଣାଳୀରେ ଉନ୍ନତ ଉଦ୍ୟାନ କୃଷି ଏବଂ ଜଳବାୟୁ ସହନଶୀଳ କୃଷି ପଦ୍ଧତି ଶିଖିବା ପାଇଁ ସେଠାରେ ସୁଯୋଗ ମିଳିବ । ରାଜ୍ୟରେ କୃଷିଜାତ ଦ୍ରବ୍ୟର ଉତ୍ପାଦନ ଓ ବ୍ୟବସାୟକୁ ଦ୍ୱିଗୁଣିତ କରିବା ଲକ୍ଷ୍ୟରେ ଏଭଳି କାର୍ଯ୍ୟକ୍ରମ ହେଉଛି । ମାଲେସିଆ ଗସ୍ତ କାଳରେ ପ୍ରତି ଦିନର ରିପୋର୍ଟ ପ୍ରସ୍ତୁତ କରିବାକୁ ଚାଷୀ ଓ ଅଫିସରଙ୍କୁ ପରାମର୍ଶ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ । ମାଲେସିଆରୁ ଓଡ଼ିଶା ଫେରିବା ପରେ ୩ଦିନ ମଧ୍ୟରେ ସମସ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ରିପୋର୍ଟ ନଦେଲେ ପଦୋନ୍ନତି ସମୟରେ ବିଚାର କରାଯିବ ବୋଲି ଚେତାଇ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ।

# ୫୦ରୁ ୬୦ କି.ମି. ବେଗରେ ବହିବ ପବନ: ଅରେଞ୍ଜ ୱାର୍ନିଂ ଜାରି

ଭୁବନେଶ୍ୱର, (ମହାଭାରତ) : ରାଜ୍ୟର ବିଭିନ୍ନ ଜିଲାରେ କିଛିଦିନ ହେବ କାଳବୈଶାଖୀ ତାଣ୍ଡବ ରଚୁଛି। ବିଜୁଳି ଘଡ଼ଘଡ଼ି ସହ ବର୍ଷା ଓ ପବନ ବ୍ୟାପକ କ୍ଷୟକ୍ଷତି ଘଟାଉଛି। ଶୁକ୍ରବାର ଦ୍ୱୈତନଗରୀ କଟକ ଓ ଭୁବନେଶ୍ୱର ସମେତ ବାଲେଶ୍ୱର, ଭଦ୍ରକ, କଟକ, ଖୋର୍ଦ୍ଧା ଆଦି ଅଧିକାଂଶ ଜିଲାରେ ଝଡ଼ବର୍ଷା ହୋଇଥିଲା। ବହୁ ସ୍ଥାନରେ ଗଛ ଭାଙ୍ଗିପଡ଼ିବା ସହ ଫସଲ ନଷ୍ଟ ହୋଇଛି। ବହୁ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଥିବାବେଳେ କେତେକ ସ୍ଥାନରେ କାଳବୈଶାଖୀଜନିତ ଅଘଟଣ ଦେଖିବାକୁ ମିଳିଛି। ୨୫ ତାରିଖ ପର୍ଯ୍ୟନ୍ତ ଏପରି ସ୍ଥିତି ଲାଗି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଶନିବାର ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକରେ ଘଣ୍ଟା ପ୍ରତି ୫୦ରୁ ୬୦ କି.ମି. ବେଗରେ ପବନ ବହିବା ସହ ପ୍ରବଳ ବର୍ଷା ହେବାନେଇ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ଏହିସବୁ ଜିଲାରେ ବିଶେଷକରି ଅପରାହ୍ନ ଓ ସନ୍ଧ୍ୟାରେ ଝଡ଼ପବନର ଆଶଙ୍କା ରହିଛି। ସେହିପରି କୋରାପୁଟ, ରାୟଗଡ଼ା, ଗଞ୍ଜାମ ଓ ଗଜପତି ଜିଲାର କିଛି ସ୍ଥାନରେ ଘଣ୍ଟା ପ୍ରତି ୪୦ରୁ ୫୦ କି.ମି. ବେଗରେ ପବନ ବହିବା ସହ ଅପରାହ୍ନ ଓ ସନ୍ଧ୍ୟାରେ ଘଡ଼ଘଡ଼ି ସହିତ ବର୍ଷା ନେଇ ଅନୁମାନ କରାଯାଇଛି। ଏଥିପାଇଁ ଏହିସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ତେବେ ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍?ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ବୌଦ୍ଧ, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର ଓ ମାଲକାନଗିରି ଜିଲାରେ ମଧ ଶନିବାର ବର୍ଷା ହୋଇପାରେ। ଘଣ୍ଟା ପ୍ରତି ୩୦ରୁ ୪୦ କି.ମି. ବେଗରେ ପବନ ସହ ବିଜୁଳି ଘଡ଼ଘଡ଼ି ବିପଦ ରହିଥିବାରୁ ଏହି ଜିଲାଗୁଡ଼ିକୁ ମଧ ୟେଲୋ ୱାର୍ନିଂ ଜାରି କରାଯାଇଛି। ଆସନ୍ତା ୪ରୁ ୫ ଦିନ ମଧ୍ୟରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହୋଇ ନ ପାରେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# କ୍ୟାସ୍‌ଲେସ୍ ହେଲଥ୍ କାର୍ଡ ଲାଗୁପାଇଁ ସରକାରୀ କର୍ମଚାରୀଙ୍କ ଦାବି



ଭୁବନେଶ୍ୱର, (ମହାଭାରତ) : ଓଡିଶା ସରକାରୀ ମିଳିତ କର୍ମଚାରୀ ମହାସଂଘ ମାନ୍ୟବର ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ,ସ୍ୱାସ୍ଥ୍ୟ ମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବକୁ କ୍ୟାସ୍‌ଲେସ୍ ହେଲଥ୍ କାର୍ଡ ଲାଗୁ ଲାଗି ମହାସଙ୍ଘ ଅନୁରୋଧ କରିଥିଲେ ମଧ ରାଜ୍ୟ ସରକାର କର୍ମଚାରୀ ମାନଙ୍କ ସ୍ୱାସ୍ଥ୍ୟ ବୀମା ବାବଦରେ କୌଣସି ନିଷ୍ପତି ନେଇନାହାନ୍ତି। ବିଭିନ୍ନ ରାଜ୍ୟ, କେନ୍ଦ୍ର ସରକାର ଓ ରାଷ୍ଟ୍ରୀୟ ଉଦ୍ୟୋଗରେ କର୍ମଚାରୀଙ୍କୁ ସ୍ୱାସ୍ଥ୍ୟବୀମା ଯୋଗାଇ ଦେଉଥିବା ବେଳେ ଓଡିଶାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଓଡିଶା ସରକାରୀ ମିଳିତ କର୍ମଚାରୀ ମହାସଂଘ ଆନୁକୂଲ୍ୟରେ କ୍ୟାସ୍‌ଲେସ୍ ହେଲଥ୍ କାର୍ଡ ବା ସ୍ୱାସ୍ଥ୍ୟ ବୀମା ସବୁ ସରକାରୀ କର୍ମଚାରୀ ମାନଙ୍କ କ୍ଷେତ୍ରରେ ଲାଗୁ ନହୋଇଥିବାରୁ ପଞ୍ଚାୟତରୁ ଲୋକସଭା ଭବନ ଯାଏଁ ସବୁ ବର୍ଗର କର୍ମଚାରୀ ହାତରେ ପ୍ଲାକାର୍ଡ ଧରି ରାଜ୍ୟସରକାରଙ୍କ ଉଦେଶ୍ୟରେ ଦୁଃଖ ଓ ଅସନ୍ତୋଷ ଟ୍ୱିଟର, ଫେସବୁକ୍ ଓ ସୋସିଆଲ ମେଡ଼ିଆ ମାଧ୍ୟମରେ ଜାହିର କରୁଛନ୍ତି। ସରକାରଙ୍କୁ ଅନୁରୋଧ କି ସବୁ ବର୍ଗର କର୍ମଚାରୀଙ୍କୁ କ୍ୟାସ୍‌ଲେସ୍ ହେଲଥ୍ କାର୍ଡ ଯୋଗାଇ ଦେବାପାଇଁ।ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ ନିଷ୍ପତିକ୍ରମେ ରାଜ୍ୟରେ ଆୟୁଷ୍ମାନ ଭାରତ ଏବଂ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ମିଳିତ ଭାବେ ଲାଗୁ କରିଛନ୍ତି। ଏଥିରେ ରାଜ୍ୟର ୩କୋଟି ୪୬ଲକ୍ଷ ଲୋକ ଦେଶର ୨୯ ହଜାର ଘରୋଇ ଏବଂ ସରକାରୀ ହସ୍ପିଟାଲ ରେ ଚିକିତ୍ସା ସୁବିଧା ପାଇବେ। କିନ୍ତୁ ଦୁଃଖ ବିଷୟ ଓଡିଶାରେ କାମ କରୁଥିବା ବିଭିନ୍ନ ବିଭାଗରେ ହଜାର ହଜାର କର୍ମଚାରୀ ଏହି ଯୋଜନାରେ ସାମିଲ ହୋଇନାହାନ୍ତି। ସରକାରଙ୍କ ସବୁ ଯୋଜନାକୁ ସଫଳ ରୂପାୟନ କରୁଥିବା ଓ ବିକଶିତ ଓଡିଶାକୁ ଆଗକୁ ନେଉଥିବା ଏହି ଅସହାୟ କର୍ମଚାରୀଙ୍କ ପାଇଁ ଏହି ସଫଳ ଯୋଜନାକୁ ଲାଗୁ କରିବା ନିମନ୍ତେ ଆଜି ଓଡିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ ଏବଂ ମୁଖ୍ୟ ଶାସନ ସଚିବକୁ ଓଡିଶାର ୫ଲକ୍ଷ ସରକାରୀ କର୍ମଚାରୀ ଏବଂ ୩.୫ଲକ୍ଷ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଓ ସେମାନଙ୍କ ପରିବାର ତରଫରୁ ଅନୁରୋଧ କରୁଛୁ। ସଙ୍ଘର ନିଷ୍ପତି ଅନୁଯାୟୀ ଆସନ୍ତା ଏକ ସପ୍ତାହ ପର୍ଯ୍ୟନ୍ତ ଏପରି ପ୍ଲାକାର୍ଡ ମାଧ୍ୟମରେ ରାଜ୍ୟସରକାରଙ୍କୁ ଅନୁରୋଧ କରାଯିବ ଏବଂ ପରବର୍ତୀ କାର୍ଯ୍ୟକ୍ରମ ହିସାବରେ କଳାବ୍ୟାଚ ପିନ୍ଧି ସମସ୍ତେ କାର୍ଯ୍ୟ କରିବେ ଏବଂ ସମସ୍ତ ମନ୍ତ୍ରୀ, ବିଧାୟକ, ସଚିବ ଓ ଜିଲ୍ଲାପାଳଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀକୁ ଦାବିପତ୍ର ପ୍ରଦାନ କରାଯିବ। ଯଦି ରାଜ୍ୟସରକାର ଏକ ମାସ ମଧ୍ୟରେ କ୍ୟାସ୍‌ଲେସ୍ ହେଲଥ୍ କାର୍ଡ କର୍ମଚାରୀ ମାନଙ୍କ କ୍ଷେତ୍ର ରେ ଲାଗୁ ନକରନ୍ତି, ଏକ ବୃହତ ଗାନ୍ଧୀ ମାର୍ଗରେ କରାଯିବ ବୋଲି ମହାସଂଘର ରାଜ୍ୟ ସଭାପତି ବିଜୟ ମଲ୍ଲ, ଅଶ୍ୱିନୀ ମିଶ୍ର, ପ୍ରଦୀପ ପ୍ରଧାନ, ଶୁଭ୍ରଜିତ ପ୍ରତିହାରୀ, ରାଜେନ୍ଦ୍ର ମଲ୍ଲିକ, ଅନ୍ତର୍ଯ୍ୟାମୀ ଲେଙ୍କା, କ୍ଷୀତିଶ ପଣ୍ଡା, ତୁଷାର କାନ୍ତ ରାଉତ, ପ୍ରଭାତ ତିୱାରୀ, ଗୁରୁଗୋବିନ୍ଦ ଦଳାଇ, ପ୍ରଶାନ୍ତ ରାଉରାୟ, ମନୋଜ ଜେନା, ସୁଧାଂଶୁ ପତ୍ର, ଆଦିତ୍ୟ ନାରାୟଣ ସ୍ୱାଇଁ, ଅନିତା ବେହେରା, ଶିବ ଶଙ୍କର ସାହୁ ପ୍ରମୁଖ ଏକ ପ୍ରେସ ବିବୃତି ମାଧ୍ୟମରେ ଓଡିଶାର ସମସ୍ତ ସରକାରୀ କର୍ମଚାରୀ ମୁଖ୍ୟମନ୍ତ୍ରୀକୁ କର୍ମଚାରୀ ମାନଙ୍କ ନିମନ୍ତେ "କ୍ୟାସଲେସ୍ ହେଲଥ୍ କାର୍ଡ" ଲାଗୁ କରାଯିବାକୁ ଅନୁରୋଧ କରୁଛନ୍ତି

# ନେତାଙ୍କୁ ଟ୍ୟୁସନ

ଦଳରେ ସଙ୍ଗଠନକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଥାଏ। ଯେଉଁମାନେ ସଙ୍ଗଠନକୁ ମଜବୁତ କରିବା ପାଇଁ କାମ କରନ୍ତି ସେମାନଙ୍କୁ ପୁରସ୍କୃତ କରାଯାଇଥାଏ। ଆଜି ନରେନ୍ଦ୍ର ମୋଦି କେବଳ ଏଥିପାଇଁ ଦେଶର ପ୍ରଧାନମନ୍ତ୍ରୀ ହୋଇପାରିଛନ୍ତି। ଦଳରେ ଶୃଙ୍ଖଳା ଏବଂ ଦଳର ମୌଳିକ ନୀତି ପ୍ରତି ଅଙ୍ଗୀକାରବଦ୍ଧତାକୁ ଗୁରୁତ୍ୱ ଦିଆଯାଇଥାଏ। ଦଳଠାରୁ କେହି ବି ନେତା ବଡ଼ ନୁହଁନ୍ତି। ଏଥିପାଇଁ ବିଜେପି ପକ୍ଷରୁ ଜାତୀୟ ସ୍ତରରେ ଦଳୀୟ ନେତା, କର୍ମୀ ଏବଂ ନିର୍ବାଚିତ ଜନପ୍ରତିନିଧିମାନଙ୍କୁ ମଝିରେ ମଝିରେ ତାଲିମ ବା ପ୍ରଶିକ୍ଷଣ ପ୍ରଦାନ କରାଯାଇଥାଏ। ଜନ ପ୍ରତିନିଧି ମାନେ କିପରି ଲୋକଙ୍କ ଆଶା ଆକାଂକ୍ଷାକୁ ପୂରଣ କରିପାରିବେ, ଲୋକଙ୍କ ସହ ଯୋଡ଼ି ହୋଇ ଜନକଲ୍ୟାଣ କାର୍ଯ୍ୟକ୍ରମ ଏବଂ ଦଳର ନୀତିକୁ ଲୋକଙ୍କ ନିକଟରେ ପହଞ୍ଚାଇପାରିବେ ସେଥିଲାଗି ସେମାନଙ୍କୁ ତାଲିମ ପ୍ରଦାନ କରାଯାଇଥାଏ। ନିର୍ବାଚନ ଜିତି କ୍ଷମତା ଦଖଲ କରିବା ଯେତିକି କଷ୍ଟକର ତାହାଠାରୁ ଅଧିକ କଷ୍ଟକର ହେଲା କ୍ଷମତା ବା ଲୋକପ୍ରିୟତା ବଜାୟ ରଖିବା। ଦୀର୍ଘ ବର୍ଷର ସଂଘର୍ଷ ପରେ ଓଡ଼ିଶାରେ ବିଜେପି ସଫଳତାର ଶୀର୍ଷକୁ ଉଠିଛି ଏବଂ ରାଜ୍ୟରେ ନିଜ ବଳରେ ସରକାର ଗଠନ କରିଛି। କିନ୍ତୁ ଦଳର ଏହି ସଫଳତାକୁ ବଜାୟ ରଖିବା ଏବଂ ନିର୍ବାଚନରେ ମିଳିଥିବା ଜନସମର୍ଥନକୁ ବଜାୟ ରଖିବା ଗୁରୁତ୍ୱପୂର୍ଣ୍ଣ। ଗୁଜରାଟରେ ନରେନ୍ଦ୍ର ମୋଦି ମୁଖ୍ୟମନ୍ତ୍ରୀ ଭାବେ ଏହି ସଫଳତାକୁ ବଜାୟ ରଖିବା ଫଳରେ ଆଜି ଦେଶର ପ୍ରଧାନମନ୍ତ୍ରୀ ହୋଇପାରିଛନ୍ତି। ମମତା ବାନାର୍ଜୀ, ଯୋଗୀ ଆଦିତ୍ୟନାଥ, ଚନ୍ଦ୍ରବାବୁ ନାଇଡୁ ପ୍ରମୁଖ ଏହାକୁ ବଜାୟ ରଖିଛନ୍ତି। ଅତୀତରେ ନବୀନ ପଟ୍ଟନାୟକ ମଧ୍ୟ ଓଡ଼ିଶାରେ ଏହି ସଫଳତା ହାସଲ କରିଥିଲେ। ଏବେ ରାଜ୍ୟରେ ବିଜେପି କ୍ଷମତାକୁ ଆସିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ଏକ ଲୋକପ୍ରିୟ ସରକାର ଚାଲିଛି। କିନ୍ତୁ ଦଳରେ କେଉଁଠି ନା କେଉଁଠି କିଛି ଭୁଲ ରହିଯାଉଛି। ଦଳ ଏବଂ ସରକାର ଭିତରେ ଉପଯୁକ୍ତ ସମନ୍ୱୟ ଅନୁଭବ କରାଯାଉନି। ନିକଟରେ ବିଜେପି ରାଷ୍ଟ୍ରୀୟ ସଭାପତି ଜେ ପି ନଡ୍ଡା ଓଡ଼ିଶା ଗସ୍ତରେ ଆସି ପୁରୀଠାରେ ଆୟୋଜିତ ଦଳର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇ ସାଂସଦ ଓ ବିଧାୟକମାନଙ୍କୁ ଏଥିଲାଗି ଗୁରୁମନ୍ତ୍ର ଦେଇଛନ୍ତି। ସେ ବିଧାୟକମାନଙ୍କୁ ଜନସମ୍ପର୍କ ରକ୍ଷା କରିବା, ନିଜ ନିର୍ବାଚନ ମଣ୍ଡଳୀର ଦଳିତ, ଆଦିବାସୀ ହରିଜନ ମାନଙ୍କ ସହ ବ୍ୟକ୍ତିଗତ ସମ୍ପର୍କ ରକ୍ଷା କରିବା, ସରକାରୀ ପଦାଧିକାରୀଙ୍କ ସହ ଉତ୍ତମ ସମ୍ପର୍କ ରକ୍ଷା କରି ନିର୍ବାଚନ ମଣ୍ଡଳୀର, ସାଧାରଣ ଜନତାଙ୍କ ବିକାଶ ତଥା ମଙ୍ଗଳ ନିମନ୍ତେ କାମ ଆଦାୟ କରିବା ତଥା କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ, କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରିବା ପାଇଁ ପରାମର୍ଶ ଦେଇଛନ୍ତି। ନଡ୍ଡାଙ୍କ ଏହି ପରାମର୍ଶ ଦଳୀୟ ନେତାମାନେ କେତେଦୂର ଗ୍ରହଣ କରିବେ, ଏହାକୁ କେତେଦୂର କାର୍ଯ୍ୟକାରୀ କରିବେ ତାହା ଭିନ୍ନ କଥା। କିନ୍ତୁ ଯଦି ଏହି ମୌଳିକ କର୍ତ୍ତବ୍ୟ ପାଳନରେ ଦଳୀୟ ନେତାମାନେ ବିଫଳ ହେବେ ତେବେ କେତେବେଳେ ୫ ବର୍ଷ ବିତିଯିବ ଜଣାପଡ଼ିବନି। ନିର୍ବାଚନ ବେଳେ ଜନତା ନିଜ ପ୍ରତିନିଧିଙ୍କୁ ପଚାରିବେ ୫ ବର୍ଷରେ ଆମ ପାଇଁ କ'ଣ କରିଛ ? ଯଦି ଜନ ପ୍ରତିନିଧି ଲୋକଙ୍କ ସହ ସମ୍ପର୍କରେ ନଥିବେ ତେବେ ଜନତା କୈଫିୟତ ଚାହିଁବେ। ଏହାର ଜବାବ ଦେବାକୁ ଦଳୀୟ ନେତାମାନେ ସବୁ ବେଳେ ପ୍ରସ୍ତୁତ ରହିବା ଉଚିତ।

# ରାଜ୍ୟରେ ଜଳ ସଙ୍କଟ

॥ ଡ଼ଃ. ଅରୁନ୍ଧତୀ ଦେବୀ ॥

“ ଜଳର ଅନ୍ୟନାମ ଜୀବନ। ଜଳ ବିନା କୌଣସି ପ୍ରାଣୀ, ଜନ୍ତୁ, ବୃକ୍ଷଲତା, ସରୀସୃପ, କୀଟପତଙ୍ଗ, ଜୀବନଧାରଣ କରିବା ସମ୍ପୂର୍ଣ୍ଣ ଅସମ୍ଭବ। ତେଣୁ ଜଳର ଆବଶ୍ୟକତା ଅନୁଭବ କରି ଆବାହମାନ କାଳରୁ ପାନୀୟ ଜଳ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜଳର ବ୍ୟବସ୍ଥା କରାଯାଇ ଆସୁଛି। ସଭ୍ୟସମାଜରେ ପ୍ରତ୍ୟେକ ସରକାର ଦେଶର ଜନସାଧାରଣଙ୍କୁ ସୁସ୍ଥ ପାନୀୟ ଜଳ ସହ ବ୍ୟବହାରପଯୋଗୀ ଓ ଚାଷପଯୋଗୀ ଜଳ ଯୋଗାଇ ଦେଇଥାନ୍ତି। ଏବେ ଓଡ଼ିଶାରେ ଜଳ ସମସ୍ୟା ଉତ୍କଟ ହେଉଥିବାର ପରିଲକ୍ଷିତ ହେଉଛି।

ରାଜ୍ୟରେ ଖରା ଏବେ ଠାରୁ ଅସମ୍ଭାଳ ପରିସ୍ଥିତି ସୃଷ୍ଟି କଲାଣି। ତେଣୁ ଆଗାମୀ ଦିନରେ ପାନୀୟ ଜଳକୁ ନେଇ ସମସ୍ୟା ଉପୁଜିବାର ଯଥେଷ୍ଟ ସମ୍ଭାବନା ରହିଛି। ରାଜ୍ୟର ୧୪ ଜିଲ୍ଲା ଜଳଶୁଷ୍କ ଅଞ୍ଚଳ ଭାବେ ପରିଗଣିତ ହେଉଛି। ମାର୍ଚ୍ଚର ତାତିକୁ ଦେଖି ଏପ୍ରିଲ ଓ ମେ' ମାସର ଗ୍ରୀଷ୍ମପ୍ରବାହକୁ ଆକଳନ କରାଯାଏ ତେବେ ଜଳଶୁଷ୍କ ଭାବେ ଚିହ୍ନିତ ଜିଲ୍ଲାରେ ପାନୀୟ ଜଳ ଏକ ବଡ଼ ସମସ୍ୟା ହେବ ବୋଲି କୁହାଯାଉଛି। ମୁଖ୍ୟତଃ ଗ୍ରୀଷ୍ମଋତୁରେ ଏହି ଅଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ଲୋକେ ବଞ୍ଚିତ ହୁଅନ୍ତି। ସରକାର ପ୍ରତ୍ୟେକ ଘରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇବାକୁ ଯଦିଓ ଅଣ୍ଟା ଭିଡ଼ିଛନ୍ତି, ଏ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ଅଞ୍ଚଳରେ ଏହା ପହଞ୍ଚି ପାରିନି। ଅପରପକ୍ଷରେ ଜଳ ସଂରକ୍ଷଣ ପାଇଁ କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି)କୁ ଓଡ଼ିଶା ସରକାର ୧୫ଟି ପ୍ରସ୍ତାବ ପଠାଇଛନ୍ତି। ସେଥିରୁ ୭ଟି ଫେରସ୍ତ ହୋଇଥିବାବେଳେ ୮ଟି ସ୍ଥଗିତ ରହିଛି। ସ୍ଥାୟୀ ଜଳଧାରଣ କ୍ଷମତାକୁ ବୃଦ୍ଧି କରିବା ନିମନ୍ତେ ଗତ ପାଞ୍ଚ ବର୍ଷ ମଧ୍ୟରେ ୧୧,୭୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ବୋଲି ଜଳ ସମ୍ପଦ ମନ୍ତ୍ରୀ ନିକଟରେ ଗଣମାଧ୍ୟମକୁ କହିଛନ୍ତି।

କେନ୍ଦ୍ର ସରକାରଙ୍କ ତରଫରୁ ଏ ପର୍ଯ୍ୟନ୍ତ ଓଡ଼ିଶାର କୌଣସି ଜିଲ୍ଲା ଜଳଶୁଷ୍କ ଜିଲ୍ଲା ଭାବେ ଚିହ୍ନଟ କରାଯାଇପାରିନି। ହେଲେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ଗ୍ରୀଷ୍ମଋତୁରେ ସାମୟିକ ଭାବେ ଜଳସ୍ତର ହ୍ରାସ ହୁଏ। ବଲାଙ୍ଗୀର, ଫୁଲବାଣୀ, ବୌଦ୍ଧ, ଗଞ୍ଜାମ, ନୟାଗଡ଼, ସମ୍ବଲପୁର, ଯାଜପୁର, ଝାରସୁଗୁଡ଼ା, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦ୍ରାପଡ଼ା ଓ ଢେଙ୍କାନାଳ ଜିଲ୍ଲାରେ ଜଳଶୁଷ୍କ ଅଞ୍ଚଳ ଅଧିକ ରହିଛି। ତେଣୁ ଏହିସବୁ ଜିଲ୍ଲାରେ ଖରାଦିନେ କିପରି ଲୋକଙ୍କୁ ପାନୀୟ ଜଳ ମିଳିବ, ତାହା ଏବେ ଚିନ୍ତାର ବିଷୟ। ଜଳଶୁଷ୍କ ଚିହ୍ନିତ ଜିଲ୍ଲାଗୁଡ଼ିକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ବିହିତ ପଦକ୍ଷେପ ନେଉଛନ୍ତି। ବର୍ତ୍ତମାନ ଚାଲୁ ରହିଥିବା ପାଇପ ଜଳ ଯୋଗାଣ ପ୍ରକଳ୍ପରେ ଉନ୍ନତୀକରଣ କରାଯାଇ ପ୍ରତ୍ୟେକ ଘରକୁ ଟ୍ୟାପ ଯୋଗେ ପାନୀୟ ଜଳ ଯୋଗାଇବା ପାଇଁ ପଦକ୍ଷେପ ନିଆଯାଇଛି। ତେବେ ଏଥର ଖରାଦିନେ ଉପରୋକ୍ତ ଜିଲ୍ଲା ଗୁଡ଼ିକ ଏହି ପ୍ରକଳ୍ପରୁ ପାଣି ପାଇବା ସମ୍ଭାବନା କ୍ଷୀଣ। ତେଣୁ ଜଳଶୁଷ୍କ ଜିଲ୍ଲାରେ ଏଥର ପାନୀୟ ଜଳକୁ ନେଇ ସଙ୍କଟ ଆଶଙ୍କାକୁ ଟାଳି ହେବନାହିଁ। ସେହିପରି ଓଡ଼ିଶାର ଜୀବନରେଖା ମହାନଦୀରେ ଜଳପ୍ରବାହ କମିବାରେ ଲାଗିଛି। ମହାନଦୀ ଉପରମୁଣ୍ଡରେ ବହୁ ବ୍ୟାରେଜ କାରଣରୁ ମହାନଦୀକୁ ଅଣମୌସୁମୀ ସମୟରେ ଯେତିକି ଜଳ ପ୍ରବାହିତ ହେବା କଥା, ତାହା ହେଉନି। ଆଗାମୀ ବର୍ଷଗୁଡ଼ିକରେ ଜଳ ପ୍ରବାହ ଆହୁରି ମଧ୍ୟ କମିବାର ଆଶଙ୍କା ସୃଷ୍ଟି ହୋଇଥିବା ଖୋଦ ଜଳସମ୍ପଦ ମନ୍ତ୍ରୀ ବିଧାନସଭାରେ ଉତ୍ତର ରଖିଛନ୍ତି। ଛତିଶଗଡ଼ରେ ମହାନଦୀ ଶଯ୍ୟାରେ ଜଳ ଭରପୁର ରହିଥିବାବେଳେ ଓଡ଼ିଶାରେ ଜଳ ପ୍ରବାହ କମିଛି। ଗତବର୍ଷ ଫେବୃଆରୀ ୨୬ରେ ହୀରାକୁଦରେ ଜଳସ୍ତର ୬୪୨ ଫୁଟ ରହିଥିବାବେଳେ ଏ ବର୍ଷ ଫେବୃଆରୀ ୨୬ରେ ୬୧୮ ଫୁଟ ରହିଛି। ଏପରି କି ପଶ୍ଚିମ ଓଡ଼ିଶାର କେତେକ ଅଞ୍ଚଳରେ ମହାନଦୀ ଶୁଖିଲା ଦେଖିବାକୁ ମିଳୁଛି। ଆଗକୁ ଚାଷଜମିକୁ ପାଣି କିଭଳି ମିଳିବ ତାହା ଏବେ ବଡ଼ ପ୍ରଶ୍ନ ସୃଷ୍ଟି କରୁଛି। ମହାନଦୀର ତଳମୁଣ୍ଡରେ ଜଳ ସଂରକ୍ଷଣ ପାଇଁ ରାଜ୍ୟ ସରକାର ବାହାରିଥିବା ବେଳେ ଛତିଶଗଡ଼ ସହ ବିବାଦ କାରଣରୁ ଏସବୁ ଅଟକି ରହିଛି।

ଜଳର ଅନ୍ୟନାମ ଜୀବନ। ଜଳ ବିନା କୌଣସି ପ୍ରାଣୀ, ଜନ୍ତୁ, ବୃକ୍ଷଲତା, ସରୀସୃପ, କୀଟପତଙ୍ଗ, ଜୀବନଧାରଣ କରିବା ସମ୍ପୂର୍ଣ୍ଣ ଅସମ୍ଭବ। ତେଣୁ ଜଳର ଆବଶ୍ୟକତା ଅନୁଭବ କରି ଆବାହମାନ କାଳରୁ ପାନୀୟ ଜଳ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜଳର ବ୍ୟବସ୍ଥା କରାଯାଇ ଆସୁଛି। ସଭ୍ୟସମାଜରେ ପ୍ରତ୍ୟେକ ସରକାର ଦେଶର ଜନସାଧାରଣଙ୍କୁ ସୁସ୍ଥ ପାନୀୟ ଜଳ ସହ ବ୍ୟବହାରପଯୋଗୀ ଓ ଚାଷପଯୋଗୀ ଜଳ ଯୋଗାଇ ଦେଇଥାନ୍ତି। ଏବେ ଓଡ଼ିଶାରେ ଜଳ ସମସ୍ୟା ଉତ୍କଟ ହେଉଥିବାର ପରିଲକ୍ଷିତ ହେଉଛି। ସରକାରୀ ହିସାବ ଅନୁଯାୟୀ ରାଜ୍ୟର ଗ୍ରାମାଞ୍ଚଳରେ ଥିବା ୫୫ ହଜାର ୧୮୬ ଜନବସତିରେ ପାନୀୟ ଜଳ ବ୍ୟବସ୍ଥା ନାହିଁ। ସହରାଞ୍ଚଳରେ ୧୪୫ ୱାର୍ଡ଼ରେ ବି କୌଣସି ପ୍ରକାର ପାନୀୟ ଜଳ ବ୍ୟବସ୍ଥା ନାହିଁ। ଏସବୁ ଅଞ୍ଚଳରେ ଲୋକେ ବାଧ୍ୟ ହୋଇ ଚୁଆ, ପୋଖରୀ, ଝରଣା ପାଣି ପିଉଛନ୍ତି। ରାଜ୍ୟରେ ପାନୀୟ ଜଳଯୋଗାଣ ଏଭଳି ଦୟନୀୟ ସ୍ଥିତିରେ ପଡ଼ିଛି। ରାଜ୍ୟ ଚତୁର୍ଥ ଅର୍ଥ କମିସନ ତାଙ୍କ ରିପୋର୍ଟରେ ଆଙ୍କିଥିବା ଚିତ୍ରରେ ଏକଥା ଦର୍ଶାଇଛନ୍ତି। ସ୍ଥିତି ସୁଧାରିବା ପାଇଁ ପାନୀୟ ଜଳ ବାବଦରେ ୧୦ ହଜାର ୮୯ କୋଟି ଟଙ୍କା ଯୋଗାଇ ଦେବାକୁ କମିସନ୍ ସୁପାରିଶ କରିଛନ୍ତି। ରିପୋର୍ଟ ଅନୁସାରେ, ରାଜ୍ୟର ୨୦% ଅଞ୍ଚଳରେ ଜଳ କ୍ଲୋରାଇଡ୍ ପ୍ରଦୂଷିତ। ୭୦% ଅଞ୍ଚଳରେ ମାତ୍ରାଧିକ ଲୌହ ପ୍ରଦୂଷଣ ରହିଛି ଏବଂ ୨% ଅଞ୍ଚଳରେ ଜଳ ଫ୍ଲୋରାଇଡ୍ ପ୍ରଦୂଷିତ ହୋଇ ରହିଛି। ଉପକୂଳ ଓଡ଼ିଶାର ଅନେକ ଅଞ୍ଚଳର ପାଣି ଲୁଣିଆ ଓ କ୍ଷାରଯୁକ୍ତ। ଏସବୁ ଅଞ୍ଚଳର ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ୧୩ଟି ବ୍ଲକର ୭୪୦ଟି ଗାଁରେ ସ୍ଥିତି ଅତି ଗୁରୁତର। ପାଣି ମିଳୁନାହିଁ, ଯାହା ମିଳୁଛି ଅତି ମାତ୍ରାରେ ଦୂଷିତ। ଯେଉଁଥିପାଇଁ ଏସବୁ ଗାଁରେ ରହୁଥିବା ୫ଲକ୍ଷ ୯୦ ହଜାର ଲୋକଙ୍କ ଜୀବନ ବିପନ୍ନ। ଏମାନଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ କମିସନ୍ ସୁପାରିସ କରିଛନ୍ତି।

ରାଜ୍ୟର ମୋଟାମୋଟି ପାନୀୟ ଜଳ ସ୍ଥିତି ସମ୍ପର୍କରେ ତଥ୍ୟ ରଖି କମିସନ ଦର୍ଶାଇଛନ୍ତି, ଗ୍ରାମାଞ୍ଚଳର ମୋଟ ୧ ଲକ୍ଷ ୫୭ ହଜାର ୨୯୬ଟି ବସତି ମଧ୍ୟରୁ ୧ ଲକ୍ଷ ୨ ହଜାର ୧୧୦ଟି ବସତିକୁ ପାନୀୟ ଜଳ ମିଳୁଛି। ଦିନକୁ ମୁଣ୍ଡପିଛା ୪୦ ଲିଟର ଲେଖାଏଁ। ଏଥିରୁ ପ୍ରାୟ ୪୮ ହଜାର ୪୬୬ଟି ବସତିକୁ ଆଂଶିକ ଭାବେ ପାନୀୟ ଜଳ ଦିଆଯାଉଛି। ଅର୍ଥାତ୍ ଯେଉଁଠି ୪ଟି କିମ୍ବା ୫ଟି ନଳକୂପ ଦରକାର ସେଠି ମିଳୁଛି ମାତ୍ର ଗୋଟିଏ। ଅନେକ ଗାଁରେ ସ୍ଥାପନ ହୋଇଥିବା ନଳକୂପ ଅଚଳ ହୋଇପଡ଼ିଛି। ଏଣୁ ଆସନ୍ତା ୫ ବର୍ଷ ମଧ୍ୟରେ ପ୍ରତି ଜନବସତିକୁ ହାରାହାରି ଦୁଇଟି ଲେଖାଏଁ, ନଳକୂପ ଯୋଗାଇ ଦେବା ପାଇଁ କମିସନ ସୁପାରିଶ କରିଛନ୍ତି। ଏଥିପାଇଁ ୭୭୫ କୋଟି ଟଙ୍କା ବ୍ୟୟ ବରାଦ ରଖାଯିବା ଦରକାର ବୋଲି କୁହାଯାଇଛି। ପାଇପ୍ ଯୋଗେ ମାତ୍ର ୩୫ ହଜାର ୨୩୩ ବସତିକୁ ପାଣି ଦିଆଯାଉଛି। ଏହି ଜଳ ବ୍ୟବସ୍ଥାର ରକ୍ଷଣାବେକ୍ଷଣ ଏବଂ ମରାମତି ପାଇଁ ଆସନ୍ତା ୫ ବର୍ଷ ମଧ୍ୟରେ ୨୫୧୫ କୋଟି ଟଙ୍କା ଦେବା ପାଇଁ ଅର୍ଥ କମିସନ ସୁପାରିଶ କରିଛି। ସହରାଞ୍ଚଳ ପାନୀୟ ଜଳ ସ୍ଥିତି ମଧ୍ୟ ଗମ୍ଭୀର ବୋଲି ଦର୍ଶାଇ କମିସନ କହିଛନ୍ତି ମୋଟ ୧୦୯ଟି ସହରାଞ୍ଚଳରେ ଥିବା ୧୮୪୩ଟି ୱାର୍ଡ଼ ମଧ୍ୟରୁ ମାତ୍ର ୫୫୨ଟି ୱାର୍ଡ଼କୁ ସମ୍ପୂର୍ଣ୍ଣ ଭାବେ ପାନୀୟ ଜଳ ଯୋଗାଣ କରାଯାଉଛି।

୧୧୪୬ଟି ୱାର୍ଡ଼ରେ ଆଂଶିକ ଯୋଗାଣ ହେଉଛି। ୧୪୫ଟି ୱାର୍ଡ଼କୁ ସରକାର ଭୁଲି ଯାଇଛନ୍ତି। ଯେଉଁଠି ପାନୀୟ ଜଳଯୋଗାଣ ବ୍ୟବସ୍ଥା ହୋଇଛି। ତାର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ଆସନ୍ତା ୫ ବର୍ଷ ମଧ୍ୟରେ ପାଖାପାଖି ୨୨ଶହ କୋଟି ଟଙ୍କା ଏସବୁ ପୌରାଞ୍ଚଳକୁ ହସ୍ତାନ୍ତର କରିବା ଲାଗି କମିସନ ଗୁରୁତ୍ୱାରୋପ କରିଛନ୍ତି। ଏହାଛଡ଼ା ଦିନକୁ ମୁଣ୍ଡପିଛା ୪୦ ଲିଟର ପାଣିକୁ ପ୍ରଥମେ ୭୦ ଲିଟର ଓ ପରେ ୧୩୫ ଲିଟରକୁ ବୃଦ୍ଧି କରିବା ପାଇଁ କମିଶନ କହିଛନ୍ତି। ଓଡ଼ିଶା ସହରାଞ୍ଚଳ ଜଳନୀତି ମୁତାବକ ସହରାଞ୍ଚଳରେ ଜଳଯୋଗାଣ ସ୍ଥାପନ ପାଇଁ ଆଗାମୀ ଦଶ ବର୍ଷ ମଧ୍ୟରେ ୨୭୦୩ କୋଟି ଟଙ୍କା ବ୍ୟୟବରାଦ କରିବା ପାଇଁ କମିସନ ସୁପାରିଶ କରିଛନ୍ତି। ଖାଦ୍ୟ ଅଭାବରୁ ପ୍ରାଣୀମାନେ ବଞ୍ଚିବା ଯେଭଳି ଅସମ୍ଭବ ଜଳ ଅଭାବରୁ ବଞ୍ଚିବା ତା ଠାରୁ ଅଧିକ କଷ୍ଟସାଧ୍ୟ। ତେଣୁ ରାଜ୍ୟର ପ୍ରଗତିର ମାନଦଣ୍ଡ ଭାବରେ କଂକ୍ରିଟ୍ ସିମେଣ୍ଟ ରାସ୍ତା, ଉଚ୍ଚ ଅଟ୍ଟାଳିକା, କଳକାରଖାନା ପାଇଁ ରାଜ୍ୟ ସରକାର ଗର୍ବିତ ହେବା ପରିବର୍ତ୍ତେ ରାଜ୍ୟର ଜଳ ସମସ୍ୟାର ବାସ୍ତବ ସମାଧାନ ଦିଗରେ ଅଗ୍ରାଧିକାର ଦେବା ଏକାନ୍ତ ଆବଶ୍ୟକ। ଜଳ ସଙ୍କଟ ଯୋଗୁଁ ରାଜ୍ୟର ମନୁଷ୍ୟ ଠାରୁ ଆରମ୍ଭ କରି ସମସ୍ତ ପ୍ରାଣୀଙ୍କର ସ୍ୱାସ୍ଥ୍ୟହାନି ଘଟି ବିପର୍ଯ୍ୟୟ ଘଟୁଥିବାରୁ ଆମର ସମ୍ବେଦନଶୀଳ ମୁଖ୍ୟମନ୍ତ୍ରୀ ବାସ୍ତବ ଦୃଷ୍ଟିକୋଣରୁ ଏହି ସମସ୍ୟାର ସମାଧାନ ପାଇଁ ଦୃଢ଼ ପଦକ୍ଷେପ ନେବା ଲାଗି ଆଗେଇ ଆସିବା ଉଚିତ। କେବଳ କାଗଜପତ୍ରରେ ସମସ୍ୟାର ସମାଧାନରେ ଆତ୍ମସନ୍ତୋଷ ଲାଭ ନକରି ପ୍ରତ୍ୟକ୍ଷ ଅନୁଭୂତିରୁ ଆତ୍ମସନ୍ତୋଷ ଲାଭ କରିବା ଏକାନ୍ତ ଆବଶ୍ୟକ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, ଓଡ଼ିଶା, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ଅଭିନ୍ନ

॥ ଅନୀତା ପଟ୍ଟନାୟକ ॥

ସେ ଦିନ ଥାଏ ହୋଲି। ପୁରୀର ବଡ଼ଦାଣ୍ଡ ବୃନ୍ଦାବନ ପରି ଲାଗୁଥାଏ। ସପ୍ତରଙ୍ଗର ହୋଲି ଖେଳରେ ବଡ଼ଦାଣ୍ଡର ଜଳବାୟୁ ରଙ୍ଗାୟିତ ହେଉଥାଏ। ଇଚ୍ଛା ହେଉଥାଏ ଜଗନ୍ନାଥଙ୍କର ଏକ ନାମକରଣ କରିବା ପାଇଁ ଯଥା 'ଓଁ ଶ୍ରୀ କୋଳାହଳପ୍ରିୟାୟ ନମଃ'। କୃଷ୍ଣ ମୁକ୍ତିକାନ୍ତ ନିଜର ପ୍ରାର୍ଥନା ଗୃହରେ ସ୍ୱର୍ଣ୍ଣରଙ୍ଗରେ ବନ୍ଧାଇ ହୋଇଥିବା କୃଷ୍ଣଙ୍କର ଫଟୋ ନିକଟରେ ବସିଥାନ୍ତି। ଆଖିରୁ ଧାରଧାର ଲୁହ ଝରି ଆସୁଥାଏ। ସକାଳେ ସମୟ ଥାଏ ଓ ସେ ତେନ ଅବସ୍ଥାରେ ଥାଆନ୍ତି। ସେ ଜେଜେମା ଜେଜେବାପାଙ୍କ ଠାରୁ ଶ୍ରୀକୃଷ୍ଣଙ୍କର ଅଲୌକିକ କାହାଣୀ ଶୁଣି ସେ କୃଷ୍ଣଙ୍କ ନିକଟକୁ ଆକର୍ଷିତ ହୋଇଥିଲେ। ଶ୍ରୀକୃଷ୍ଣଙ୍କର ସର୍ବବ୍ୟାପକତ୍ୱ ଓ ସର୍ବତ୍ର ବିଦ୍ୟମାନର ନିର୍ଦ୍ଦେଶ ମଧ୍ୟ ପାଇଥିଲେ। ସେ ନୀଳରଙ୍ଗର ବଂଶୀଧାରୀ କୃଷ୍ଣ ଫଟୋରେ ଦିବ୍ୟତ୍ୱର ଝଲକ ସ୍ମିତହାସ୍ୟ ସୁଦର୍ଶନର ଚାହାଣୀ ଓ ତାଙ୍କର ଉଜ୍ଜ୍ୱଳ ଶ୍ରୀମୁଖକୁ ହୃଦୟଙ୍ଗମ କରିପାରୁଥିଲେ। କୃଷ୍ଣମୁକ୍ତିକାନ୍ତ କ୍ରନ୍ଦନ କରି କହିଉଠିଲେ 'ମୋ ନିଜ ଠାରୁ ତୁମେ ମତେ ଅଧିକ ଭଲ ଭାବରେ ଜାଣ'। ମୋ ପ୍ରତି ଏତେ ନିଷ୍ଠୁର କାହିଁକି ? ଏକଦା ଚିନ୍ତନ କରୁଥିବା ବେଳେ, ମାତୃଗର୍ଭର କଷ୍ଟରୁ ଦିନେ ମତେ ମୁକ୍ତି ଦେଇ ଏ ପୃଥିବୀକୁ ଆଣିଥିଲ। ମୋର ନାମକରଣ ମଧ୍ୟ କରାଇଥିଲ। ଚାଉଳରେ ସୁନା ମୁଦିଟିଏ ଦେଇ ଜଗନ୍ନାଥଙ୍କ ନିକଟରେ ପୁରୋହିତଙ୍କ ହାତକୁ ଟେକି ଦେଇ ମୋର ପିତାମାତା ମୋର ନାମକରଣ କରାଇଥିଲେ। ସେହିଦିନ ଠାରୁ ସବୁଦିନ ଅଇନାରେ ମୁହଁକୁ ଦେଖି ନିଜର ଦକ୍ଷତା ଓ ପ୍ରତିଭାକୁ ମୁଁ ବଢ଼ାଇ ଚାଲିଲି। ଖେଳକୁଦ ଠାରୁ ଆରମ୍ଭ କରି ଶିକ୍ଷାଗତ ଯୋଗ୍ୟତା ହାସଲ କରିବା ସହିତ ଜଣେ ପ୍ରତିଭାବାନ ବ୍ୟକ୍ତିରୂପେ ପ୍ରତୀୟମାନ ହୋଇପାରିଲି। ଜଣେ ଉଜ୍ଜ୍ୱଳରତ୍ନ ଭାବେ ପରିଚିତ ହୋଇ ଅନେକ ସରକାରୀ ଓ ବେସରକାରୀ ସଂସ୍ଥା ମାନଙ୍କ ଦ୍ୱାରା ପୁରସ୍କାର ପ୍ରାପ୍ତ ହେଲି। ନମ୍ରତା ଓ ସେବାର ପ୍ରତୀକ ଭାବେ ପରିଗଣିତ ହେଲି। ସମୟ ଆସିଲେ ତୁମେ ଓ ମୁଁ ଏକତ୍ରିତ ହେବ। ଆଜିର ଏ ହୋଲିପର୍ବରେ ବାହାରକୁ ଯାଅ ନିଜର ପରିବାର, ବନ୍ଧୁବର୍ଗ, ଆତ୍ମୀୟସ୍ୱଜନଙ୍କ ସହ ମିଶି ହୋଲି ଖେଳି ଆନନ୍ଦିତ ହୁଅ। ବର୍ତ୍ତମାନ ସମୟରେ ତୁମର ଧନ, ପ୍ରତିପତ୍ତି, ସୌନ୍ଦର୍ଯ୍ୟ ସବୁକିଛି ଜନସେବାରେ ନିୟୋଜିତ କର। ପ୍ରଥମ ପର୍ଯ୍ୟାୟରେ ମୁଁ ଓ ତୁମେ ଭିନ୍ନ ବୋଲି ଭାବି ମାତୃଗର୍ଭରେ ଖୁବ ଆକୁଳ ପ୍ରାର୍ଥନା କରିଥିଲ। ପରବର୍ତ୍ତୀ ସମୟରେ ଜାଣନ୍ତରେ ହେଉବା ଅଜାଣନ୍ତରେ ହେଉ ସେହି ମନ, ବୁଦ୍ଧି, ଚିତ୍ତକୁ ପ୍ରୟୋଗକରି ସମସ୍ତଙ୍କ ମାଧ୍ୟମରେ ମୁଁ ଅଛି ବୋଲି ମନଦ୍ୱାରା ବିଚାର କରି ତୁମେ



ସେବାକରି ସମାଜରେ ପ୍ରତିଷ୍ଠିତ ହେବା ସହିତ ଅନେକ ସରକାରୀ ଓ ବେସରକାରୀ ପୁରସ୍କାର ପ୍ରାପ୍ତ ହୋଇ ପାରିଛି। ହେ କୃଷ୍ଣ ମୁକ୍ତିକାନ୍ତ ଏବେ ତୁମ ନାମର ସାର୍ଥକତା ପ୍ରତିପାଦନ କରିବାର ସମୟ ପାଖେଇ ଆସୁଛି। ହୋଲିର ସପ୍ତ ରଙ୍ଗରେ ନିଜକୁ ରଙ୍ଗାୟିତ କରି ସମସ୍ତଙ୍କ ମନରେ ଆନନ୍ଦ ବିଚ୍ଛୁରିତ କର। ନିଜର ବୁଦ୍ଧି ବିବେକ ଓ ପ୍ରତିଷ୍ଠା ଦ୍ୱାରା ପ୍ରମାଣିତ କରିଦିଅ ଯେ ମନଦ୍ୱାରା ଭଗବାନଙ୍କ ଠାରୁ ଯେଉଁ ଆଶୀର୍ବାଦ ପାଇଛ ତାହା ପ୍ରକୃତ ଆନନ୍ଦ ନୁହେଁ ଗୋଟିଏ କାମରେ ଲାଗିପଡ଼ ତାହା ହେଉଛି ତୁମେ ଓ ମୁଁ ଅଭିନ୍ନ। ଏପରି ଚେତନାରେ ପହଞ୍ଚିପରିଲେ ତୁମ ହୃଦୟରେ ସୃଷ୍ଟି ହୋଇଥିବା ଶୂନ୍ୟତା ପୂରଣ ହୋଇପାରିବ। ତୁମେ ପ୍ରକୃତ ଆନନ୍ଦ ପାଇପାରିବ, ଆନନ୍ଦ ପାଇଁ ଭିକ୍ଷା କରିବାକୁ ପଡ଼େନାହିଁ। କୃଷ୍ଣ ମୁକ୍ତିକାନ୍ତ ନୁହେଁ କେବଳ କୃଷ୍ଣ ଏହି ଆନନ୍ଦର କାରଣ। ଶଙ୍କରାଚାର୍ଯ୍ୟଙ୍କର ଏହି ପଂକ୍ତି ମନେରଖ। 'ମାକୁରୁ ଧନଜନ ଯୌବନ ଗର୍ବଂ, ହରତି ନିମେଷାତ୍ କାଳସର୍ବଂ'। ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ମୂଲ୍ୟବୋଧ ଶିକ୍ଷାକୁ ଗୁରୁତ୍ୱ ଦେଇ ତାର ପ୍ରଚାର ପ୍ରସାର ପାଇଁ ମୁଁ ଅନେକ କାର୍ଯ୍ୟ କଲି। ସମସ୍ତଙ୍କୁ ଆନନ୍ଦର ଉତ୍ସ ବୋଲି ବିବେଚନା କରୁଥିଲେ ମଧ୍ୟ ନିଜ ଭିତରେ ପ୍ରକୃତ ଆନନ୍ଦ ପାଇପାରୁନାହିଁ କାହିଁକି ?

ସେ ଦିନ ନିଜର ପତ୍ନୀ ଓ ପୁତ୍ର ଅନ୍ୟ ଏକ ଘରେ ଶୋଇଥାନ୍ତି ଓ ମୁକ୍ତିକାନ୍ତ ଜୀବନରେ ଶୂନ୍ୟସ୍ଥାନ ପୁରାଣରେ ମାତିଥାନ୍ତି। କ୍ରନ୍ଦନ କରି କହୁଥାନ୍ତି। ହେ କୃଷ୍ଣ ମୋ ପ୍ରତି ତୁମେ ଏତେ ବଧିର କାହିଁକି ? ତୁମର ଆଶୀର୍ବାଦ ପାଇବା ପାଇଁ ମୁଁ କଣ ଯୋଗ୍ୟ ନୁହେଁ କି ? ଉପହାରଟିଏ ଦିଅ ମୁଁ ତୁମଠାରୁ ବିଶେଷ କିଛି ଚାହୁଁ ନାହିଁ। ମତେ କୁହାଯାଇଥିଲା ତୁମ ସହିତ ମିଳନ ହେଲେ ଆନନ୍ଦ ମିଳେ ହେଲେ ମୋର ଆନନ୍ଦ କାହିଁ ? କୃଷ୍ଣ ମୁକ୍ତିକାନ୍ତ ଦେଖିଲେ ବଂଶୀଧାରୀ କୃଷ୍ଣ ସ୍ମିତହାସ୍ୟ କରୁଛନ୍ତି। ସେ ସ୍ମିତହାସ୍ୟରେ ଇଙ୍ଗିତପୂର୍ଣ୍ଣ ଚକ୍ଷୁରେ ସୂଚନା ଦେଉଥାନ୍ତି ହେ ପ୍ରୀୟ ମୁକ୍ତିକାନ୍ତ ! ତୁମର ମାତୃଗର୍ଭରେ ଥିବା ସମୟ ଠାରୁ ଆଜି ପର୍ଯ୍ୟନ୍ତ ତୁମେ ଯାହା ଚିନ୍ତା କରିଛ, ଯେତେବେଳେ ଯାହା ମାଗିଛ, ତାହା ମୁଁ ତୁମକୁ ଦେଇଛି। ତୁମେ ନିଜକୁ ସମାଜରେ ଯେପରି ଭାବେ ପ୍ରତିଷ୍ଠା କରି ପାରିଛ ସେ ସୁ ମୋର ଆଶୀର୍ବାଦ ବିନା ସମ୍ଭବ ନୁହେଁ। ତୁମେ ଯେଉଁ ତୁମର ହୃଦୟର ଶୂନ୍ୟସ୍ଥାନ ଓ ଆନନ୍ଦକୁ ପୂରଣ କରିବାକୁ ଚାହୁଁଛ ତାହା ତୁମର ମନ, ବୁଦ୍ଧି, ଅହଂକାର ଦ୍ୱାରା ପୂରଣ ହୋଇପାରିବନାହିଁ। ତୁମେ ଓ ମୁଁ ଏକତ୍ରିତ ହେଲେ ହିଁ ହୃଦୟର ଶୂନ୍ୟସ୍ଥାନ ଓ ଆନନ୍ଦ ପୂରଣ ହୋଇପାରିବ। ସେତେବେଳେ ତୋର ଓ ମୋର ଭାବ ନଥିବ। ଦ୍ୱୈତ ଭାବ ଦୁଃଖ ଦିଏ।

ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬

# କୋସୋଭା ଟାସ୍କଫୋର୍ସର ଷଡଯନ୍ତ୍ରକାରୀ

॥ ସୌମେନ୍ଦ୍ର ଜେନା ॥

ସିଆଇଓଜିସିର କେତେକ ସଦସ୍ୟ ଯେମିତି ଡକ୍ଟର ବାସମ ଓସମାନ ଇସ୍‌ନା ଶୁରାଇ ଜଣେ ସଦସ୍ୟ ଥିଲେ । ସେମିତି ଜାହିଦ ମୋହସିନ ଆଇସିଏନ୍‌ଏ ଚିକାଗୋର ଅଧକ୍ଷ ୪ବର୍ଷ ଧରି ରହିଥିଲେ । ଜକାତ ଚିକାଗୋର ସହଯୋଗୀ ସଂଗଠନ ସିଆଇଓଜିସି ଇଣ୍ଡିଆନ ମୁସଲିମ ରିଲିଫ ଏଣ୍ଡ ଚରିଟିଜର ଅଧକ୍ଷ ଶେଖ ମକସୁଦ କ୍ୱାଦ୍ରୀ ସହ ସାମିଲ ଥିଲା ।

କୋସୋଭା ଟାସ୍କ ଫୋର୍ସରେ ଥିବା ଅନ୍ୟ ଏକ ସଂଗଠନ ହେଉଛି ଇସଲାମିକ ମେଡିକାଲ ଆସୋସିଏସନ । ୧୯୬୭ରେ ଏହା ଆରମ୍ଭ ହୋଇଥିଲା । ପରେ ଏହାର ନାମ ଇସଲାମିକ ମେଡିକାଲ ଆସୋସିଏସନ୍ ଅଫ୍ ନର୍ଥ ଆମେରିକା (ଇମାନା)କୁ ପରିବର୍ତ୍ତିତ କରାଯାଇଥିଲା । ଏହା ଇସଲାମିକ ସୋସାଇଟୀ ଅଫ୍ ନର୍ଥ ଆମେରିକାର ଖାସ୍ ସଦସ୍ୟମାନଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । ଯଦିଓ କୌଣସି ଇସଲାମିକ ମାନବାଧିକାର ଗୋଷ୍ଠୀ (ଆମେରିକାରେ କାର୍ଯ୍ୟରତ) ନିଜର ସଂପର୍କ ମୁସଲିମ ବ୍ରଦରହୁଡ ସହ ସିଧାସଳଖ ରହିଥିବା କଥା କହୁନାହାନ୍ତି, ତଥାପି ସେମାନେ ଏହାର ଶାଖା ସଂଗଠନ ଭାବେ କାର୍ଯ୍ୟ କରୁଛନ୍ତି । ଅନେକ ସଂଗଠନ ମିଶି ସମର୍ଥନ ମଧ୍ୟ କରୁଛନ୍ତି । ଯେମିତି ଇମାନା ଇସଲାମିକ ସୁରା କାଉନସିଲ ଏବଂ ଇସଲାମିକ ସୋସାଇଟୀ ଅଫ୍ ନର୍ଥ ଆମେରିକା (ଇସନା)ର ଦୃଷ୍ଟିକୋଣ ଅନୁଯାୟୀ କାର୍ଯ୍ୟକରେ । ଇସନା ଏକ ମୁସଲିମ ବ୍ରଦରହୁଡର ଶାଖା ସଂଗଠନ । ୨୦୦୦ବେଳକୁ ଇମାନା ସାରା ବିଶ୍ୱରେ ଇସଲାମର ପ୍ରଚାର ପ୍ରସାରକୁ ପ୍ରଶଂସା କରିବାକୁ ଆରମ୍ଭ କରିଥିଲା । ପାକିସ୍ଥାନର ଅଲ୍-ମୁସ୍ତଫା ୱେଲଫେୟାର ଟ୍ରଷ୍ଟର ବୈଚାରିକ ଦର୍ଶନରେ ଏହା କାର୍ଯ୍ୟକରେ ଯାହାକି ପାକ୍ ସେନାର କାର୍ଯ୍ୟକ୍ଷେତ୍ର ହୋଇଆସିଛି । ଇମାନାର ଜଣେ ନିର୍ଦ୍ଦେଶକ ଜାହିଦ ମହମ୍ମୁଦ ପୂର୍ବରୁ ପାକ୍ ନୌସେନାର ଅଧିକାରୀ ଥିଲେ ଏବଂ ପରେ ପାକ୍ ଇଣ୍ଟରନେସନାଲ ଏୟାରଲାଇନ୍ସରେ ମଧ୍ୟ କାର୍ଯ୍ୟ କରିଥିଲେ ।

ନଭେମ୍ବର ୨୦୦୮ରୁ ଅକ୍ଟୋବର ୨୦୧୭ ପର୍ଯ୍ୟନ୍ତ ଇମାନାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଥିବା ରସିଦ ଅହମ୍ମଦ ଏବେ ଇଣ୍ଡିଆନ ଆମେରିକାନ ମୁସଲିମ କାଉନସିଲର କାର୍ଯ୍ୟନିର୍ବାହୀ ଅଧିକାରୀ ରହିଛନ୍ତି, ଯିଏକି ତ୍ରିପୁରା ହିଂସାକାଣ୍ଡ ବେଳେ ଦଙ୍ଗା କାଣ୍ଡ ପାଇଁ ଉସ୍‌କାଇଥିଲେ । ତେବେ ଇମାନା ଭାରତ ନାମରେ କୋଟି କୋଟି ଡଲାର ଚରିଆଡୁ ଚନ୍ଦା ସଂଗ୍ରହ କରିଛି । କୋରୋନା ସମୟରେ ଭାରତ ଯେଉଁସବୁ ରାଷ୍ଟ୍ରକୁ ଟୀକା ଯୋଗାଇଥିଲା ସେହିସବୁ ଦେଶରେ ପହଞ୍ଚି ଇମାନା ଭାରତ ପ୍ରତି ଥିବା ଶ୍ରଦ୍ଧାରୁ ବେଶ୍ ଫାଇଦା ଉଠାଇଛି । କୋରୋନା ସମୟରେ ଭାରତକୁ ସାହାଯ୍ୟ କରିବା ଆଳରେ 'ହେଲ୍‌ପ ଇଣ୍ଡିଆ ବ୍ରିଦ୍' ଅଭିଯାନ ଚଳାଇ ସଂସ୍ଥା ବେଶ୍ ଭଲ ଚନ୍ଦା ସଂଗ୍ରହ କରିଥିଲା । ଏହାଛଡା ଅଲ୍-ଖିଦମତ୍ ଫାଉଣ୍ଡେସନକୁ ଇମାନା ଅର୍ଥ ଯୋଗାଇ ଆସିଛି ,ଯାହା ଜେଲର ସେବା ସଂସ୍ଥା । ଅଲ୍ ଖିଦମତ ହିଜବୁଲ ମୁଜାହିଦୀନ ଏବଂ ହାମାସ ସନ୍ତ୍ରାସବାଦୀ ଗୋଷ୍ଠୀକୁ ଆର୍ଥିକ ସହାୟତା ଦେଇଥାଏ । କହିବା କଥା ହେଲା ଏହିସବୁ ସ୍ୱେଚ୍ଛାସେବୀ ସଂଗଠନ ଆଳରେ ଏମାନେ ବିଶ୍ୱବ୍ୟାପି ସନ୍ତ୍ରାସ ଏବଂ ମୌଳବାଦର ବୀଜବପନ କରିବାରେ ଲାଗିଛନ୍ତି । ଏମାନଙ୍କ ଇକୋ ସିଷ୍ଟମ ବା ଧରାଧରି ହୋଇ କାର୍ଯ୍ୟକରିବା ଶୈଳୀ ପ୍ରତି କେହି ପ୍ରଶ୍ନ କରୁନାହାନ୍ତି, ଯାହା ଗଣମାଧ୍ୟମରେ ଅଧିକ ହେବା ଦରକାର । ସାଧାରଣ ଲୋକେ ଏମାନଙ୍କ ଛଦ୍ମ ପରିଚୟ ସଂପର୍କରେ ଜାଣିଲେ ଆର୍ଥିକ ସହାୟତା କରିବାଠୁ ଦୂରେଇ ରହିବେ । ସେବା ଆଳରେ ସନ୍ତ୍ରାସର ଚରାରୋପଣକାରୀ ଏହିସବୁ ସଂଗଠନଗୁଡିକ ପ୍ରତି ସମସ୍ତେ ସାବଧାନ ରହିବା ନିହାତି ଜରୁରୀ ।

ଭାରତୀୟ ସମ୍ବାଦ ସେବା(ଭାସ୍)
ଭୁବନେଶ୍ୱର-୭୫୧୦୦୩

## କାଳବୈଶାଖୀ ବର୍ଷା ପବନରେ ଅନେକଙ୍କ ଘର ଛାଉଣୀ ଉଡାଇନେଲା



କରଞ୍ଜିଆ, (ମହାଭାରତ) ଠାକୁରମୁଣ୍ଡା ମା ବାସୁଳି ଙ୍କ ଉଡାପର୍ ଅବସର ରେ ମେଳା ଲାଗିଥିବା ବେଳେ ଶୁକ୍ରବାର ଦିନ ଆଦିବାସୀ ଅପେରା ହେବା ନିମନ୍ତେ ଲଗା ଯାଇଥିବା ଟେଣ୍ଟ ବର୍ଷା ପବନ ରେ ଖସି ପଡିଛି। ଫଳରେ ହେବାକୁ ଥିବା ଆଦିବାସୀ ଅପେରା ବନ୍ଦ ହୋଇଯାଇଥିବା ବେଳେ ଏଥିରେ ବିଶେଷ କ୍ଷୟକ୍ଷତି ହୋଇନଥିବା ଜଣାପଡିଛି। ଦିନ ପ୍ରାୟ ୪ ଟା ସମୟରେ ଠାକୁରମୁଣ୍ଡା ବ୍ଲକ ଅଞ୍ଚଳରେ କାଳବୈଶାଖୀ ବର୍ଷା ପବନ ଯୋଗୁଁ ଅପେରା ଟେ□ ଖସି ପଡିଥିବା ବେଳେ ସାତକୋଶିଆ ଗ୍ରାମପଞ୍ଚାୟତ ଘୁଲୁଘୁଲିଆ ଗ୍ରାମର ସିନୁ ସାମାଡ଼ ଙ୍କ ଘର ଉପରେ ଗଛ ପଡି ଦୁଇ ବଖରା ଘର ଭାଙ୍ଗି ଯାଇଥିବା ବେଳେ ଧାନ ଚାଉଳ ବର୍ଷକ୍ଷ ରେ ଭିଜି ନଷ୍ଟ ହେଇଥିବା ବେଳେ ଅଳ୍ପକେ ପରିବାର ଲୋକ ବର୍ତ୍ତି ଯାଇଛନ୍ତି ।ସେହିପରି ଧାତକିଡ଼ିହା ଗ୍ରାମପଞ୍ଚାୟତ ଅନ୍ତର୍ଗତ କାଞ୍ଜିଆପାଳ ଗ୍ରାମରେ ୭ ଜଣ ଉର୍ଦ୍ଧ ଙ୍କ ଘରର ଆଜବେଷ୍ଟ ଛାଉଣୀ ପବନ ରେ ଉଡାଇ ନେଇଛି। ସେହିପରି ଚିଲିରିପୋଷି ଗାଁ ଓ ପାକଟ ବନ୍ଦ ସାହିର ଅର୍ଜୁନ ପଢିଆରି, ସହଦେବ ପଢିଆରି, ରଥ ପଢିଆରି, କାର୍ତ୍ତିକ ସୁଲିୟା, ପୂର୍ଣ୍ଣ ଚନ୍ଦ୍ର ନାଏକ , ମନୋରଞ୍ଜନ ଘତାର, ବାବୁ ଘତର, ଅବିନାଶ ସିଂକୁ ଓ ମାନା ବିରୁଆ ଓ ସେହିପରି କଲୋନୀ ସାହି ର ବିଧବା ସୋମବାରୀ ବିରୁଆ ଓ ଜଙ୍କ ସିଧୁ ଙ୍କ ର ସମ୍ପର୍ଣ୍ଣ ଛପର ଉଡେଇ ନେଇ ଯାଇଛି। ଧାତିକିଡିହା ଗ୍ରାମର କିଛି ଘର ର ଛାଉଣୀ ଉଡାଇ ନେଇଥିବାର ସୂଚନା ମିଳିଛି। ତେବେ କରଞ୍ଜିଆ ବିଧାୟକ ସଂନ୍ଧ୍ୟାରେ ଖବର ପାଇ ତହସିଲଦାର ସମ୍ବିତ କୁମାର କର ଙ୍କୁ କ୍ଷୟକ୍ଷତି ଆକଳନ କରିବା ସହ ତୁରନ୍ତ ପଲିଥିନ ଯୋଗାଇ ଦେବା ପାଇଁ କହିଥିଲେ।

## ଅସହାୟ ସମୟରେ ସାହା ହେଲେ ଏସ୍ଆଇ ସମୀର ରକ୍ତ ଶିକୁଳିରେ ଆକ୍ରାନ୍ତ ପୁଅକୁ କଲେ ରକ୍ତଦାନ

ଭଞ୍ଜନଗର,(ମହାଭାରତ) : ରକ୍ତଦାନକୁ ଜୀବନ ଦାନ ସହ ତୁଳନା କରାଯାଉଛିୟ ଏଭଳି କାମକୁ ସାର୍ଥକ କରିଛନ୍ତି ଗଞ୍ଜାମ ଜିଲ୍ଲା ତାରସିଂ ଥାନାରେ କାର୍ଯ୍ୟରତ ଜଣେ ସବ୍ ଇନ୍ସପେକ୍ଟର ସମୀର କୁମାର ବେହେରା। ଅସମୟରେ ଅସହାୟର ସାଥି ହୋଇଛନ୍ତି ସମୀର। ଜଣେ ରକ୍ତ ଶିକୁଳି ପୁଅକୁ ରକ୍ତଦାନ କରି ନିଜର ନିଆରା ପରିଚୟ ସୃଷ୍ଟି କରିଛନ୍ତି ।ପୁଲିସ ସେବା ଭଳି ପଦବୀରେ ଥାଇ ନିଜ ଦାୟିତ୍ୱ ଓ କ□ଉବ୍ୟ ପ୍ରତି ସଜାଗ ରହି ଲୋକଙ୍କ ପାଇଁ କାମ କରୁଥିବା ପୁଲିସ୍ କର୍ମଚାରୀ ରକ୍ତଦାନ ଭଳି ମହାନ କାର୍ଯ୍ୟ କରି ନିଜର ମହାନ ପଣିଆର ପରିଚୟ ପ୍ରଦାନ କରିଛନ୍ତି। ଜଗନ୍ନାଥପ୍ରସାଦ ବ୍ଲକ ଘୋଗଡ ଗ୍ରାମର ବଳଭଦ୍ର ମଲ୍ଲିକଙ୍କ ୮ ବର୍ଷର ପୁଅ ଆୟୁଷ୍ମାନକୁ ନିୟମିତ ରକ୍ତ ଦେବାକୁ ପଡୁଛି। ତେବେ କିଛି ଦନ ତଳେ ତାର ଦେହ ଅସୁସ୍ଥ ହେବାରୁ ତାକୁ ଭଞ୍ଜନଗର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତୁରନ୍ତ ତାକୁ ଦୁଇ ୟୁନିଟ୍ 'ବି' ପଜିଟିଭ ରକ୍ତ ଦେବା ପାଇଁ ପରାମର୍ଶ କରିଥିଲେ। ଯେନତେନ ଗୋଟିଏ ୟୁନିଟ୍ ରକ୍ତ ଦିଆଯାଇଥିବା ବେଳେ ଆହୁରି ଗୋଟିଏ ୟୁନିଟ୍ ଦେବା ପାଇଁ ସେ ବହୁ ପ୍ରୟାସ କରିଥିଲେ ମଧ୍ୟ ସଫଳ ହୋଇନଥିଲେ। ଆଜି ଏସ୍ଆଇ ସୀମର ବେହେରା କେଣସି କାମରେ ଡାକ୍ତରଖାନାକୁ ଆସିଥିବା ବେଳେ ପରିବାର ଲୋକ ପୁଲିସ୍ କର୍ମଚାରୀଙ୍କୁ ରକ୍ତପାଇଁ ନିବେଦନ କରିଥିଲେ। ପରେ ସମୀର ରକ୍ତ ଆବଶ୍ୟକତା ଥିବା ଦେଖି ରକ୍ତକେନ୍ଦ୍ରରେ ପହଞ୍ଚି ରକ୍ତଦାନ କରିଥିଲେ। ବଳଭଦ୍ରଙ୍କ ପରିବାର ଲୋକ ସମୀରଙ୍କୁ କୃତଜ୍ଞତା ଜଣାଇଥିବା ବେଳେ ଜଣେ ଅପରଚିତ ପିଲାର ଜୀବନ ବଞ୍ଚାଇ ସଭିଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ପୂର୍ବରୁ ମଧ୍ୟ ସମୀର ବହୁବାର ରକ୍ତଦାନ କରିଥିବା ବେଳେ ରକ୍ତଦାନ ହେଉଛି ମହ୍ ଦାନ ଏବଂ ଏହାଦ୍ୱାରା ଆତ୍ମ ସନ୍ତୋଷ ମିଳିଥାଏ ବୋଲି ସମୀର ପ୍ରକାଶ କରିଛନ୍ତି।

## ଆଜି ଆରମ୍ଭ ହେଲା ଓଡିଶା ରାଜସ୍ୱ ଓ କେନ୍ଦୁପତ୍ର ଆମଦାନୀ



ବୌଦ୍ଧ(ମହାଭାରତ): ବୌଦ୍ଧ ଓଡିଶା ରାଜ୍ୟ ସରକାର ଙ୍କ ମୁଖ୍ୟ ରାଜସ୍ୱ କେନ୍ଦୁପତ୍ର ହେଉଥିବା ବେଳେ କେନ୍ଦୁ ପତ୍ର ରୁ ତିଆରି ଓଡିଶା ର ବିଡି ଦେଶ ବିଦେଶ ରେ ଉତ୍ତତ ମାନର । ସେ ନେଇ ଚଳିତ ବର୍ଷ ଏପ୍ରିଲ ମାସ ୧୮ତାରିଖ ଶୁକ୍ରବାର ଦିନ ଆରମ୍ଭ ହୋଇଛି କେନ୍ଦୁ ପତ୍ର ତୋଳା । ବୌଦ୍ଧ ଜିଲ୍ଲା ର ବିଭିନ୍ନ ରେଞ୍ଜ ସହିତ ହରଭଙ୍ଗା ବ୍ଲକ ଚରିଛକ ରେଞ୍ଜ ର ୩୮ ଗୋଟି କେନ୍ଦୁ ପତ୍ର ଫଡି ସହିତ. ଗୋଟିଏ ନିୟନ୍ତ୍ରଣ କେନ୍ଦ୍ର ଏବଂ ହରଭଙ୍ଗା ରେଞ୍ଜ ଅଧୀନରେ ଥିବା ୩୫ଗୋଟି କେନ୍ଦୁ ପତ୍ର ଫଡି ସହିତ ଗୋଟିଏ ନିୟନ୍ତ୍ରଣ କମିଟି ରେ ଆଜି ଠୁ ଆରମ୍ଭ ହୋଇଛି କେନ୍ଦୁ ପତ୍ର ତୋଳା । ବିଗତ ବର୍ଷ କେନ୍ଦୁ ପତ୍ର ରେ ବୌଦ୍ଧ ଜିଲ୍ଲା ରେ ବିଭାଗ ଭଲ ସଭଳତା ଲାଭ କରିଥିବା ବେଳେ ଚଳିତ ବର୍ଷ ତୋଳାଳି ସହିତ ବିଭାଗ ତତ୍ପରତା ରହିବା ନିହାତି ଦରକାର ।

## ହିନ୍ଦୋଳର ଛକ ଛକରେ ଲାଗିଲା ଜନଶକ୍ତି ପାର୍ଟିର ପୋଷ୍ଟର

ହିନ୍ଦୋଳ(ମହାଭାରତ)ରାଜ୍ୟ ସଭାପତି ଆଡଭୋକେଟ ପ୍ରଦୀପ ଦାସଙ୍କ ନେତୃତ୍ୱରେ ୬ଦଫା ଦାବୀ ନେଇ ରାଜ୍ୟର ବିଭିଉ କୋଣ ଅନୁକୋଣରେ ଜନଶକ୍ତି ପାର୍ଟି ପକ୍ଷରୁ ଆରମ୍ଭ ହୋଇଯାଇଛି ସଚେତନତା ଯାତ୍ରା। ସେହିଭଳି ଆଜି ହିନ୍ଦୋଳ ଏନ୍ ଏ ସି ର ବିଭିଉ ଛକ, ବଜାର ଏବଂ କ୍ୟାରେ ଜନଶକ୍ତି ପାର୍ଟି ପକ୍ଷରୁ ଦଳର କାର୍ଯ୍ୟକର୍ତ୍ତା ମାନେ ପୋଷ୍ଟର ମାରୁଥିବା ନଜର ଆସିଛି। ଏନେଇ କଣ କହୁଛନ୍ତି ଦଳର କାର୍ଯ୍ୟକର୍ତ୍ତା ଥରେ ଶୁଣି ନିଅନ୍ତୁ। ପୋଷ୍ଟର ମାରିବା ପରେ ଆହାର କେନ୍ଦ୍ରରେ ଦିଆଯାଉଥିବା ଆହାର ଖାଇ ଖାଦ୍ୟର ମାନ ପରଖିଥିଲେ ଦଳର କର୍ମୀମାନେ। ତେବେ ଆଗାମୀ ଦିନରେ ଦାବୀ ପୂରଣ ନହେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ମଧ୍ୟ ଦେଇଛନ୍ତି।

## ବିଳମ୍ବିତ ରାତିରେ ମେଣ୍ଢା ଗୁହାଳରୁ ୩୨ ଟି ମେଣ୍ଢା ଚୋରି




ନୟାଗଡ଼, ( ମହାଭାରତ ) : ନୟାଗଡ଼ ଟାଉନ ଅନ୍ତର୍ଗତ ଜୟପୁର ଗାଁ ରୁ ଚୋରି ହୋଇଛି ମେଣ୍ଢା। ଜୟପୁର ର ମେଣ୍ଢା ବେପାରୀ ବସନ୍ତ ପରିଡା ଘରେ ଶୋଇଥିବା ବେଳେ ବିଳମ୍ବିତ ରାତିରେ ମେଣ୍ଢା ଗୁହାଳରୁ ୩୨ ଟି ମେଣ୍ଢା ଚୋରି କରିନେଇଛନ୍ତି ଦୁର୍ବୃତ୍ତ। ବସନ୍ତ ବହୁଦିନ ହେବ ମେଣ୍ଢା ବେପାର କରି ନିଜର ପରିବାର ଭରଣ ପୋଷଣ କରୁଥିଲେ। କାଲି ଜୟପୁର ଗାଁ ର ଶେଷ ମୁଣ୍ଡରେ ରାମ ନାଟକ ଚାଲୁଥିବା ବେଳେ ଗାଁ ଲୋକେ ରାମ ନାଟକ ଦେଖିବାପାଇଁ ଚାଲିଯାଇଥିବା ବେଳେ ବସନ୍ତ ଓ ତାଙ୍କ ପଡୋଶୀ ଘରେ ଶୋଇଥିଲେ। ଦୁର୍ବୃତ୍ତ ମାନେ ରାତି ୧.୩୦ ରୁ ୨.୦୦ ମଧ୍ୟରେ ଗାଁ କୁ ଆସି ବସନ୍ତ ଘରର କବାଟର ବାହାର ପଟୁ ଚାବି ପକାଇଦେବା ସହ ପଡୋଶୀ ଙ୍କ ଘର କବାଟ କୁ ମଧ୍ୟ ବାହାର ପଟୁ ଚାବି ପକାଇଦେଇ ମେଣ୍ଢା ଗୁହାଳ ତାଲା ଭାଙ୍ଗି ୩୨ ଟି ମେଣ୍ଢା ନେଇଯାଇଛନ୍ତି। ମେଣ୍ଢା ଚୋରି ବେଳେ ଗୋଟିଏ ମେଣ୍ଢା ବୋବାଇବାରୁ ଦୁର୍ବୃ□ ମାନେ ତରବରିଆ ଭାବେ ପଳେଇ ଯାଇଛନ୍ତି। ସେପଟେ ମେଣ୍ଢା ବୋବାଇବା ପରେ ବସନ୍ତ କବାଟ ଖୋଲି ବାହାରକୁ ଆସିବାକୁ ଚେଷ୍ଟା କରୁଥିବା ବେଳେ କବାଟ ଖୋଲି ନଥିଲା। ସେ ଘରର ବାରିପଟ ପାଚେରୀ ଡେଇଁ ବାହାରକୁ ଆସି ଦେଖନ୍ତି ତ ମେଣ୍ଢା ଗୁହାଳ ଖାଲି ଥିବା ବେଳେ ତାଙ୍କ ଘର ଓ ପଡ଼ୋଶୀ ଙ୍କ ଘରର କବାଟ ବାହାର ପଟୁ ଚାବି ପଡିଛି। ଗୁହାଳ କବାଟ ର ତାଲା ଭାଙ୍ଗି ମେଣ୍ଢା କେହି ନେଇଯାଇଛନ୍ତି । ଏହାପରେ ବସନ୍ତ ତୁରନ୍ତ ନୟାଗଡ଼ ଟାଉନ ଥାନା କୁ ଆସି ଅଭିଯୋଗ କରିବା ସହ ବିଭିଉ ଜାଗା ରେ ଯାଇ ମେଣ୍ଢା ଖୋଜିଥିଲେୟ ଟାଉନ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ବାଜପାୟୀଙ୍କ ଜନ୍ମ ଶତବାର୍ଷିକ ସମାରୋହରେ ବିଜେପି ବରିଷ୍ଠ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା



ପାରାଦୀପ/ଜଗତସିଂହପୁର - ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରୀ ବାଜପାୟୀ ଙ୍କ ଜନ୍ମ ଶତବାର୍ଷିକ ସମାରୋହ ପାଳନ କାର୍ଯ୍ୟକ୍ରମ ଜଗତସିଂହପୁର ଜିଲ୍ଲା ସଂସ୍କୃତି ଭବନ ଠାରେ ଶନିବାର ଦିନ ଆୟୋଜିତ ହୋଇଯାଇଛି କ୍ଷ ଜିଲ୍ଲା ବିଜେପି ସଭାପତି ପ୍ରତାପ ମିଶ୍ର ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ଅତିଥି ଭାବେ ପ୍ରାକ୍ତନ ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର, ବରିଷ୍ଠ ବିଜେପି ନେତା ସଞ୍ଜୟ ମହାନ୍ତି, ରାଜ କିଶୋର ବେହେରା, ସତ୍ୟ ସାରଥୀ ମହାନ୍ତି, ନୃସିଂହ ସାହୁ ପ୍ରମୁଖ ଯୋଗଦେଇ ବାଜପାୟୀ ଙ୍କ ସ୍ମୃତି ଚାରଣ କରିଥିଲେ କ୍ଷ ସଭାକାର୍ଯ୍ୟ ପରିଚାଳନା କରିଥିଲେ ଜିଲ୍ଲା ଉପ ସଭାପତି ସୌଭାଗ୍ୟ ମହାନ୍ତି କ୍ଷ ଏହି ଅବସରରେ ବିଜେପି ଦଳର ବାଜପାୟୀ ଙ୍କ ସମୟରେ କାର୍ଯ୍ୟ କରିଥିବା କର୍ମକ□ା ବୀରେନ୍ଦ୍ର ବିଶ୍ୱାଳ, ଶଶାଙ୍କ ଶେଖର ଆଚାର୍ଯ୍ୟ, ରାମ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା କ୍ଷ ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ପାରାଦୀପ ନଗର ମଣ୍ଡଳ ସଭାପତି ସୁବ୍ରତ କୁମାର ପ୍ରଧାନ, ପୁରାତନ କାର୍ଯ୍ୟକ□। କୈଳାସ ମଲ୍ଲିକ, ପୂର୍ଣ୍ଣ ଚନ୍ଦ୍ର ସେଠୀ ଙ୍କ ସମେତ ବହୁ ଦଳ ଉପସ୍ଥିତ ଥିଲେ.

## ପ୍ରେମ ବ୍ୟାପାର କୁ ନେଇ ଗୋଟିଏ ପରିବାରର ଚରିଜଣଙ୍କୁ ମରଣାତ୍ମକ ଆକ୍ରମଣ



ଆସିକା(ମହାଭାରତ): ପ୍ରେମ ସମ୍ପର୍କ କୁ କେନ୍ଦ୍ରକରି ଯୁବକ ଙ୍କ ସହ ପରିବାର ର ଚରିଜଣ କୁ ମରଣାନ୍ତକ ଆକ୍ରମଣ । ଏହିଭଳି ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା ଆସିକା ଥାନା ଖଣ୍ଡଦେଉଳି ପଞ୍ଚାୟତର କନ୍ଧ. ଭରତପଲ୍ଲୀ ଗ୍ରାମରେ । ଆକ୍ରମଣ ଘଟଣାରେ କନ୍ଧ. ଭରତ ପଲ୍ଲୀ ଗ୍ରାମର ଚିତ୍ରସେନ ମଲ୍ଲିକ (୨୮)ନାମକ ଯୁବକ ଙ୍କ ସମେତ ତାଙ୍କ ଭାଇ ଲକ୍ଷ୍ମଣ ମଲ୍ଲିକ(୩୦), ନିରଞ୍ଜନ ମଲ୍ଲିକ(୩୮),ଦାଦା ନାରାୟଣ ମଲ୍ଲିକ (୫୦)ଙ୍କୁ ମିଶାଇ ମୋଟ ଚରିଜଣଙ୍କୁ ହୋଇଛି ମରଣାନ୍ତକ ଆକ୍ରମଣ। ଶୁକ୍ରବାର ଅପରାହ୍ନ ପ୍ରାୟ ୪. ୩୦ ମିନଟ ସମୟରେ ଚିତ୍ରସେନ ଓ ଦୁଇ ଭାଇ ତାଙ୍କ ଜେଜେ ବାପା ମଦନ ମଲ୍ଲିକ ଙ୍କ ଦଶାହ କାର୍ଯ୍ୟ ପାଇ ଜିନିଷ ପତ୍ର କିଣି ଶେରଗଡ଼ ରୁ ନିଜ ଗାଁ କୁ ଫେରିବା ସମୟରେ କନ୍ଧ. ଭରତ ପଲ୍ଲୀ ରେ ତିନୋଟି ବାଇକରେ ସାତଜଣ ଚିତ୍ରସେନ ଓ ଭାଇଙ୍କୁ ଅଟକାଇ ପ୍ରଥମେ ଗାଳି ଗୁଲଜ କରିବା ସହ ବିଭିନ୍ନ ମରଣାସ୍ତରେ ଆକ୍ରମଣ କରିଥିଲେ । ଚିତ୍ରସେନ କୁ ରକ୍ଷା କରିବା ପାଇଁ ତାଙ୍କ ଦାଦା ନିରଞ୍ଜନ ମଳିକ ପହଞ୍ଚି ବୁଝା ସୁଝା ବେଳେ ଉକ୍ତ ବ୍ୟକ୍ତି ମାନେ ତାଙ୍କ ଉପରକୁ ବିଭିଉ ମରଣାସ୍ତ୍ର ରେ ଆକ୍ରମଣ କରିଥିଲେ । ଆକ୍ରମଣ ରେ ଚିତ୍ରସେନ ଙ୍କ ସମେତ ମୋଟ ଚରିଜଣ ଗୁରୁତର ଆହାତ ହୋଇଥିବା ବେଳେଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଚିକିତ୍ସା ନିମନ୍ତେ ସମସ୍ତ ଆହତ ଙ୍କୁ ୧୦୮ ଯୋଗେ ଆସିକା ଉପଖଣ୍ଡ ଚିକିତ୍ସାଳୟ ରେ ଭର୍ତ୍ତି କରାଯାଇଛି । ସମସ୍ତ ଆହତଙ୍କ ପ୍ରାଥମିକ ଚିକିତ୍ସା ପରେ ଲକ୍ଷ୍ମଣ ମଲ୍ଲିକ ଓ ନିରଞ୍ଜନ ମଲ୍ଲିକ ଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ କୁ ସ୍ଥାନାନ୍ତରିତ କରାଯାଇଛି। ଆସିକା ଥାନା ଅଧିକାରୀ କୁଳମଣୀ ସେଠି ଆସିକା ମେଡିକାଲ ରେ ପହଞ୍ଚି ତଦନ୍ତ ଚଳାଇଛିୟ ପ୍ରକାଶ ଥାଉକି ଦୀର୍ଘ ପା□ ବର୍ଷ ହେବ ଚିତ୍ରସେନ ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ଅଧୀନ ରାଣୀ କୋଟ ଗ୍ରାମର ଜଣେ ଯୁବତୀଙ୍କ ସହ ବ୍ରହ୍ମପୁରରେ ଲିଭ ଇନ୍ ରିଲେସନ ରହି ତାଙ୍କର ପଢାଖର୍ଚ୍ଚ ଠାରୁ ଆରମ୍ଭ କରି ସମସ୍ତ ଖର୍ଚ୍ଚ ବହନ କରୁଥିଲେ । ହେଲେ ଯୁବତୀ ଜଣକ ଗତ କିଛି ମାସ ତଳେ ଶେରଗଡ଼ ବ୍ଲକ କୁରୂଳା ପଞ୍ଚାୟତରେ କାର୍ଯ୍ୟ କରୁଥିବା ଜଣାଯାଇଛି । ନିଜ ପ୍ରେମିକ ଚିତ୍ରସେନ ସହ ଆଉ ସମ୍ପର୍କ ନରଖି ଆଉ ଜଣେ ଯୁବକ ସହ ସମ୍ପର୍କ ରଖିଥିଲେ। ଏହି ଘଟଣା ଚିତ୍ରସେନ ଜାଣିବା ପରେ ପଚାରିବାରୁ ସେ ମୋ ଭାଇ ହେବେ ବୋଲି କହି କଥା କୁ ଆଡେଇ ଦେଇଥିଲେ। ହେଲେ ଚିତ୍ରସେନ ସବୁ ଘଟଣା ଜାଣିବା ପରେ ସମ୍ପୃକ୍ତ ଯୁବତୀ ଙ୍କୁ ବୁଝାଇବା ପାଇଁ ଚିତ୍ରସେନ ବହୁବାର ପ୍ରୟାସ କରିଥିଲେ ହେଲେ ନିଜ ପ୍ରେମିକକୁ ରାସ୍ତାରୁ ହଟେଇବା ପାଇଁ କିଛି ଯୁବକଙ୍କୁ ସୁପାରି ଦେଇ ଆଜି ଏହି ଭଳି ଆକ୍ରମଣ କରିଥିବା ଚିତ୍ରସେନ ଓ ତାଙ୍କ ପରିବାର ପୋଲିସ ସମ୍ମୁଖରେ ଅଭିଯୋଗ କରିଛନ୍ତି ।

## ବିପୁଳ ପରିମାଣ ର ମହୁଲ ଫୁଲ ଜବତ: ଦୁଇ ଅଭିଯୁକ୍ତ ଗିରଫ



ବୌଦ୍ଧ(ମହାଭାରତ):ବୌଦ୍ଧ ବେଆଇନ ମହୁଲ ଫୁଲ ଚୋରା ଚାଲାଣ ରୋକିବାରେ ସଫଳ ହୋଇଛି ଚରିଛକ ଅବକାରୀ ବିଭାଗ । ଶନିବାର ଦିନ ସଂକୁଲେଇ ରାସ୍ତାରୁ ଏକ ବୋଲେରୋ ପିକ ଅପ ସହିତ ଛଅ କୁଇଣ୍ଟାଲ ମହୁଲ ଫୁଲ ଓ ନଗଦ ୫୪ହଜାର ଟଙ୍କା ଜବଦ କରିବା ସହ ଦୁଇ ଜଣ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣା ପଡିଛି । ସୂଚନା ଅନୁଯାଇ ବୌଦ୍ଧ ଜିଲ୍ଲା ଅବକାରୀ ବିଭାଗ ଅନ୍ତର୍ଗତ ଚରିଛକ ଅବକାରୀ ବିଭାଗ ର ସଂକୁଲୋଇ ଅଂଚଳ ରେ ବେଆଇନ ମହୁଲ ଫୁଲ ଚାଲାଣ ହେଉଥିବା ନେଇ ବୌଦ୍ଧ ଜିଲ୍ଲା ଅବକାରୀ କୌଣସି ମତେ ଖବର ପାଇ ଏସ ପି ଶାନ୍ତି ମାରାଣ୍ଡି ଙ୍କ ନିର୍ଦ୍ଦେଶ କ୍ରମେ ଆଜି ଚରିଛକ ଅବକାରୀ ବିଭାଗ ଉକ୍ତ ଅଂଚଳ ରେ ହଠାତ ଚଢ଼ାଉ ଜାରି କରିଥିଲା । ସଂକୁଲୋଇ ହାଇସ୍କୁଲ ରାସ୍ତାରେ (ଡଉ ୨୭.ଉ୩୯୪୮)ବୋଲେରୋ ପିକ ଅପ ଖୁବ ଜୋରରେ ଯାଉଥିବା ବେଳେ ଗାଡି କୁ ଅଟକାଇ ଥିଲା ।ଗାଡି କୁ ତନଖି କରିବାରୁ ବିପୁଳ ପରିମାଣ ର ମହୁଲ ଫୁଲ ସହିତ ଡ୍ରାଇଭର ପାଖରୁ ନଗଦ ୫୪ହଜାର ଟଙ୍କା ମିଳିଥିଲା । ଘଟଣା ସ୍ଥଳରୁ ଗାଡି ସହିତ ଟଙ୍କା ଜବଦ ଓ ଦୁଇ ଚାଲାଣ କାରୀଙ୍କୁ ଗିରଫ କରାଯାଇଛି । ଦୁଇ ଆସାମୀ ହେଲେ ବୌଦ୍ଧ ଥାନା ସାମ୍ଭୋଚ ଗ୍ରାମ ଟିକିରା ସାହିର ତ୍ରିଲୋଚନ ସେଠି ଅନ୍ୟ ଜଣେ ପ୍ରଗଳ ପୁର ଗ୍ରାମର ସୁଜିତ ପ୍ରଧାନ ।ଏନେଇ ୧୦/୨୫ ଏକ ମାମଲା ରୁଜୁ କରି ଉଭୟ ଙ୍କୁ ଚରିଛକ ଜେ ଏମ ଏଫ ସି କୋର୍ଟ କୁ ଚାଲାଣ କରାଯାଇଛି । ଏହି ଚଢ଼ାଉ ରେ ଚରିଛକ ଅବକାରୀ ଇନ୍ସପେକଟର ରବୀନ୍ଦ୍ର ନାଥ ପ୍ରଧାନ, ସୁଜିତ କୁମାର ସାହୁ ଓ ବିଜୟ ବାଘ ସାମିଲ ଥିଲେ । ଅନ୍ୟ ପଟେ ଆଗକୁ ମଧ୍ୟ ବେଆଇନ ମହୁଲ ଫୁଲ ଚୋରା ଚାଲାଣ ଉପରେ ଚରିଛକ ଅବକାରୀ ଚଢ଼ାଉ ଜାରି ରଖିବ ଇନ୍ସପେକ୍ଟର ସୂଚନା ଦେଇଛନ୍ତି ।

## ବାଳୀବନ୍ଧ ,ସୁଗ୍ରୀବ ଅଭିଶେକ ଓ ସୀତା ଠାବ ପାଇଁ ଅଷ୍ଟମଲ୍ଲ କଂ ସହିତ ମନ୍ତ୍ରଣା

ଦଶପଲ୍ଲା, (ମହାଭାରତ): ଭାରତ ପ୍ରସିଦ୍ଧ, ସର୍ବ ପୁରାତନ ମୁକ୍ତାକାଶ ରଂଗମଂଚ ଐତିହାସିକ ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରାର ଦଶମ ଦିବସ ମଧ୍ୟାହ୍ନ ରେ ପ୍ରଭୂ ଶ୍ରୀ ଶ୍ରୀ ରଘୁନାଥ କଂ ମନ୍ଦିର ରେ ବାଳୀବନ୍ଧ, ସୁଗ୍ରୀବଙ୍କ ଅଭିଷେକ ଓ ସୀତାଠାବ ପାଇଁ ଅଷ୍ଟମଲ୍ଲ କଂ ସହିତ ମନ୍ତ୍ରଣା ନୀତି ପାରଂପାରିକ ରୀତିନୀତି ଅନୁଯାଇ ,ବୈଦିକ ବ୍ରାହ୍ମଣ ଓ ସେବାୟତ ମାନକଂ ଦ୍ୱାରା ସଂପର୍ଣ୍ଣ ହୋଇଥିଲା । ଶୋକ ଅଧିର ରାମ ଲକ୍ଷ୍ମଣ ଆଗକୁ ଯାଇ ଦେଖନ୍ତି , ପକ୍ଷ ଛେଦନ ଜନ୍ତ୍ରଣାରେ ଛଟପଟ ହେଉଥିବା ପକ୍ଷୀରାଜ ଜଟାୟୁଙ୍କୁ ଲଙ୍କାଧିପତି ରାବଣ ବଳ ପୁର୍ବକ ଅପହରଣ କରି ଆକାଶ ମାର୍ଗରେ ପୁସ୍ତକ ବିମାନରେ ଦକ୍ଷିଣ ଦିଗକୁ ଚାଲି ଯାଇଥିବା ବାର୍ତା ଦେଇ ଦେହ ତ୍ୟାଗ କରନ୍ତି ଜଟାୟୁ । ସୀତାଙ୍କ ସନ୍ଧାନରେ ଦକ୍ଷିଣ ଦିଗକୁ ପ୍ରଭୂ ଶ୍ରୀରାମ ଓ ଅନୁଜ ଲକ୍ଷ୍ମଣ ଅଗ୍ରସର ହୁଅନ୍ତି ଏବଂ କିଷ୍କିନ୍ଧା ରାଜ୍ୟରେ ପ୍ରବେଶ କରନ୍ତି। ପ୍ରବଳ ପରାକ୍ରମୀ ବାନର ରାଜା ବାଳୀଙ୍କ ପ୍ରଭାବରେ ସାନ ଭାଇ ସୁଗ୍ରିବ ଋଷ୍ୟମୁଖ ପର୍ବତରେ ଆତ୍ମ ଗୋପନ କରନ୍ତି । କପିରାଜ ସୁଗ୍ରିବଙ୍କ ସହିତ ଜାମ୍ବବାନ ହନୁମାନ , ଅଙ୍ଗଦ , ନଳ , ନୀଳ, ଗବୟ ଓ ଗବାକ୍ଷ ଆଦି ଅଷ୍ଟସେନା ମଧ୍ୟ ଥାନ୍ତି । ସେମାନେ ଋଷିମୁଖ ପର୍ବତ ଉପରୁ ନୀରିକ୍ଷଣ କରି ଦୁଇ ଭାଇଙ୍କୁ ଗୁପ୍ତଚର ମନେକରି ମହାପରାକ୍ରମୀ ଚତୁର ହନୁମାନଙ୍କୁ ବ୍ରାହ୍ମଣ ବେଶରେ ପଠାନ୍ତି ୟ ହନୁମାନ ରାମଲକ୍ଷ୍ମଣଙ୍କୁ ଚିହ୍ନିପାରି ଦୁଇ ଭାଇଙ୍କୁ କାନ୍ଧରେ ବସାଇ ସୁଗ୍ରିବଙ୍କ ପାଖରେ ପହଁଚାଇବା ପରେ ମୈତ୍ରିର ମହାମିଳନ ପାଳନ ହୁଏ । ଏହାପରେ ସୁଗ୍ରୀବ ମହାବଳୀ ବାଳୀର ସମସ୍ତ କୁ କର୍ମ ବିଷୟରେ ପ୍ରଭୂ ଶ୍ରୀରାମଙ୍କୁ ଅବଗତ କଲାପରେ ,ପ୍ରଭୂ ଶ୍ରୀରାମ ବାଳୀବନ୍ଧ କରିବାକୁ ଶପଥ ନିଅନ୍ତି । ପ୍ରଭୂ ଶ୍ରୀରାମକଂ ବୀରତ୍ୱ ଉପରେ ସୁଗ୍ରୀବଙ୍କ ସନ୍ଦେହ ହେବାରୁ, ପ୍ରଭୁ ସୁଗ୍ରୀବଙ୍କ ସଂକା ଦୂରପାଇଁ ଦୁନ୍ଦୁଭି ଅସ୍ଥି ନିକ୍ଷେପଣ ଓ ଶପ୍ତ ଶଳାକା ଛେଦନ କରିବାପରେ, ମହାବୀର ବାନରରାଜ ବାଳୀ କୁଂ ବନ୍ଧକରି ସୁଗ୍ରୀବଙ୍କୁ କିସ୍କିନ୍ଧା ରାଜ୍ୟରେ ଅଭିସିକ୍ତ କରନ୍ତି ପ୍ରଭୂ ଶ୍ରୀରାମ । ଏହାପରେ ସୀତାଠାବ ପାଇଁ ଅଷ୍ଟମଲ୍ଲ କଂ ସହିତ ମନ୍ତ୍ରଣାକରି ବିଭିନ୍ନ ଦିଗକୁ ମଲ୍ଲ ମାନକୁଂ ପ୍ରେରଣ କରିବା ନିଷ୍ପତ୍ତି ଗ୍ରହଣ କରାଯିବା ଅଭିନୟ ମୁଖ୍ୟମଂଚରେ ଅନୁଷ୍ଠିତ ହୋଇଥିଲା।

## ଦାଦନ ଖଟିବା ଭାଇକୁ ଦେଖା କରିବାକୁ ଯାଇ ଶବ ହୋଇ ଫେରିଲେ

ବିଷମ କଟକ: (ମହାଭାରତ) ଦାଦନ ଖଟିବା କୁ ଯାଇଥିବା ମାମୁ ପୁଅ ଭାଇ ଙ୍କୁ ଦେଖା କରିବାକୁ ଯାଇ ଶବ ହୋଇ ଫେରିଲେ । ଏପରି ଏକ ଅଭା ବନୀୟ ଘଟଣା ଦେଖିବା କୁ ମିଳିଛି ରାୟଗଡା ଜିଲ୍ଲା ବିଷମ କଟକ ଥାନା ଟାଙ୍କୁପଦାର ଗ୍ରାମରେ । ଗ୍ରାମର ମୀନକେତନ ହିକକାଙ୍କ ପୁଅ ବିଜୟ ହିକକା (୧୬) କ୍ଷ ଗତ ମାସରେ ନିଜ ମାମୁ ର ପୁଅ ବଳରମ ପୀଡ଼ିତ ପାଖ କୁ ବୁଲିବାକୁ ଯାଇଥିଲେ । କିଛି ଦିନ ପରେ ଫେରିବା ସମୟରେ ବିଜୟବାଡା ରୁ ରାୟଗଡା ଆସିବା ପରିବର୍ତ୍ତେ ଭୁଲ ବସତ ଅନ୍ୟ ଟ୍ରେନ୍ ରେ ଚଢ଼ି ଗୁଜରାଟର ଗାନ୍ଧୀଧାମ ଷ୍ଟେସନ ନିକଟରେ ପଡିଥିବା ଜି ଆର ପି ପୋଲିସ ଦେଖି ଥିଲା ଓ ତା ପାଖରେ ପଡିଥିବା ବେଗ ଟି କୁ ଖୋଜି ଥିଲେ ବେଗ ଭିତରେ ଆଧାର କାର୍ଡ ପାଇ ଥିଲା ପୋଲିସ, ସାଙ୍ଗେ ସାଙ୍ଗେ ବିଷମ କଟକ ଥାନା କୁ ସୂଚନା ଦେଇଥିଲେ । ପୋଲିସ ଥୁଆପାଢୀ ଗ୍ରାମ ପଞ୍ଚାୟତର ସରପଞ୍ଚ କବିତା ନିଶିକା ଓ ସାନିୟା ହିକକା କୁ ଜଣାଇଥିଲେ । ଉଭୟ ମିଶି ଟାଙ୍କୁ ପଦର ଗ୍ରାମ କୁ ଯାଇ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ ।

## ଜଙ୍ଗଲ ଜମିରେ ବେଆଇନ ଭାବେ ଗଢି ଉଠିଛି ପାର୍କିଂ ଓ ଷ୍ଟକୟାର୍ଡ଼

### ଅଣଓଡ଼ିଆ ଠିକାଦାରଙ୍କ କବଜା ରେ ଜଙ୍ଗଲ ଜମି ପ୍ରଶାସନ ନୀରବ ଦ୍ରଷ୍ଟା ?



ଦାନଗଦୀ : (ମହାଭାରତ)କଳିଙ୍ଗନଗର ଶିଳ୍ପାଞ୍ଚଳ ଚାରିପାଖରେ ଏକର ଏକର ସରକାରୀ ଜମି ନିର୍ଭୟ ରେ ବେଧଡକ ଭାବେ ଜବରଦଖଲ ଦିନକୁ ଦିନ ବଢ଼ି ଚାଲିଛି, ପ୍ରଶାସନର ରାଜସ୍ୱ ବିଭାଗ ଓ ଜଙ୍ଗଲ ବିଭାଗ ଏସବୁ ଦେଖି ଜାଣି ନ ଜାଣିଲାର ଅଭିନୟ କରି ନୀରବ ଦ୍ରଷ୍ଟା ସାଜିଛନ୍ତି, ଏପରି ଏକର ଏକର ବେଆଇନ ଜଙ୍ଗଲ ଜମି ଜବରଦଖଲ ହୋଇଥିବା ଦେଖିବାକୁ ମିଳିଛି ଦାନଗଦୀ ତହସିଲ ଅନ୍ତର୍ଗତ ନଡ଼ିଆଭଙ୍ଗା ମୌଜାର ଖାତା ନମ୍ବର ୯୦ ର ପ୍ଲଟ ନମ୍ବର ୯୩ ଓ ୧୦୩ ଜମିରେ, ଏହି ଏକ ଏକରରୁ ଉର୍ଦ୍ଧ ଜାଗାରେ ଏକ ଅଣ ଓଡ଼ିଆ ଠିକାଦାର ଗାଡି ପାର୍କିଂ କରିବା ସହ ଷ୍ଟକୟାର୍ଡ଼ ଭାବେ ବ୍ୟବହାର କରୁଛି, ଏହି ଗାଡି ପାର୍କିଂ ଓ ଷ୍ଟକ ୟାର୍ଡ଼ଟି ଡୁବୁରୀ ରୁ ଦୈତାରୀ ରାଜ୍ୟରାଜପଥ ରେ ଯିବା ବେଳେ ରାସ୍ତା ପାର୍ଶ୍ୱରେ ଜାମୁପଶୀ ନିକଟରେ ହୋଇଛି। ଏହି ଜମିର କିସମ ଶାଳ ଜଙ୍ଗଲ (ଅନାବାଦୀ )ଥିବା ବେଳେ ସେହିଠାରେ ଆଗରୁ ଝାଟି ଜଙ୍ଗଲ ଥିଲା। ଏହି ସରକାରୀ ଜମିରୁ ଧୀରେ ଧୀରେ ଜଙ୍ଗଲ ସଫାକରି ଜଙ୍ଗଲ ଓ ରାଜସ୍ୱ ବିଭାଗ ଜାଣତରେ ସ୍ଥାନୀୟ ଅଞ୍ଚଳର କିଛି ଯୁବକ ଜମି ମାଫିଆ ୟୁ. ଏ. ଇ. ନାମକ ଜଣେ ବାହାର ଅଣ ଓଡ଼ିଆ ଠିକାସଂସ୍ଥାକୁ ମାସକୁ ଲକ୍ଷାଧିକ ଟଙ୍କାରେ ଭଡା ସୂତ୍ରରେ ଦେଇଥିବା ଅଭିଯୋଗ ହେଉଛି, ବିବେକ ଜୈନ ନାମକ ଜଣେ ଠିକାଦାର ଏହି ଜାଗାକୁ ଧୀରେ ଧୀରେ ପାଚେରୀ କରି ମାଡି ବସି ଶହ ଶହ ଭାରୀ ଯାନ ପାର୍କିଂ କରିବା ଫଳରେ ମାତ୍ରାଧିକ ଧୂଳି ଉଡି ସ୍ଥାନୀୟ ଅ□ଳରେ ପ୍ରଦୂଷଣ ବୃଦ୍ଧି ପାଉଥିବା ବେଳେ ଟ୍ରାଫିକ ସମସ୍ୟା ଉପୁଜୁଛି, କଳିଙ୍ଗନଗର ରେ ଶିଳ୍ପ ଜନିତ ପ୍ରଦୂଷଣ ଜଙ୍ଗଲ ଓ ସବୁଜ ବଳୟ ଅଭାବ କାରଣରୁ ବୃଦ୍ଧି ପାଉଥିବା ବେଳେ ପ୍ରଶାସନ ଜଙ୍ଗଲ ଜମିରେ ବୃକ୍ଷରୋପଣ କରିବା ପରିବର୍ତ୍ତେ ଦେଖି ନ ଦେଖିଲା ପରି ରକ୍ଷକ ହୋଇ ଭକ୍ଷକ ହେବା ସାଧାରଣରେ ପ୍ରଶ୍ନବାଚୀ ହୋଇଛି, ପ୍ରଶାସନ ଏତେ ପରିମାଣରେ ଜଙ୍ଗଲଜମିକୁ ଅଣ ଓଡ଼ିଆଠିକାଦାରଙ୍କ କାରୁ ଉଦ୍ଧାରକରି ନୂତନ ଜଙ୍ଗଲ ସୃଷ୍ଟି କରି ପରିବେଶ ସୁରକ୍ଷା କରିବା ପାଇଁ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମାନେ ଦାବୀ କରୁଛନ୍ତି।

## ଭାରତୀୟ ଜନତା ପାର୍ଟିର ସକ୍ରିୟ ସଦସ୍ୟଙ୍କୁ ସମ୍ବୋଧନ କାର୍ଯ୍ୟକ୍ରମ

ହାଟଡିହ(ମହାଭାରତ): ହାଟଡିହି ବ୍ଲକ ଶ୍ରୀ କ୍ରିଷ୍ଣା କଲ୍ୟାଣୀ ମଣ୍ଡପ ରେ ଗୁରୁବାର ଭାରତୀୟ ଜନତା ପାର୍ଟି ସକ୍ରିୟ ସଦସ୍ୟ ମାନଙ୍କ ସହ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ସାଂସଦ ଅନନ୍ତ ନାୟକ, ଜିଲ୍ଲା ସଭାପତି ଶୁକଦେବ ମହାନ୍ତ, ଜିଲ୍ଲା ପରିଷଦ ସଦସ୍ୟା ଅସୀମା ମିଶ୍ର, ରାମଚନ୍ଦ୍ର ସାହୁ ନିରାକାର ଦଳେଇ, ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ଜ୍ଞାନ ରଞ୍ଜନ ସାମନ୍ତ ସିଂହାର ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ରେ ପ୍ରମୁଖ ଦାୟିତ୍ୱ ରେ ଆନନ୍ଦପୁର ନିର୍ବାଚନ ମଣ୍ଡଳୀରୁ ଭଗବାନ ସାହୁ, ସୁରେଶ କୁମାର ସାହୁ, ଟୁକୁନା ମହାନ୍ତ, ସାଂସଦ ପ୍ରତିନିଧି ସୁଶାନ୍ତ କୁମାର ଜେନା, ହରମୋହନ ଶାସିନି,ଯୁଧିଷ୍ଠିର ମଲ୍ଲିକ, ସହ ନିତ୍ୟାନନ୍ଦ ପହି, ନିକୁଞ୍ଜ ବିହାରୀ ଓଝା, ଯୋଗେନ୍ଦ୍ର ବେହେରା, ସୁନିଲ ନାୟକ, ପ୍ରଦୀପ ନାୟକ, ରୁଦ୍ର ନାୟକ, ଅନନ୍ଦା ପ୍ରସାଦ ଜେନା, କାର୍ଯ୍ୟକର୍ତ୍ତା ମାନଙ୍କ ମଧ୍ୟରେ ହାଟଡିହି ରେ ସୁନିଲ କୁମାର ନାୟକ, ନିତ୍ୟା ନନ୍ଦ ପହି,ଅନନ୍ଦା ଜେନା, ବାବୁଲି ନାଇକ, ସୁରେଶ ଚନ୍ଦ୍ର ମହାନ୍ତି, ପ୍ରଦୀପ ନାୟକ, ପ୍ରକାଶ ମହାନ୍ତି, ଅଶୋକ ଜେନା, ପ୍ରଫୁଲ୍ଲ ଚକ୍ର, ନିରାକାର ବିଶ୍ୱାଳ, ସୁଜି ସା, ଚନ୍ଦନ ସାହୁ, ବିଜୟା ଲକ୍ଷ୍ମୀ ଜେନା , ସଞ୍ଜୁ ଲତା ଆୟିଚ, ତୃପ୍ତି ମୟୀ ଜେନା, ଦୀପ୍ତିମୟୀ ଖୁଣ୍ଟିଆ, ସାସଂଗ ସରପଞ୍ଚ ମଧୁମିତା ସ୍ୱାଇଁ, ଙ୍କ ସହ ଶତାଧିକ କାର୍ଯ୍ୟକର୍ତ୍ତା ନିଜର ସକ୍ରିୟ ସଦସ୍ୟତା ପ୍ରଶିକ୍ଷଣ ନେଇଛନ୍ତି।

## ସରସ୍ୱତୀ ଶିଶୁ ମନ୍ଦିରରେ ରଜତ ଉତ୍ସବ

ହାଟଡିହ(ମହାଭାରତ) ଗୁରୁବାର ଦିନ ହାଟଡିହି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରଜତ ଉତ୍ସବ ପାଳିତ ହେଉଛି। ଏଥିରେ ମୁଖ୍ୟ ଅତିଥି ଭାବରେ ପ୍ରଥମ ଅଧିବେଶନରେ କେନ୍ଦୁଝର ଲୋକ ପ୍ରିୟ ସାଂସଦ ଅନନ୍ତ ନାୟକ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଆଲୋକ ସେଠୀ, ତୁଳସୀ ଦାସ ଗୋଲାମ ଦେବତା, ନିତ୍ୟାନନ୍ଦ ସେଠୀ, ଶ୍ରୀଯୁକ୍ତ ସତ୍ୟନାରାୟଣ କର, ସମାଜ ସେବୀ ହରିହର ମହାନ୍ତ ଉପସ୍ଥିତ ରହିଥିବା ବେଳେ ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ। ଦିତୀୟ ଅଧିବେଶନରେ ଅଭିମନ୍ୟୁ ସେଠୀ ମାନ୍ୟବର ବିଧାୟକ ଆନନ୍ଦପୁର, ନିରାକାର ସାହୁ ସଙ୍କୁଳ ପ୍ରମୁଖ ଆନନ୍ଦପୁର, ସାବିତ୍ରୀ ସେଠୀ ବ୍ଲକ ଅଧକ୍ଷା ଜ୍ଞାନ ରଞ୍ଜନ ସାମନ୍ତ ସିଂହାର ସାଂସଦ ପ୍ରତିନିଧି ଭାବରେ ଉପସ୍ଥିତ ରହି ଏହି ରଜତ ଉତ୍ସବ ପାଳନ କରିବା ପାଇଁ ବିଦ୍ୟାଳୟ ର ପୂର୍ବ ବିଦ୍ୟାର୍ଥୀ, ଙ୍କ ସହ ଅଭିଭାବକ ମାନେ ଯୋଗ ଦେଇଥିଲେ, ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟତ୍ରୀ ମାନେ ଏଭଳି କାର୍ଯ୍ୟକ୍ରମ ରେ ମୁଖ୍ୟ ଦାୟିତ୍ୱ ରେ ରହିଥିଲେ।

## ବିଜୁ ପଟ୍ଟନାୟକଙ୍କ ୨୮ତମ ତିରୋଧାନ ଦିବସ ପାଳିତ

ଦଶପଲ୍ଲା,(ମହାଭାରତ): ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଙ୍କ ନେତୃତ୍ୱ ରେ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ତିନୋଟି ବ୍ଲକ (ଦଶପଲ୍ଲା, ନୂଆଗାଁ, ଗଣିଆ ) ର କିଛି ସମର୍ଥକ ଙ୍କୁ ନେଇ ବିଜୁ ପଟ୍ଟନାୟକ ଙ୍କ ୨୮ତମ ତିରୋଧାନ ଦିବସ ପାଳନ କରିଥିଲେ। ବିଜୁ ପଟ୍ଟନାୟକ ଙ୍କ ଦିବସ ଉଦ୍ଦେଶ୍ୟରେ ମହାଦେବ ମନ୍ଦିର ପୋଖରୀରେ ବୁଡ଼ ପକାଇ ବ୍ରାହ୍ମଣ ଙ୍କ ଉପସ୍ଥିତ ରେ ତିଳ ତର୍ପଣ କରିଥିଲେ।ଏହାପରେ ଏକ ରୋଡ ସୋ କରି ତ୍ରିନାଥ ବଜାର ସ୍ଥିତ ମେଳିଆ ତୋଟା ଠାରେ ପହଂଚି ଥିଲେ। ଆୟୋଜିତ ସଭାରେ ବେଶୀ ଲୋକ ନଥିଲେ ମଧ କାମ ଚଳାଇ ଦେଇଥିଲେ।ବିଧାୟକ ଙ୍କର ଦଶପଲ୍ଲା ଗଣମାଧମ ଉପରେ ଭରସା ପାଉ ନଥିବା ବେଳେ ଅନ୍ୟ ବ୍ଲକ ରୁ ଗଣମାଧମ କୁ ଡକାଇ ନିଜର ସ୍ଥିତି ଜାହିର କରିଥିଲେ। ଏମିତି କେତେ ଦିନ ଚାଲିବ।ଦଶପଲ୍ଲା ବ୍ଲକ ରେ ଗଣମାଧମ ର ପ୍ରତିନିଧି ଅଭାବ ଅଛନ୍ତି ନା ବିଧାୟକ ଙ୍କ କଥା ରେ ଖବର ଛାପୁ ନାହାନ୍ତି। ଦେଖିବା ଆଗକୁ କଣ ହେଉଛି।

## ଜାତୀୟ ସମ୍ମିଳନୀରେ କଳାହାଣ୍ଡିର ଡା. ପ୍ରିୟଙ୍କା ମହାନ୍ତିଙ୍କୁ ଶ୍ରେଷ୍ଠ ମୌଖିକ ଉପସ୍ଥାପନା ପୁରସ୍କାର



କଳାହାଣ୍ଡି/ମହାଭାରତ : ଭବାନୀପାଟଣା, ୧୮୪: କଳାହାଣ୍ଡିର ଝିଅ ତଥା କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ (କିମ୍ସ), ଭୁବନେଶ୍ୱରର ଦ୍ୱିତୀୟ ବର୍ଷର ସ୍ନାତକୋତ୍ତର ଛାତ୍ରୀ ଡା. ପ୍ରିୟଙ୍କା ମହାନ୍ତି ଶ୍ରୀନଗର ସ୍ଥିତ ଶେର-ଏ-କଶ୍ମୀର ଇ□ରନେସନାଲ୍ କନଭେନସନ୍ ସେଣ୍ଟରଠାରେ ୧୧ରୁ ୧୩ ଏପ୍ରିଲ ୨୦୨୫ ମଧ୍ୟରେ ଅନୁଷ୍ଠିତ ଭାରତୀୟ ପ୍ରତିଷେଧକ ଓ ସାମାଜିକ ଚିକିତ୍ସା ସଂଘର ୫୨ତମ ଜାତୀୟ ବାର୍ଷିକ ସମ୍ମିଳନୀରେ ଶ୍ରେଷ୍ଠ ମୌଖିକ ଉପସ୍ଥାପନା ପୁରସ୍କାର ଜିତି ନିଜ ଜନ୍ମଭୂମିର ଗୌରବ ବୃଦ୍ଧି କରିଛନ୍ତି। ଭବାନୀପାଟଣା ସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ମୁଖ୍ୟ ଡ. ପଲ୍ଲୀଶ୍ରୀ ପଟ୍ଟନାୟକ ଓ କଟକ ସ୍ଥିତ ଭୁବନାନନ୍ଦ ଓଡ଼ିଶା ସ୍କୁଲ୍ ଅଫ୍ ଇଞ୍ଜିନିୟରିଂର ଅଧ୍ୟକ୍ଷ ଡ. ହୃଷୀକେଶ ମହାନ୍ତିଙ୍କ ଝିଅ ପ୍ରିୟଙ୍କାଙ୍କ ଏହି ସଫଳତାକୁ ନେଇ କଳାହାଣ୍ଡି ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି। ଶ୍ରୀନଗର ସରକାରୀ ମେଡିକାଲ କଲେଜ ଦ୍ୱାରା ଭାରତୀୟ ପ୍ରତିଷେଧକ ଓ ସାମାଜିକ ଚିକିତ୍ସା ସଂଘ ତ□ାବଧାନରେ ଆୟୋଜିତ ଏହି ସମ୍ମିଳନୀର ବିଷୟବସ୍ତୁ ଥିଲା ସ୍ୱାସ୍ଥ୍ୟସେବାରେ ବ୍ୟାପକ ଯତ୍ନ ପାଇଁ ସମନ୍ୱିତ ଦୃଷ୍ଟିକୋଣ। ଏଥିରେ ଦେଶର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୬୦୦ ଜଣ ଜନସ୍ୱାସ୍ଥ୍ୟ ବିଶେଷଜ୍ଞ ଯୋଗଦାନ କରିଥିଲେ। କିମ୍ସର ଗୋଷ୍ଠୀ ଚିକିତ୍ସା ବିଭାଗର ପ୍ରତିନିଧିତ୍ୱ କରି ପ୍ରିୟଙ୍କା ତାଙ୍କର ଉପସ୍ଥାପନା ଭୁବନେଶ୍ୱର, ଓଡ଼ିଶାର ଏକ ସହରୀ ଟୀକାକରଣ କ୍ଲିନିକରେ ପାଞ୍ଚ ବର୍ଷରୁ କମ୍ ବୟସ୍କ ଶିଶୁଙ୍କ ଟୀକାକରଣ ନେଇ ସେବାକାରୀଙ୍କ ସନ୍ତୁଷ୍ଟି - ଫିସବୋନ୍ ନକ୍ସା ମାଧ୍ୟମରେ ମୂଳ କାରଣ ବିଶ୍ଳେଷଣ ବିଷୟରେ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ସେ (ଡା.) ଇପ୍ସିତା ଦେବତା, ଡା. ପ୍ରେମ ସାଗର ପଣ୍ଡା ଓ ବିଭାଗୀୟ ମୁଖ୍ୟ ପ୍ରଫେସର (ଡା.) ସୋନାଲି କରଙ୍କ ମାର୍ଗଦର୍ଶନରେ ମୁକ୍ତ ମୌଖିକ ବିଷୟ ବିଭାଗରେ ଉକ୍ତ ସନ୍ଦର୍ଭରେ ଗବେଷଣା କରୁଥିଲେ।

### ନିଖୋଜ ଯୁବତୀ ଓ ନାବାଳିକାଙ୍କ ପାଇଁ ସ୍ୱତନ୍ତ୍ର ଅଭିଯାନ

# ଉଦ୍ଧାର ମାମଲାରେ ପୁଲିସ ସକ୍ରିୟ ଓ ସମ୍ବେଦନଶୀଳ: ଏସ୍‌ପି





ନୟାଗଡ଼, ( ମହାଭାରତ ) : ଜିଲ୍ଲା ପୁଲିସ ପକ୍ଷରୁ ନିଖୋଜ ଯୁବତୀ ଓ ନାବାଳିକାଙ୍କ ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ଜିଲ୍ଲାର ସମସ୍ତ ଥାନାରେ ରୁଜୁ ହୋଇଥିବା ନିଖୋଜ ମାମଲାର ଜୋରଦାର ଖୋଳତାଡ଼ ଚାଲିଥିବା ବେଳେ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି। କେବଳ ଚଳିତ ବର୍ଷର ନୁହେଁ, ୨୦୨୩ରୁ ନିଖୋଜ ହୋଇଥିବା ଯୁବତୀ ଓ ନାବାଳିକାଙ୍କୁ ଉଦ୍ଧାର ପାଇଁ ପଦକ୍ଷେପ ନିଆଯାଉଛି। ଗତ ୧୬ ତାରିଖରେ ୧୭ଜଣ ଯୁବତୀ ଓ ନାବାଳିକାଙ୍କୁ ଉଦ୍ଧାର କରାଯାଇଥିବା ନୟାଗଡ଼ ଏସ୍ପି ଏସ୍.ସୁଶ୍ରୀ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ପ୍ରଦାନ କରିଛନ୍ତି। ଏସ୍ପି ଏସ୍.ସୁଶ୍ରୀଙ୍କ ସୂଚନା ମୁତାବକ, ଜିଲ୍ଲା ପୁଲିସ ଦ୍ୱାରା ବର୍ତ୍ତମାନ ଏକ ସ୍ୱତନ୍ତ୍ର ଅଭିଯାନ ଚାଲିଛି। ଉଦ୍ଧାର କାର୍ଯ୍ୟକୁ ମଧ ଜୋଦାର୍ କରାଯାଉଛି। ୨୦୨୩ରେ ନିଖୋଜ ହୋଇଥିବା ୩୫୪ ଜଣ ମହିଳାଙ୍କ ମଧ୍ୟରୁ ୨୧୨ ଜଣଙ୍କୁ ଉଦ୍ଧାର କରାଯାଇଛି। ନିଖୋଜ ହୋଇଥିବା ୮୯ ଜଣ ନାବାଳିକାଙ୍କ ମଧ୍ୟରୁ ପ୍ରାୟ ୬୦% ହାରରେ ୫୩ ଜଣଙ୍କୁ ଉଦ୍ଧାର କରାଯାଇଛି। ୨୦୨୪ ମସିହାରେ ୬୩% ହାରରେ ୪୧୬ ଜଣ ମହିଳାଙ୍କ ମଧ୍ୟରୁ ୨୬୦ ଜଣ ଏବଂ ୧୩୦ ଜଣ ନାବାଳିକାଙ୍କ ମଧ୍ୟରୁ ୯୧ ଜଣଙ୍କୁ ଉଦ୍ଧାର କରାଯାଇଛି। ଚଳିତ ୨୦୨୫ରେ ମୋଟ୍ ୧୧୭ ଜଣ ମହିଳା ଏବଂ ୬୨ ଜଣ ନାବାଳିକା ଝିଅ ନିଖୋଜ ହୋଇଥିବା ଜିଲ୍ଲାରେ ବିଭିନ୍ନ ଥାନାରେ ପଞ୍ଜୀକୃତ ହୋଇଛି। ବର୍ତ୍ତମାନ ସୁଦ୍ଧା ୬୦%ରୁ ଅଧିକ ମାମଲାରେ ନିଖୋଜ ମାନଙ୍କୁ ଉଦ୍ଧାର କରିବାରେ ପୁଲିସ ସକ୍ଷମ ହୋଇଛି। ଥାନାରେ ରୁଜୁ ହୋଇଥିବା ମହିଳା ଏବଂ ନାବାଳିକା ଝିଅଙ୍କ ଏପରି ନିଖୋଜ ମାମଲାର କାରଣ ପ୍ରେମ ବ୍ୟାପାର କିମ୍ବା ପାରିବାରିକ ସମସ୍ୟା ଓ ଦ୍ୱନ୍ଦ୍ୱ ବୋଲି ଜଣାପଡ଼ିଛି। ଏହି ନିଖୋଜ ମାମଲା ଗୁଡ଼ିକ ପୁଲିସ ଦୃଷ୍ଟିକୁ ଆସିବା ମାତ୍ରେ ତୁରନ୍ତ ମାମଲା ରୁଜୁ କରାଯାଏ ଏବଂ ତୁରନ୍ତ ସେମାନଙ୍କୁ ଖୋଜିବା ପାଇଁ ପଦକ୍ଷେପ ନିଆଯାଏ। ନିଖୋଜ ବ୍ୟକ୍ତି ଏବଂ ପିଲାମାନଙ୍କୁ ବାହାର ରାଜ୍ୟକୁ ଚାଲାଣ କରାଯାଉନାହିଁ। ଜିଲ୍ଲାରେ ସେମିତି କୌଣସି ଚାଲାଣ ରାକେଟ ସକ୍ରିୟ ନାହିଁ ଗତବର୍ଷ ବାଣିଗୋଛା ଥାନା ଅଧୀନରେ ପଞ୍ଜୀକୃତ ଏକ ମାମଲା ଅନୁଯାୟୀ, ଜଣେ ମହିଳାଙ୍କୁ ଉ□ରପ୍ରଦେଶ ନିଆଯାଇଥିଲା। ସେଥିରେ ପୁଲିସ ତୁରନ୍ତ ମହିଳାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତକୁ ଗିରଫ କରିଥିଲା। ଜିଲ୍ଲା ପୁଲିସ ନିଖୋଜମାନଙ୍କୁ ଉଦ୍ଧାର ମାମଲାରେ ସର୍ବଦା ସକ୍ରିୟ ଏବଂ ସମ୍ବେଦନଶୀଳ ହେବାକୁ ପ୍ରୟାସ ଜାରି ରଖିଛି। ପ୍ରକାଶ ଥାଉକି, ଗତ ୧୭ ତାରିଖରେ ତିନି ବର୍ଷ ମଧ୍ୟରେ ଜିଲ୍ଲାରୁ ନିଖୋଜ ହେଉଥିବା ଯୁବତୀ ଓ ନାବାଳିକାଙ୍କ ସଂକ୍ରାନ୍ତରେ ପ୍ରଥମେ ଖବର ପ୍ରକାଶ ପାଇଥିଲା। ପୂର୍ବରୁ ମଧ ନୟାଗଡ଼ରୁ ଯୁବତୀ ଓ ନାବାଳିକାଙ୍କୁ ବାହାର ରାଜ୍ୟକୁ ଚାଲାଣ କରାଯାଉଥିବା ସଂକ୍ରାନ୍ତରେ ଏକାଧିକ ଖବର ପ୍ରକାଶ କରାଯାଇଛି। ପ୍ରତିବର୍ଷ ଯଦି ୬୦% ହାରରେ ପୁଲିସ ନିଖୋଜ ମାନଙ୍କୁ ଉଦ୍ଧାର କରୁଛି, ତେବେ ବାକି ୪୦%ଙ୍କ ପାଖରେ କାହିଁକି ପହଞ୍ଚିପାରୁନି, ତାହା ବୁଝାପଡୁ ନାହିଁ। ଅନ୍ୟ ମାମଲା ଗୁଡ଼ିକ ପରି ନିଖୋଜ ମାନଙ୍କର ଉଦ୍ଧାର କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରାଯିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ଦିନ ଦ୍ୱିପ୍ରହରରେ ବନ୍ଧୁକ ଓ ମାରଣାସ୍ତ୍ର ଧରି ଲୁଟ୍ ଉଦ୍ୟମ

ପରଜଙ୍ଗ (ମହାଭାରତ ) ପରଜଙ୍ଗ ଥାନା ଅଧୀନରେ ଥିବା ସରାଙ୍ଗ ଫାଣ୍ଡି ନିକଟିର୍ତ୍ତୀ ବଜାରରେ ଥିବା ଗ୍ରାହକ ସେବାକେନ୍ଦ୍ର ରୁ ବନ୍ଧୁକ ଓ ମାରଣାସ୍ତ୍ର ଧରି ଲୁଟ୍ ଉଦ୍ୟମ । ସୂଚନା ଅନୁଯାୟୀ ସରାଙ୍ଗ ବଜାରରେ ରାଜକିଶୋର ସାହୁ (୩୫)ଦୀର୍ଘ ଦିନ ଧରି ଗ୍ରାହକ ସେବାକେନ୍ଦ୍ର ପରିଚାଳନା କରି ଗ୍ରାହକଙ୍କୁ ସେବା ଯୋଗାଇ ଆସୁଛନ୍ତି। ସେଥିରେ ତାଙ୍କ ସହଧର୍ମିଣୀ ଦମୟନ୍ତୀ ସାହୁ(୨୮) ତାଙ୍କୁ ସହଯୋଗ କରିଥାନ୍ତି। ଆଜି ପ୍ରାୟ ଦିନ ଘ୧/୩୦ମିନିଟ ସମୟ ରେ ସେବକେନ୍ଦ୍ରରେ ଦମୟନ୍ତୀ ଏକା ଥିବା ବେଳେ ୩ ଜଣ ଦୁର୍ବୃତ୍ତ ହାତରେ ବନ୍ଧୁକ ଧରି ଲୁଟ ଉଦ୍ୟମ କରିବା ସମୟରେ ସ୍ୱାମୀ ରାଜକିଶୋର ପହଞ୍ଚିଥିଲେ। ରାଜକିଶୋର ଓ ସହଧର୍ମିଣୀ ଏବଂ ୩ ଜଣ ମଧ୍ୟରେ ଧସ୍ତା ଧସ୍ତି ହେବା ସମୟରେ ଜଣେ ଗ୍ରାହକ ପହଞ୍ଚି ଯିବାରୁ ଦୁର୍ବୃ□ ମାନେ ପଳାଇ ଯିବାକୁ ଉଦ୍ୟମ କରିବା ବେଳେ ରାଜକିଶୋର ଜଣକୁ କାବୁ କରି ମାଡିବସି ଥିଲେ । ସେହି ସମୟରେ ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକେ ପହଞ୍ଚି ଜଣକୁ କାବୁ କରି ନେଇଥିଲେ।ତେବେ ଧରା ପଡ଼ିଥିବା ଦୁର୍ବୃ□ ସିନ୍ଧୁ ସାଣ୍ଡେଲ୍ (୨୫) ପିତା ସୁନାରାମ ସାଣ୍ଡେଲ ଝାରଖଣ୍ଡ ରୁ ବୋଲି ଜଣାପଡିଛି। ଅନ୍ୟ ଦୁଇ ଜଣ ଦୁର୍ବୃତ୍ତ□ ଫେରାର ହୋଇଯାଇଥିଲେ।ତେବେ ରାଜକିଶୋର ଓ ତାର ସହଧର୍ମଣୀ କୁ ଗୁରୁତର ଅବସ୍ଥାରେ ଥିବାରୁ ସେମାନଙ୍କୁ ତାଳଚେର ମଣ୍ଡାପାଳ ଡାକ୍ତଖାନା ରେ ଭର୍ତ୍ତି କରାଯାଇଥିଲା। ସେଠାରେ ରାଜକିଶୋର ଅଧିକ ଗୁରୁତର ଥିବାରୁ ଡାକ୍ତର ଦୁହେଁ ଙ୍କୁ ଅନୁଗୋଳ ଡାକ୍ତଖାନାକୁ ସ୍ଥାନାନ୍ତର କରିଥିଲେ। ଦୁର୍ବୃ□ ସିନ୍ଧୁ ସାଣ୍ଡେଲ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ପୋଲିସ୍ ହେପାଜତରେ ଚିକିତ୍ସିତ ହେଉଥିବା ବେଳେ ଅନ୍ୟ ଦୁଇ ଜଣ ଦୁର୍ବୃତ୍ତ କୁ ଧରିବା ପାଇଁ ପରଜଙ୍ଗ ପୋଲିସ ପ୍ରୟାସ ଜାରି ରଖିଛି ।

## ଶ୍ରମିକଙ୍କ ନାଯ୍ୟ ଦାବୀ ପାଇଁ ଲଢେଇରେ ସାମିଲ ହେବାକୁ ଆହ୍ୱାନ ଦେଲେ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ




ପାରାଦୀପ(ମହାଭାରତ) ପାରାଦୀପର ବିଭିନ୍ନ ଶିଳ୍ପସଂସ୍ଥାରେ କାମ କରୁଥିବା ଶ୍ରମିକମାନେ ଏକ ହେଲେ ସେମାନଙ୍କ ନାଯ୍ୟ ଦାବୀ ହାସଲ ହୋଇ ପାରିବ । ଶ୍ରମିକମାନଙ୍କ ହକ୍ ପାଇଁ ପାରାଦୀପ ପୋର୍ଟ ମଜଦୁର ସଂଘ ଓ ପୂର୍ବ ଉପକୂଳ ଶ୍ରମିକ ସଂଘ ଲଢେଇ ଆରମ୍ଭ କରିଛି । ଏହି ଲଢେଇରେ ସମସ୍ତ ଶ୍ରମିକ ସାମିଲ ହେବାକୁ ଦୁଇ ସଙ୍ଗଠନର ସଭାପତି ପ୍ରକାଶ ତ୍ରିପାଠୀ ଆହ୍ୱାନ ଦେଇଛନ୍ତି । ଶୁକ୍ରବାର ଦିନ ପାରାଦୀପ ଉପକଣ୍ଠ ଦୋଛକିରୁ ଏକ ବିରାଟ ଶ୍ରମିକ ପଟୁଆର ଆରମ୍ଭ ହୋଇଥିଲା । ହଜାର ହଜାର ଶ୍ରମିକ ଶ୍ରୀ ତ୍ରିପାଠୀଙ୍କୁ ସ୍ୱାଗତ କରି ବଡପଡିଆ ଜୟଦେବ ସଦନ ପଡିଆରେ ପହଂଚିଥିଲେ । ସଂଘ ଅଧିନରେ ବିଭିନ୍ନ ସଂସ୍ଥାରେ କାର୍ଯ୍ୟ କରୁଥିବା ଶ୍ରମିକମାନେ ଶ୍ରମିକନେତା ଶ୍ରୀ ତ୍ରିପାଠୀଙ୍କ ସମେତ ସଂଘର ଅନ୍ୟ କର୍ମକର୍ତ୍ତାମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ମଂଚରେ ସଂଘର କାର୍ଯ୍ୟକାରୀ ସଭାପତି ଅଭିମନ୍ୟୁ ବେହେରା, ସାଧାରଣ ସମ୍ପାଦକ ପରେଶ ମୁର୍ମୁ,ଉପସଭାପତି ସୁବ୍ରତ ପ୍ରଧାନ,ସହସମ୍ପାଦକ ରତ୍ନାକର ଜେନ. ଉପଦେଷ୍ଟା ସର୍ବେଶ୍ୱର ବଳିୟାରସିଂ ଉପସ୍ଥିତ ଥିଲେ ।

## ନୂଆଗାଁ ପ୍ରିମିୟର ଲିଗ ୫ମ ସଂସ୍କରଣ ୨୦୨୫ ଉଦଘାଟିତ



ନୂଆଗାଁ (ମହାଭାରତ ) : ନୟାଗଡ଼ ଜିଲ୍ଲା ନୂଆଗାଁ ସଦରମହକୁମାରେ ଥିବା ନୂଆଗାଁ ଫ୍ରେଣ୍ଡସ କ୍ଲବ୍ ଆନୁକୂଲ୍ୟରେ ଆଜି ଠାରୁ ନୂଆଗାଁ ପ୍ରିମିୟର ଲିଗର ୫ମ ସଂସ୍କରଣ ୨୦୨୫ ଟୁର୍ଣ୍ଣାମେ□ ଆରମ୍ଭ ହୋଇଯାଇଛି । ବା ବା ବିରୁପାକ୍ଷେଶ୍ୱର ମନ୍ଦିରରେ ପୂଜା ଅର୍ଚ୍ଚନା କରାଯାଇ ୪ଟି ଦଳର ମାଲିକ ଓ ସମସ୍ତ ଖେଳାଳି ବାଜା,ବାଣ ଫୁଟାଇ ଏକ ବାଇକ୍ ଶୋଭାଯାତ୍ରାରେ ବାହାରି ନୂଆଗାଁ ବଜାର ପରିକ୍ରମା କରି ନୂଆଗାଁ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ପହଞ୍ଚି ଥିଲେ।ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗଦେଇ କ୍ରୀଡ଼ା ପ୍ରତିଯୋଗିତାକୁ ଉଦଘାଟନ କରିବା ସହ କ୍ରୀଡ଼ା ସମସ୍ତ ଙ୍କ ପାଇଁ ନିତ୍ୟାନ୍ତ ଜରୁରୀ ଏବଂ କ୍ରୀଡ଼ା ଦ୍ୱାରା ଜଣେ ଯୁବକ ସୁସ୍ଥ ରହିବା ସଙ୍ଗେ ସଙ୍ଗେ ସୁସ୍ଥ ସମାଜ ଗଠନରେ ସହାୟକ ହେବ ବୁଲି ବିଧାୟକ ଶ୍ରୀ ବେହେରା କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସମାଜସେବୀ ଶଙ୍କର୍ଷଣ ବେହେରା,ପ୍ରକାଶ କୁମାର ନାୟକ,ମାଇଛେଳି ସରପ□ଙ୍କ ପ୍ରତିନିଧି ଦାଶରଥି ପ୍ରଧା,ସାମ୍ଵାଦିକ ଶିବଦ□ ପାତ୍ର,ହୃଦାନନ୍ଦ ଶାସମଲ ,ମାନସ ତ୍ରିପାଠୀ,ଦିଲ୍ଲୀପ କୁମାର ଜାନି,ରଶ୍ମିରଞ୍ଜନ ପରିଡା, ସୁବ୍ରତ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ଆଜିର ଉଦଘାଟନି ମ୍ୟାଚରେ ପ□ସଖା କୃଷକ କ୍ଲବ ସହିତ ପ୍ରଧାନ ସାନିଟାରୀ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବ୍ୟାଟିଙ୍ଗ କରି ପ□ସଖା କୃଷକ କ୍ଲବ ୧୫ ଓଭରରେ ୬ ୱାଇକେଟ ହରାଇ ୧୩୬ ରନ କରିଥିବା ବେଳେ ଏହାର ଜବାବରେ ପ୍ରଧାନ ସାନିଟାରୀ ର୍ନିଧାରିତ ୧୫ ଓଭରରେ ୧୨୦ ରନ ସଂଗ୍ରହ କରି ମ୍ୟାଚ ପରାଜିତ ହୋଇଥିଲା। ଏହା ଚଳିତ ମାସ ତା ୧୮ ରୁ ମେ ୪ ତାରିଖ ପର୍ଯ୍ୟନ୍ତ ଖେଳ ଅନୁଷ୍ଠିତ ହେବ। ଆଜିର ଖେଳକୁ ଉମାକାନ୍ତ ପ୍ରଧାନ ଓ ଜିତେନ୍ଦ୍ର ଜୟ ସିଂ ପରିଚାଳନା କରିଥିବା ବେଳେ ଏଫିସିସି ସମ୍ପାଦକ ଅଶୋକ କୁମାର ନାୟକ ସମେତ ସମସ୍ତ ଖେଳାଳି ଏହାକୁ ସହଯୋଗ କରିଥିଲେ।

### ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ କେଳେଙ୍କାରୀରେ ବୁଡ଼ିଛି

# ଜମା ଟଙ୍କାକୁ ନେଇ ଚିନ୍ତାରେ ହିତାଧିକାରୀ : ଓସିଏ ଆକ୍ଟ ସେକ୍ସନ ୬୫ ତଦନ୍ତ ଆରମ୍ଭ



ନୟାଗଡ଼, ( ମହାଭାରତ ) : ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କରେ ଓସିଏ ଆକ୍ଟ ସେକ୍ସନ ୬୫ ତଦନ୍ତ ଆରମ୍ଭ ହୋଇଛି। ଗୁରୁବାର ରାଜ୍ୟ ସମବାୟ ବିଭାବ ନିବନ୍ଧକଙ୍କ ନିର୍ଦ୍ଦେଶରେ ଅତିରିକ୍ତ ନିବନ୍ଧକ ଭକ୍ତ ଚରଣ ସାହୁ, ଯୁଗ୍ମ ନିବନ୍ଧକ ଲକ୍ଷ୍ମୀଧର ସୁବୁଦ୍ଧି, ସହକାରୀ ନିବନ୍ଧକ ଅଶୋକ ଦାଶ ପ୍ରମୁଖ ନୟାଗଡ଼ ବ୍ୟାଙ୍କ ମୁଖ୍ୟ ଶାଖାରେ ପହଞ୍ଚି ଦିନ ତମାମ ଛାନଭିନ୍ କରିଛନ୍ତି। ବ୍ୟାଙ୍କ ସମ୍ପାଦକ ଏବଂ କର୍ମଚାରୀଙ୍କୁ ବିଭିନ୍ନ ନଥି ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ୟାଙ୍କ କର୍ମଚାରୀ ମାନେ ଉକ୍ତ ନଥି ଦାଖଲ କରିବାରେ ଅସମର୍ଥ ହୋଇଥିବାରୁ ତଦନ୍ତ ଟିମ ସୋମବାର ପର୍ଯ୍ୟନ୍ତ ସମୟ ଦେଇଥିବା ସୂଚନା ମିଳିଛି। ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କରେ ବ୍ୟାପକ ପରିମାଣର ହେରାଫେରି ହୋଇଥିବାରୁ ପରିଚାଳନା ପରିଷଦ ଓସିଏ ଆକ୍ଟ ୬୫ରେ ତଦନ୍ତ ପାଇଁ ସୁପାରିଶ କରିଥିଲେ। ଉକ୍ତ ତଦନ୍ତକାରୀ ଦଳ ଗୁରୁବାର ପରିଚାଳନା ପରିଷଦ ସହ ଆଲୋଚନା କରିଥିଲା। ୩୬୫ କୋଟି ଟଙ୍କାର ଆୟକର ଠକେଇ ସମ୍ବନ୍ଧିୟ ତଥ୍ୟ ପରିଚାଳନା ପରିଷର ଉପସ୍ଥାପନ କରିଥିଲା। ତଦନ୍ତକାରୀ ଦଳକୁ କର୍ମଚାରୀ ଓ ବ୍ୟାଙ୍କ ତଥ୍ୟ ଉପସ୍ଥାପନ କରି ପାରିନଥିବା ବେଳେ ସୋମବାର ତଥ୍ୟ ଉପସ୍ଥାପନ କରିବାକୁ ସମୟ ଦିଆଯାଇଛି। ବ୍ୟାଙ୍କ ରେ ଦେବାଳିଆ ସ୍ଥିତି ସୃଷ୍ଟି ହୋଇଥିବା ନେଇ ବ୍ୟାଙ୍କ ନିର୍ଦ୍ଦେଶକ ତଥା ଓଏସସିବି ନିର୍ଦ୍ଦେଶକ ସନ୍ୟାସୀ ପ୍ରଧାନ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି। ଜିଲ୍ଲାରେ ଆଖୁଚାଷ ହୋଇନଥିବା ବେଳେ ବ୍ୟାଙ୍କ ଓଏସସିବିରୁ ଋଣ ଆଣି ୫୨୪ କୋଟି ୫୮ ଲକ୍ଷ ଟଙ୍କା ଋଣ ଲଗାଣ କରିଛି। ବ୍ୟାଙ୍କରେ ନଗଦ ଟଙ୍କା ଅଭାବ ଯୋଗୁଁ ଚାଷୀମାନେ ହଇରଣା ହେଉଛନ୍ତି। ବ୍ୟାଙ୍କରେ ୧୬୮ କୋଟି ଟଙ୍କାର ଇମ୍ବାଲାନ୍ସ ହୋଇଥିବା ବେଳେ ଲୋକଙ୍କ ଜମା ଟଙ୍କା ଏବେ ଅସୁରକ୍ଷିତ ହୋଇପଡ଼ିଛି। ବ୍ୟାଙ୍କ କର୍ମଚାରୀ ମନଇଚ୍ଛା ଦରମା ଓ ବୋନସ ନେବା ଦ୍ୱାରା ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଗତ ୨୦୨୪ ମସିହା ମାର୍ଚ୍ଚ ମାସରେ ବ୍ୟାଙ୍କ କର୍ମଚାରୀ ମାନେ ବିନା ଆପୁଭାଲରେ ବୋନସ ଦ୍ୱାରା ଲାଭବାନ ହୋଇଥିବା ସୂଚନା ମିଳିଛି। ଅର୍ଥ ସମସ୍ତ କର୍ମଚାରୀଙ୍କ ଠାରୁ ରିକୋଭରୀ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ବ୍ୟାଙ୍କରେ ଇନକମ୍ ଟ୍ୟାକ୍ସ ଠକେଇ କରିବା ପାଇଁ ପୂର୍ବରୁ ୪ଟି ପ୍ୟାନକାର୍ଡ଼ କରାଯାଇଛି। ୨୦୨୨-୨୩ ଏବଂ ୨୩-୨୪ ମସିହାରେ ବ୍ୟାଙ୍କର ଲାଭାଂଶ ଶୂନ ରହିଛି। ବ୍ୟାଙ୍କ କେବଳ ୯୮ ଲକ୍ଷ ଟଙ୍କା ସୁଧ ରିହାତି କମିଶନ ପାଉଥିବା ବେଳେ କର୍ମଚାରୀ ଦରମା ଏବଂ ଅନ୍ୟାନ ଖର୍ଚ୍ଚ ବାବଦରେ ୪ କୋଟି ଟଙ୍କାର ବଜେଟ କରାଯାଇଛି। ଏହି ବଜେଟ ଅନୁମୋଦନ ପାଇଁ ସାଧାରଣ ସଭାର ଆବଶ୍ୟକତା ଥିବା ବେଳେ ବ୍ୟାଙ୍କ ସମ୍ପାଦକ ନିଜ ଇଚ୍ଛା ମୁତାବକ ସାଧାରଣ ସଭା ଆହ୍ୱାନ କରି ଲୋକହସା ହୋଇଛନ୍ତି। ସମ୍ପାଦକଙ୍କ ଦ୍ୱାରା ଆହ୍ୱାନ କରାଯାଇଥିବା ସାଧାରଣ ସଭା ଉପରେ ଉଚ୍ଚ ନ୍ୟାୟାଳୟ ସ୍ଥଗିତା ଦେଶ ଲଗାଇଛନ୍ତି। ବ୍ୟାଙ୍କ ସାଧାରଣ ସଭା ପାଇଁ ଜିଲ୍ଲାପାଳଙ୍କ ପକ୍ଷରୁ ମଗାଯାଇଥିବା କ୍ଲାରିଫିକେସନ୍ ଗୁରୁବାର ରାଜ୍ୟ ସମବାୟ ନିବନ୍ଧକ ଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ ଅବଗତ କରିଛନ୍ତି। ବ୍ୟାଙ୍କ ସାଧାରଣ ସଭା ସଭାପତି କିମ୍ବା ତାଙ୍କ ଅନୁପସ୍ଥିତିରେ ଉପସଭାପତି ଆହ୍ୱାନ କରି ପାରିବେ ବୋଲି ଜଣାପଡ଼ିଛି। ବ୍ୟାଙ୍କ ସମ୍ପାଦକ ଓ କର୍ମଚାରୀ, ପରିଚାଳନା ପରିଷଦକୁ ଅସହଯୋଗ କରୁଥିବାରୁ ସଭାପତି ସାଧାରଣ ସଭା ଆହ୍ୱାନ କରିବେ ନାଁ ନାହିଁ, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସାଧାରଣ ସଭା ନହେଲେ କର୍ମଚାରୀ ମାନେ ଦରମା ପାଇବା ସମ୍ଭାବନା କ୍ଷୀଣ। ବ୍ୟାଙ୍କର ଏଭଳି ସ୍ଥିତିକୁ ନେଇ ଏବେ ସାଧାରଣ ହିତାଧିକାରୀ, ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଆଗକୁ ବ୍ୟାଙ୍କ ପରିସ୍ଥିତି କଣ ହେବ ବୋଲି ପ୍ରଶ୍ନ ଉଠିଛି।

## ଆସନ୍ତା ସପ୍ତାହରେ ସାଉଦି ଆରବ ଯିବେ ପ୍ରଧାନମନ୍ତ୍ରୀ



ସାଉଦିଆରବ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ତୃତୀୟ କାର୍ଯ୍ୟକାଳ ରେ ପ୍ରଥମ ଥର ପାଇଁ ସାଉଦି ଆରବ ଗସ୍ତ କରୁଛନ୍ତି । ଏପ୍ରିଲ ୨୨-୨୩ରେ ଜେଦ୍ଦାହରେ ସେ କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନଙ୍କୁ ଭେଟିବେ । ୨୦୧୪ରେ ପ୍ରଧାନମନ୍ତ୍ରୀ ହେବା ପରେ ମୋଦୀ ୨୦୧୬ ଓ ୨୦୧୯ ରେ ସାଉଦି ଗସ୍ତ କରିଥିଲେ । ସୂତ୍ର ଅନୁସାରେ, ଏହି ଗସ୍ତରେ ବାଣିଜ୍ୟ, ବିନିଯୋଗ, ଶକ୍ତି ସହଯୋଗ, ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ କରିଡର ଜାଗରଣ ଏବଂ ପ୍ରତିରକ୍ଷା ସହଭାଗିତା ଆଲୋଚନାର ମୁଖ୍ୟ ବିଷୟ ହେବ । ଏହି ଗସ୍ତ ଦୁଇ ଦେଶ ମଧ୍ୟରେ ରଣନୈତିକ ସମ୍ପର୍କକୁ ଆହୁରି ମଜବୁତ୍ କରିବ ବୋଲି ଆଶା କରାଯାଉଛି ।

## କାନାଡାରେ ଭାରତୀୟ ଛାତ୍ରୀଙ୍କୁ ହତ୍ୟା

କାନାଡାରେ ଭାରତୀୟଙ୍କୁ ହତ୍ୟା ଖବର ବାରମ୍ବାର ସାମ୍ନାକୁ ଆସୁଛି । ଗତ କିଛିଦିନ ତଳେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିଲା ଆଉ ଏବେ କାନାଡାରେ ଜଣେ ଭାରତୀୟ ଛାତ୍ରୀଙ୍କୁ ଗୁଳି କରି ହତ୍ୟା କରାଯାଇଛି । ଛାତ୍ରୀ ଜଣକ କାମକୁ ଯାଉଥିବା ବେଳେ ଗୁଳି ମାଡ଼ କରାଯାଇଥିଲା । ଛାତ୍ରୀଙ୍କ ବୟସ ୨୧ ବର୍ଷ ବୋଲି ଜଣାପଡିଛି । ସେ ଘରୁ ବାହାରି ବସ୍ ଷ୍ଟାଣ୍ଡରେ ବସ୍ ପାଇଁ ଅପେକ୍ଷା କରିଥିଲା । ଏହି ସମୟରେ ଛାତ୍ରୀଙ୍କ ସାମ୍ନାରୁ ଏକ କାର ଆସିଥିଲା ଆଉ କାରରେ ବସିଥିବା ବ୍ୟକ୍ତି ତାଙ୍କ ଉପରକୁ ଗୁଳି ଚଳାଇଲେ । ମୃତ ଛାତ୍ରୀଙ୍କ ନାମ ହରସିମରତ ରନ୍ଧାୱା, ସେ କାନାଡାର ଓଣ୍ଟାରିଓର ମେହକ୍ କଲେଜରେ ପଢୁଥିଲେ । ପୋଲିସ ଏହି ହତ୍ୟାକାଣ୍ଡର ତଦନ୍ତ କରୁଛି । ଏହି ମାମଲାରେ ଭାରତୀୟ ଦୂତାବାସ ସହାୟତା କରିବାକୁ ଭରସା ଦେଇଛି । ହରସିମରତ ରନ୍ଧାୱାଙ୍କ ହତ୍ୟା ବିଷୟରେ ସୂଚନା ଦେଇ ଟୋରଣ୍ଟୋରେ ଥିବା ଭାରତୀୟ କନସୁଲେଟ୍ ଜେନେରାଲ କହିଛନ୍ତି ଯେ ଅଣ୍ଟାରିଓର ହାମିଲଟନରେ ଭାରତୀୟ ଛାତ୍ରୀ ହରସିମରତ ରନ୍ଧାୱାଙ୍କ ମୃତ୍ୟୁରେ ଆମେ ଗଭୀର ଦୁଃଖିତ । ପୋଲିସ କହିଛି ଯେ ସେମାନେ ସନ୍ଧ୍ୟା ପ୍ରାୟ ୭.୩୦ ସମୟରେ ହାମିଲଟନର ଉପର ଜେମ୍ସ ଅଞ୍ଚଳରେ ଗୁଳିକାଣ୍ଡ ହୋଇଥିବା ଖବର ପାଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚିଲା, ସେତେବେଳେ ଭାରତୀୟ ଛାତ୍ର ଜଣକ ଆହତ ଅବସ୍ଥାରେ ଛାତ୍ରୀଙ୍କୁ ଡାକ୍ତରଖାନା ନେଇଥିଲେ, କିନ୍ତୁ ତାଙ୍କର ସେଠାରେ ମୃତ୍ୟୁ ହୋଇଯାଇଥିଲା । ତେବେ ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତକୁ ଖୋଜିବା ଜରି ରଖିଛି ।

## ଆଫଗାନିସ୍ତାନ-ତାଜିକିସ୍ତାନରେ ଭୂକମ୍ପ

ଆଫଗାନିସ୍ତାନ-ତାଜିକିସ୍ତାନ ସୀମା ଅଞ୍ଚଳରେ ୫.୯ ତୀବ୍ରତାର ଭୂକମ୍ପ ଝଟକା ଅନୁଭୂତ ହୋଇଛି । ଏହି ଭୂକମ୍ପ ଝଟକା ଜମ୍ମୁ-କଶ୍ମୀର ପର୍ଯ୍ୟନ୍ତ ଅନୁଭୂତ ହୋଇଛି । ଭୂକମ୍ପର କେନ୍ଦସ୍ଥଳ ୮୬ କିମି ଗଭୀରତାରେ ଥିଲା । ଭୂକମ୍ପ ଝଟକା ଅନୁଭୂତ ହେବା ପରେ ଲୋକମାନେ ଭୟଭୀତ ହୋଇ ଘରୁ ଦୌଡିଥିଲେ । ଭୂକମ୍ପ ଝଟକା ୧୨.୨୦ ମିନିଟରେ ଅନୁଭୂତ ହୋଇଥିଲା । ତେବେ ଭୂକମ୍ପରେ କ୍ଷୟକ୍ଷତି କିଛି ଆକଳନ କରାଯାଇନାହିଁ । ଜର୍ମାନ ରିସର୍ଚ୍ଚ ସେଣ୍ଟର ଫର ଜିଓସାଇନ୍ସ ମୁତାବକ, ଗଭୀରତା ଅଧିକ ହେବା କାରଣରୁ ଭୂକମ୍ପ ଝଟକା ଦୂର ଦୂର ଯାଏଁ ଅନୁଭୂତ ହୋଇଥିଲା । ଗତକାଲି ରାତିରେ ମିଆଁମାରର ଅନେକ ଅଞ୍ଚଳରେ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା । ରାତି ୧୧.୦୪ ମିନିଟରେ ପ୍ରଥମ ଭୂକମ୍ପ ଅନୁଭୂତ ହୋଇଥିଲା । ରିକ୍ଟର ସ୍କେଲରେ ଭୂମିକମ୍ପର ତୀବ୍ରତା ୩.୬ ମାପ କରାଯାଇଥିଲା । ଭୂକମ୍ପର କେନ୍ଦ୍ରସ୍ଥଳ ଭୂମିଠାରୁ ୧୦ କିଲୋମିଟର ତଳେ ଥିଲା । ଶୁକ୍ରବାର ରାତି ୧୧.୩୧ ମିନିଟରେ ମିଆଁମାରରେ ଦ୍ୱିତୀୟ ଭୂମିକମ୍ପ ଅନୁଭୂତ ହୋଇଥିଲା । ଏନସିଏସ କହିଛି ଯେ, ଏହି ସମୟରେ ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୩.୭ ମାପ କରାଯାଇଥିଲା । ଏହି ଭୂମିକମ୍ପର କେନ୍ଦ୍ରସ୍ଥଳ ଭୂମିଠାରୁ ୩୦ କିଲୋମିଟର ତଳେ ରହିଥିଲା । ରବିବାର ତାଜିକିସ୍ତାନରେ ଆଉ ଦୁଇଟି ଭୂମିକମ୍ପ ରେକର୍ଡ କରାଯାଇଥିଲା । ପ୍ରଥମ ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୬.୧ ଥିଲା । ଦ୍ୱିତୀୟ ଭୂମିକମ୍ପର ତୀବ୍ରତା ୩.୯ ରହିଥିଲା । ଦୁଇଟି ଭୂମିକମ୍ପ ଭୂମିରୁ ୧୦ କିଲୋମିଟର ତଳେ ହୋଇଥିଲା । ସୂଚନାଯୋଗ୍ୟ, ଗତ କିଛି ଦିନ ମଧ୍ୟରେ ଏସିଆର ଅନେକ ଦେଶରେ ବାରମ୍ବାର ଭୂକମ୍ପ ଝଟକା ଅନୁଭୂତ ହେଉଛି । ୨୮ ମାର୍ଚ୍ଚରେ ମିଆଁମାରରେ ଏକ ବଡ଼ ଭୂମିକମ୍ପ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ଘଟିଥିଲା । ତାଜିକିସ୍ତାନରେ ୬.୧ ତୀବ୍ରତାର ଭୂକମ୍ପ ଏବଂ ମିଆଁମାରରେ ୫.୯ ତୀବ୍ରତାର ଭୂକମ୍ପ ଝଟକା ଅନୁଭୂତ ହୋଇଛି ।

# ବାଂଲାଦେଶରେ ହିନ୍ଦୁ ନେତାଙ୍କ ନିର୍ମମ ହତ୍ୟା, ଚେତାବନୀ ଦେଲା ଭାରତ



ବାଂଲାଦେଶର ଦିନାଜପୁରରେ ୫୮ ବର୍ଷୀୟ ହିନ୍ଦୁ ନେତା ଭାବରେଶ ଚନ୍ଦ୍ର ରାୟଙ୍କୁ ନିର୍ମମ ଭାବରେ ହତ୍ୟା କରାଯାଇଥିଲା । ଏହା ଉପରେ, ଭାରତ ସରକାର ମହମ୍ମଦ ୟୁନୁସଙ୍କ ମଧ୍ୟବର୍ତ୍ତୀକାଳୀନ ସରକାରଙ୍କୁ ନିନ୍ଦା କରିଛନ୍ତି । ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସୱାଲ ଟ୍ୱିଟରରେ ଏହି ଘଟଣା ଉପରେ ଗଭୀର ଚିନ୍ତା ପ୍ରକଟ କରିଛନ୍ତି । ସେ ଲେଖିଛନ୍ତି, 'ଆମେ ବାଂଲାଦେଶର ଜଣେ ହିନ୍ଦୁ ସଂଖ୍ୟାଲଘୁ ନେତା ଭାବରେଶ ଚନ୍ଦ୍ର ରାୟଙ୍କ ଅପହରଣ ଏବଂ ନିର୍ମମ ହତ୍ୟା ଅତ୍ୟନ୍ତ ଦୁଃଖଦ ଘଟଣା ।' ଏହି ହତ୍ୟାକାଣ୍ଡ ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ଅଧୀନରେ ହିନ୍ଦୁ ସଂଖ୍ୟାଲଘୁଙ୍କ ଉପରେ ହେଉଥିବା ବ୍ୟବସ୍ଥିତ ନିର୍ଯାତନାକୁ ପୁନରାବୃତ୍ତି କରୁଛି । ଭାରତ ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧୀନ ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କୁ ସ୍ପଷ୍ଟ ଚେତାବନୀ ଦେଇ କହିଛି, କୌଣସି ବାହାନା ଏବଂ ଭେଦଭାବ ବିନା, ସମସ୍ତ ସଂଖ୍ୟାଲଘୁ, ବିଶେଷକରି ହିନ୍ଦୁଙ୍କ ସୁରକ୍ଷା ସୁନିଶ୍ଚିତ କରନ୍ତୁ । ଭାରତ ବାଂଲାଦେଶ ସରକାରଙ୍କୁ ମନେ ପକାଇ ଦେଇଛି ଯେ ସମସ୍ତ ନାଗରିକଙ୍କୁ ସମାନ ସୁରକ୍ଷା ପ୍ରଦାନ କରିବା ଏହାର ସାମ୍ବିଧାନିକ ଏବଂ ନୈତିକ ଦାୟିତ୍ୱ । ବାଂଲାଦେଶର ଦିନାଜପୁରର ବାସୁଦେବପୁର ଗାଁରେ ଗୁରୁବାର ୫୮ ବର୍ଷୀୟ ହିନ୍ଦୁ ନେତା ଭାବରେଶ ଚନ୍ଦ୍ର ରାୟଙ୍କୁ ନିର୍ମମ ଭାବରେ ହତ୍ୟା କରାଯାଇଥିଲା । ସେ ବାଂଲାଦେଶ ପୂଜା ଉଦ୍ଯାପନ ପରିଷଦ, ବିରାଲ ୟୁନିଟର ଉପାଧକ୍ଷ ଥିଲେ । ରିପୋର୍ଟ ଅନୁଯାୟୀ, ସନ୍ଧ୍ୟା ୪:୩୦ରେ ଭାବରେଶଙ୍କୁ ଏକ ଫୋନ୍ ଆସିଥିଲା । ସେ ସେହି ସମୟରେ ଘରେ ଉପସ୍ଥିତ ଥିଲେ । ୩୦ ମିନିଟ୍ ପରେ, ଦୁଇଟି ମୋଟରସାଇକେଲରେ ଚାରି ଜଣ ଆକ୍ରମଣକାରୀ ତାଙ୍କୁ ତାଙ୍କ ଘରୁ ଜୋରଜବରଦସ୍ତ ନେଇଯାଇଥିଲେ । ତାଙ୍କୁ ନାରାବାରି ଗାଁକୁ ନିଆଯାଇଥିଲା, ଯେଉଁଠାରେ ତାଙ୍କୁ ନିର୍ମମ ଭାବରେ ମାଡ଼ ଦିଆଯାଇଥିଲା । ତାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଘରକୁ ଅଣାଯାଇଥିଲା ଏବଂ ଡାକ୍ତରଖାନାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା । ଭାବେଶ ସେହି ଅଞ୍ଚଳର ହିନ୍ଦୁ ସମ୍ପ୍ରଦାୟର ଜଣେ ଦୃଢ଼ ସ୍ୱର ଭାବରେ ଜଣାଶୁଣା ଥିଲେ । ତାଙ୍କ ହତ୍ୟାକୁ ସବୁ ମହଲରେ ନିନ୍ଦା କରାଯାଉଛି । ନିକଟରେ, ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ରାଜ୍ୟସଭାରେ ଏକ ଉତ୍ତରରେ କହିଥିଲେ, ୨୦୨୪ ମସିହାରେ ବାଂଲାଦେଶରେ ହିନ୍ଦୁମାନଙ୍କ ବିରୁଦ୍ଧରେ ୨୨୦୦ ହିଂସାତ୍ମକ ଘଟଣା ଘଟିଛି । ୨୦୨୪ ମସିହାରେ ଏହି ଘଟଣାଗୁଡ଼ିକ ୭୦୦% ରୁ ଅଧିକ ବୃଦ୍ଧି ପାଇଛି । ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ, ୨୦୨୨ ମସିହାରେ ବାଂଲାଦେଶରେ ହିନ୍ଦୁମାନଙ୍କ ବିରୁଦ୍ଧରେ ୪୭ଟି ହିଂସା ଘଟଣା ଘଟିଥିବା ବେଳେ ୨୦୨୩ ମସିହାରେ ୩୦୦ଟି ଘଟଣା ଘଟିଥିଲା ।

## ଭୁଶୁଡିଲା କୋଠା, ୪ ମୃତ

ନୂଆଦିଲ୍ଲୀ : ଉତ୍ତର-ପୂର୍ବ ଦିଲ୍ଲୀ ଦୟାଲପୁରରେ ବଡ଼ ଅଘଟଣ । ବିଳମ୍ବିତ ରାତିରେ ଭୁଶୁଡ଼ିଲା ବିଲ୍ଡିଂ । ଦୁର୍ଘଟଣାରେ ୪ଜଣଙ୍କ ମୃତ୍ୟୁ ହୋଇଥିବା ଅନେକ ଏବେବି ଫସିରହିଥିବା ସୂଚନା ମିଳିଛି । ରାତି ପ୍ରାୟ ୩ଟା ବେଳେ ହଠାତ ଭୁଶୁଡ଼ି ପଡ଼ିଥିଲା ବିଲ୍ଡିଂ । ତୁରନ୍ତ ଏନଡିଆରଏଫ ଓ ପୋଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି । ଘଟଣାସ୍ଥଳରୁ ୧୪ ଜଣଙ୍କୁ ଉଦ୍ଧାର କରାଯାଇଛି । ବିଳମ୍ବିତ ରାତି ପାଖାପାଖି ୩ଟାରେ କୋଠା ଭୁଶୁଡ଼ିବା ନେଇ ଅଗ୍ନିଶମ ବିଭାଗକୁ ଫୋନ ଆସିଥିଲା । ଅଗ୍ନିଶମ ବିଭାଗ ସହ ସ୍ଥାନୀୟ ଲୋକେ ଉଦ୍ଧାର କାର୍ଯ୍ୟରେ ଲାଗିଥିଲେ । ଏବେବି ଲୋକଙ୍କୁ ଉଦ୍ଧାର କରାଯାଉଛି । ବଡ଼ କଥା ହେଉଛି, ମୃତକଙ୍କ ସଂଖ୍ୟା ବଢ଼ିବା ନେଇ ମଧ୍ୟ ଆଶଙ୍କା କରାଯାଉଛି । ବିଲ୍ଡିଂ କେମିତି ଭୁଶୁଡ଼ିଲା, ସେ ନେଇ ତଦନ୍ତ ଚଳାଇଛି ପୋଲିସ । ସେପଟେ ବିଲ୍ଡିଂ ଭୁଶୁଡ଼ିବାର ସିସିଟିଭି ଫୁଟେଜ ସାମ୍ନାକୁ ଆସିଛି ।

# ମହାକୁମ୍ଭ ନଗରୀ ନିର୍ମାଣ କରିଥିବା ଟେଣ୍ଟ ହାଉସ୍ କମ୍ପାନୀ ଗୋଦାମରେ ନିଆଁ



ପ୍ରୟାଗରାଜ ୧୯।୪: ପ୍ରୟାଗରାଜ ମହାକୁମ୍ଭରେ ତମ୍ବୁ ସହର ନିର୍ମାଣ କରିଥିବା ଟେଣ୍ଟ ହାଉସ୍ କମ୍ପାନୀ ଗୋଦାମରେ ନିଆଁ ଲାଗିଯାଇଛି । ଏହି ଅଗ୍ନିକାଣ୍ଡ ସଙ୍ଗମ କ୍ଷେତ୍ରରେ ହୋଇଛି । ଏହି ନିଆଁ ଏତେ ଭୟଙ୍କର ଭାବେ ଲାଗିଛି ଯେ ୩ କିଲୋମିଟର ଦୂରକୁ ଏହାର ଶିଖା ଦେଖାଯାଉଛି । ଘଟଣାସ୍ଥଳରେ ଦମକଳ ବିଭାଗର ୬ଟି ଦମକଳଗାଡ଼ି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରୁଛନ୍ତି । କୁହାଯାଉଛି ପ୍ରାୟ ୩ଲକ୍ଷ ବାଉଁଶ ବଲ୍ଲା ଓ ଟେଣ୍ଟ କପଡାରେ ନିଆଁ ଲାଗିଛି ।

ଉଲ୍ଲେଖଯୋଗ୍ୟ ଯେ ମହାକୁମ୍ଭରେ ଟେଣ୍ଟ ଲଗାଇବାର କାମ ଲଲ୍ଲୁଜୀ ଆଣ୍ଡ ସନସ୍ କମ୍ପାନୀକୁ ଦିଆଯାଇଥିଲା । ମହାକୁମ୍ଭ ଶେଷ ହେବା ପରେ ଏବେ ତମ୍ବୁ ସବୁ ଖୋଲା ଯାଇ ସଙ୍ଗମ କ୍ଷେତ୍ରରେ ଅସ୍ଥାୟୀ ଗୋଦାମରେ ଜମା କରାଯାଇଛି । ଏଥିରେ ଶନିବାର ସକାଳେ ନିଆଁ ଲାଗିଯାଇଥିବାର ଦେଖାଯାଇଥିଲା । ନିଆଁ ଲାଗିବା ଘଟଣା ଜଣାପଡିବାମାତ୍ରେ ଦମକଳ ବିଭାଗକୁ ଖବର ଦିଆଯାଇଥିଲା । ୬ଟି ଦମକଳ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରୁଥିଲେ ହେଁ ନିଆଁ ଅସମ୍ଭାଳ ହୋଇପଡିଛି । ଲଲ୍ଲୁଜୀ ଆଣ୍ଡ ସନସ୍ କମ୍ପାନୀ ଗତ ୧୦୪ ବର୍ଷ ହେଲା କୁମ୍ଭମେଳାରେ ତମ୍ବୁ ଲଗାଇ ଆସୁଛି । ଏଣୁ ଏହି କମ୍ପାନୀକୁ କୁମ୍ଭ ମେଳାର ବିଶ୍ୱକର୍ମା ବୋଲି ମଧ୍ୟ କୁହାଯାଏ । ଲଲ୍ଲୁଜୀ ଆଣ୍ଡ ସନସ୍ ର ପ୍ରୟାଗରାଜ ପରେଡ ଗ୍ରାଉଣ୍ଡ, ରାମବାଗ, ଝୁଁସୀ ଓ ନୈନୀ ସହିତ ସାରା ଦେଶରେ ଗୋଦାମ ଓ କାର୍ଯ୍ୟାଳୟ ରହିଛି । କମ୍ପାନୀ ହରିଦ୍ୱାର, ଉଜ୍ଜୈନ ଓ ନାସିକରେ ହେଉଥିବା ମେଳାରେ ମଧ୍ୟ ଟେଣ୍ଟ ବାନ୍ଧି ଥାଏ । କମ୍ପାନୀର ଦିଲ୍ଲୀ, ଉଜ୍ଜୈନ, ହରିଦ୍ୱାର ଓ ଅହମଦାବାଦରେ ମଧ୍ୟ ସେଟଅପ ଅଛି ।

## ଖାଇକୁ ଖସିଲା କାର, ୫ ମୃତ

ଉତ୍ତରାଖଣ୍ଡ ଚମୋଲିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଦୁର୍ଘଟଣାରେ ୫ ଜଣଙ୍କ ଜୀବନ ଚାଲିଯାଇଛି । ଶୁକ୍ରବାର ବିଳମ୍ବିତ ରାତିରେ ଚମୋଲି ଜିଲ୍ଲାର ବିରହୀ ନିଜମୁଲା ମୋଟର ରାସ୍ତାରେ କାରଟି ଖାଇକୁ ଖସିପଡିଥିଲା । ପୋଲିସ ଏବଂ ଉଦ୍ଧାରକାରୀ ଦଳ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲା, ହେଲେ ବର୍ଷା ଯୋଗୁଁ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା । ଖବର ମୁତାବକ, ବିରହୀ-ନିଜମୁଲା ମୋଟର ମାର୍ଗରେ ବରଯାତ୍ରୀ ଗାଡ଼ିଟି ଖାଇକୁ ଖସିପଡିଥିଲା । ଏଥିରେ ୫ ଜଣ ରହିଥିଲେ । ଖାଇକୁ ଖସିପଡିବା ଯୋଗୁଁ ସମସ୍ତଙ୍କ ଜୀବନ ଚାଲିଯାଇଥିଲା । ଗାଡ଼ିରେ ଥିବା ସମସ୍ତ ଯାତ୍ରୀ ଏକ ବାହାଘରରେ ଯୋଗ ଦେଇ ଫେରୁଥିବା ବେଳେ ଦୁର୍ଘଟଣା ଘଟିଥିଲା । ଦୁର୍ଘଟଣା ପରେ ପ୍ରଶାସନ ଏବଂ ପୋଲିସକୁ ସୂଚନା ଦିଆଯାଇଥିଲା । ପୋଲିସ ଏବଂ ଉଦ୍ଧାରକାରୀ ଦଳ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲା । ହେଲେ ବର୍ଷା ଯୋଗୁଁ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା । ପରେ ସମସ୍ତ ମୃତଦେହକୁ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ସୂଚନାଯୋଗ୍ୟ, ଗତ ୨୮ ତାରିଖ ଦିନ ବଦ୍ରିନାଥ ଠାରୁ ୩ କିଲୋମିଟର ଦୂର ମାନାରେ ଭୟଙ୍କର ହିମସ୍ଖଳନ ହୋଇଥିଲା । ଆର୍ମୀ ବର୍ଡର ରୋଡ୍ ଅର୍ଗାନାଇଜେସନ୍ ର ଏକ କ୍ୟାମ୍ପ ଉପରେ ମାଡ଼ି ଯାଇଥିଲା ବରଫ । ଉତ୍ତରାଖଣ୍ଡ ବଦ୍ରିନାଥ ହିମସ୍ଖଳନରେ ଫସିଥିବା ୫୪ ଶ୍ରମିକଙ୍କ ମଧ୍ୟରୁ ୮ ଜଣଙ୍କ ମୃତ୍ୟୁ ଘଟିଥିଲା । ଏହି ଉଦ୍ଧାର ଅଭିଯାନରେ ଏନଡିଆରଏଫ, ଏସଡିଆରଏଫ, ଆର୍ମୀ ଓ ଆଇଟିବିପି ଯବାନ ରେସକ୍ୟୁ ଅପରେସନରେ ସାମିଲ ଥିଲେ । ଉଦ୍ଧାର କାର୍ଯ୍ୟରେ ଏୟାରଫୋର୍ସର ଚିତା ଓ ଗଓ-୧୭ ହେଲିକପ୍ଟର ନିୟୋଜିତ ହୋଇଥିଲା । ସମସ୍ତ ଶ୍ରମିକଙ୍କ ଉଦ୍ଧାର ସହ ଅଭିଯାନ ଶେଷ ହୋଇଥିଲା ।

## ଭାରତ ଆସିବେ ମସ୍କ; ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ କଥାବାର୍ତ୍ତାକୁ କହିଲେ ସମ୍ମାନର ବିଷୟ

ନୂଆଦିଲ୍ଲୀ: ଟେକ୍ନୋଲୋଜି କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ଭାରତ ଆସିବେ । ସ୍ପେଶ୍-ଏକ୍ସ ସିଇଓ ଏଲନ ମସ୍କ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଆଲୋଚନା ପରେ ଏଭଳି କିଛି ସଂକେତ ମିଳିଛି । ଚଳିତ ବର୍ଷ ଶେଷ ଆଡ଼କୁ ମସ୍କ ଭାରତ ଆସିପାରନ୍ତି ବୋଲି କୁହାଯାଉଛି । ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହିତ ଏଲନ୍ ମସ୍କ ଟେଲିକନଫରେସିଂରେ କଥା ହୋଇଥିଲେ । ଏହି ସମୟରେ ଉଭୟଙ୍କ ମଧ୍ୟରେ ବିଭିନ୍ନ ପ୍ରସଂଗକୁ ନେଇ ଆଲୋଚନା ହୋଇଥିଲା । ଏହାକୁ ନେଇ ସୋସିଆଲ୍ ମିଡିଆରେ ପ୍ଲାଟଫର୍ମ ଏକ୍ସରେ ପୋଷ୍ଟ କରିଛନ୍ତି ସ୍ପେଶ-ଏକ୍ସ ସିଇଓ ଏଲନ ମସ୍କ । ସେ ଏଥିରେ ଲେଖିଛନ୍ତି, 'ପିଏମ୍ ମୋଦିଙ୍କ ସହିତ ଆଲୋଚନା କରିବା ମୋ ପାଇଁ ସମ୍ମାନର କଥା । ଭାରତ ଆସିବା ପାଇଁ ମୁଁ ଉତ୍ସୁକତାର ସହିତ ଅପେକ୍ଷା କରିଛି' । ଚଳିତ ବର୍ଷ ଶେଷ ଆଡ଼କୁ ଭାରତ ଆସିପାରେ ବୋଲି ମସ୍କ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି । ଏହାଛଡ଼ା ଭାରତ ଓ ଆମେରିକା ସହିତ ବିଭିନ୍ନ ପ୍ରସଂଗକୁ ନେଇ ମଧ୍ୟ ଦୁଇ ଜଣଙ୍କ ମଧ୍ୟରେ ଆଲୋଚନା ହୋଇଛି । ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ଏଲନ୍ ମସ୍କଙ୍କ ସହ କଥା ହୋଇଥିବା କହିଛନ୍ତି । ଭାରତ ଓ ଆମେରିକା ମଧ୍ୟରେ ଟେକ୍ନୋଲୋଜି, ମହାକାଶ ଅନୁସନ୍ଧାନ, କୃତ୍ରିମ ବୁଦ୍ଧିମତା, ଇନୋଭେସନ ଓ ସ୍ଥିର ବିକାଶ କ୍ଷେତ୍ରରେ ଆଲୋଚନା ହୋଇଛି । ଦୁଇ ଦେଶ ମଧ୍ୟରେ ଏହି ସବୁ କ୍ଷେତ୍ରରେ ଆଗକୁ ଦ୍ରୁତ ବିକାଶର ସମ୍ଭାବନା ଅଧିକ ରହିଛି । ଭାରତ ଓ ଆମେରିକା, ବୁଝାମଣାକୁ ଆଗକୁ ବଢ଼ାଇବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ଅର୍ଥାତ୍ ଦୁଇ ଦେଶ ମିଳିତ ଭାବେ ଟେକ୍ନୋଲୋଜି ଓ ଇନୋଭେସନକୁ ଆହୁରି ଆଗକୁ ନେବେ । ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷୀକ ସମ୍ପର୍କ ବଢ଼ିବା ସହିତ ଟେକ୍ନୋଲୋଜି କ୍ଷେତ୍ରରେ ନୂଆ ଯୁଗ ଆରମ୍ଭ ହେବ । ଅନ୍ୟପଟେ ମସ୍କଙ୍କ ଭାରତ ଗସ୍ତ ଘୋଷଣା ଏପରି ସମୟରେ ହୋଇଛି, ଯେତେବେଳେ ସ୍ପେଶ-ଏକ୍ସ ମାଲିକାନାରେ ଥିବା ଷ୍ଟାରଲିଙ୍କ୍ ଭାରତୀୟ ଟେଲିକମ୍ କମ୍ପାନୀ ଜିଓ ଓ ଏୟାରଟେଲ୍ ସହିତ ସହଭାଗୀତା କରିବାକୁ ଯାଉଛି । ଷ୍ଟାରଲିଙ୍କ୍ ଭାରତରେ ସାଟେଲାଇଟ୍ ଇଣ୍ଟରନେଟ୍ ସେବା ଆରମ୍ଭ କରିବାକୁ ଯାଉଥିବା ବେଳେ ଏହାର ସରକାରଙ୍କ ଅନୁମୋଦନ ଆପେକ୍ଷାରେ ରହିଛି ।

# ମୁମ୍ବାଇରେ ତେଜିଲା ଧର୍ମୀୟ ଆନ୍ଦୋଳନ ଜୈନ ମନ୍ଦିର ଭାଙ୍ଗିବାରୁ ଉତ୍ତେଜନା

କନକ ବ୍ୟୁରୋ : ମୁମ୍ବାଇର ଭିଲେ ପାର୍ଲେ ପୂର୍ବରେ ଥିବା ୯୦ ବର୍ଷର ପାର୍ଶ୍ୱନାଥ ଦିଗମ୍ବର ଜୈନ ମନ୍ଦିରକୁ ବୃହଦମୁମ୍ବାଇ ମହାନଗରପାଳିକା ଦ୍ୱାରା ଭଙ୍ଗାଯାଇଛି । ଯାହାକୁ ନେଇ ଜୈନ ସମୁଦାୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଏହାକୁ ମୁମ୍ବାଇର ବିଭିନ୍ନ ସ୍ଥାନରେ ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଜୈନ ସମାଜ ଅଭିଯୋଗ କରିଛନ୍ତି ଯେ ଭଙ୍ଗାରୁଜା ଜବରଦସ୍ତ ହୋଇଥିଲା ଏବଂ ପବିତ୍ର ମୂର୍ତ୍ତି ଓ ଧର୍ମଗ୍ରନ୍ଥଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ସମୟ ଦିଆଯାଇନଥିଲା । ମନ୍ଦିର ଭଙ୍ଗାଯିବାକୁ ନେଇ ଉତ୍ତେଜନା ଲାଗିରହିଥିବା ବେଳେ, ବିଏମ୍?ସି କହିଛି, ମନ୍ଦିରଟି ଅନଧିକୃତ ଭାବେ ଖେଳପଡ଼ିଆ ଜମିରେ ଥିଲା ଏବଂ କୋର୍ଟ ଆଦେଶରେ ଭଙ୍ଗାଯାଇଛି । ଏପଟେ ଜୈନ ସମାଜ ଓ ବିଶ୍ୱ ହିନ୍ଦୁ ପରିଷଦ ମିଶି "ଅହିଂସା ରାଲି" କରି ମନ୍ଦିର ପୁନଃନିର୍ମାଣ ଓ ବିଏମ୍?ସି ଅଧିକାରୀଙ୍କ ନିଲମ୍ବନ ଦାବି କରିଛନ୍ତି । ଏକ ହୋଟେଲ ମାଲିକଙ୍କ ଚାପରେ ଏହା କରାଯାଇଥିବା ଅଭିଯୋଗ ହୋଇଛି । ସ୍ଥିତି ନିୟନ୍ତ୍ରଣ କରିବା ପାଇଁ ପୁଲିସ ମୁତୟନ କରାଯାଇଛି । ସେପଟେ ଘଟଣାରେ ବମ୍ବେ ହାଇକୋର୍ଟ ଅଧିକ ଭଙ୍ଗାରୁଜା ଉପରେ ଅସ୍ଥାୟୀ ରୋକ ଲଗାଇଛନ୍ତି । କିନ୍ତୁ ଜୈନ ସମାଜ ନ୍ୟାୟ ଓ ମନ୍ଦିର ପୁନଃନିର୍ମାଣ ପାଇଁ ଅଡି ବସିଛନ୍ତି ।

# ବିଶ୍ୱର ସବୁଠାରୁ ବିପଦପୂର୍ଣ୍ଣ ଯୁଦ୍ଧ ବିମାନ କିଣିବ ଭାରତ

ନୂଆଦିଲ୍ଲୀ : ଚାଇନା ନିରନ୍ତର ଭାବରେ ତାର ବାୟୁସେନାକୁ ମଜଭୁତ କରୁଥିବା ବେଳେ ଭାରତୀୟ ବାୟୁସେନାରେ ଲଢୁଆ ବିମାନ ସଂଖ୍ୟା କ୍ରମାଗତ ଭାବରେ ହ୍ରାସ ପାଉଥିବାରୁ ବିଶେଷଜ୍ଞମାନେ ଚିନ୍ତା ପ୍ରକାଶ କରୁଛନ୍ତି । ଭାରତ ସରକାର ଫ୍ରାନ୍ସରୁ ଆଉ ୪୦ଟି ରାଫେଲ ଯୁଦ୍ଧ ବିମାନ କିଣିବାକୁ ନିଷ୍ପତ୍ତି ନେଇଥିବା କୁହାଯାଉଛି । ଭାରତ ଏବଂ ଫ୍ରାନ୍ସ ମଧ୍ୟରେ ଏହି ଚୁକ୍ତି ସରକାରରୁ ସରକାର (ଏ୨ଏ) ଆଧାରରେ ହେବ । ରିପୋର୍ଟ ଅନୁଯାୟୀ, ଫ୍ରାନ୍ସ ପ୍ରତିରକ୍ଷା ମନ୍ତ୍ରୀ ୨୮ କିମ୍ବା ୨୯ ଏପ୍ରିଲରେ ଭାରତ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ଏହି ଗସ୍ତ ସମୟରେ, ଭାରତୀୟ ନୌସେନା ପାଇଁ ରାଫେଲ ସାମୁଦ୍ରିକ ଯୁଦ୍ଧ ବିମାନ କ୍ରୟ ସମ୍ପର୍କରେ ଦୁଇ ଦେଶ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହେବ । ଏହି ରାଫାଲ ସାମୁଦ୍ରିକ ଯୁଦ୍ଧ ବିମାନଗୁଡ଼ିକୁ ଭାରତର ବିମାନ ବାହକ ଜାହାଜରେ ନିୟୋଜିତ କରାଯିବ । ଭାରତ ଶକ୍ତି ରିପୋର୍ଟ ଅନୁଯାୟୀ, ଭାରତ ଏବଂ ଫ୍ରାନ୍ସ ମଧ୍ୟରେ ଉଚ୍ଚସ୍ତରୀୟ ଆଲୋଚନା ହୋଇଛି । ଏହି ବୈଠକରେ ଭାରତରେ ନିର୍ମିତ ହେଲିକପ୍ଟର ପାଇଁ ଫରାସୀ କମ୍ପାନୀ ସାଫ୍ରାନରୁ ଇଞ୍ଜିନ କ୍ରୟ ଏବଂ ଭାରତୀୟ ବାୟୁସେନା ପାଇଁ ଦ୍ୱିତୀୟ ବ୍ୟାଚ ରାଫାଲ ଲଢୁଆ ବିମାନ କ୍ରୟ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା । ଏହି ଚୁକ୍ତିନାମାକୁ ବର୍ତ୍ତମାନ ଫାଷ୍ଟ-ଟ୍ରାକ ଗଜରଇ-ପ୍ଲସ ଡିଲ ନାମରେ ନାମିତ କରାଯାଇଛି । ଗଜରଇ (ମଲ୍ଟି ରୋଲ ଫାଇଟର ଏୟାରକ୍ରାଫ୍ଟ) କାର୍ଯ୍ୟକ୍ରମ ଅଧୀନରେ, ଭାରତ ୧୧୪ଟି ଯୁଦ୍ଧ ବିମାନ କିଣିବାକୁ ଯୋଜନା କରୁଛି ଏବଂ ଏ ସମ୍ପର୍କରେ ଅନେକ ସ୍ତରରେ ଆଲୋଚନା ଚାଲିଛି । ଭାରତକୁ ମଲ୍ଟି-ରୋଲ ଫାଇଟର ଏୟାରକ୍ରାଫ୍ଟ (ଗଜରଇ) ପ୍ରକଳ୍ପ ଅଧୀନରେ ୧୧୪ଟି ଲଢୁଆ ବିମାନ କିଣିବାକୁ ପଡିବ, କିନ୍ତୁ ସରକାରଙ୍କ ଦ୍ୱାରା ଏପର୍ଯ୍ୟନ୍ତ ଏଥିପାଇଁ କୌଣସି ଟେଣ୍ଡର ଜାରି କରାଯାଇ ନାହିଁ । ଭାରତୀୟ ବାୟୁସେନାର ତୁରନ୍ତ ଆବଶ୍ୟକତା ଏବଂ ରାଫାଲ ବିମାନ ସହିତ ବିଦ୍ୟମାନ ସମନ୍ୱୟକୁ ବିଚାରକୁ ନେଇ ସରକାର ସିଧାସଳଖ ରାଫାଲ ବିମାନ କିଣିବାକୁ ନିଷ୍ପତ୍ତି ନେଇଛନ୍ତି । ଆଲୋଚନାରେ ସାମିଲ ଥିବା ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଏହା କେବଳ ଏକ କ୍ରୟ ନୁହେଁ ବରଂ ଏକ ବୃହତ୍ତର ରଣନୈତିକ ଯୋଜନାର ଏକ ଅଂଶ ଯାହା ଭବିଷ୍ୟତରେ ଜାରି ରହିବ । ଭାରତୀୟ ବାୟୁସେନାକୁ ସମ୍ପୂର୍ଣ୍ଣ ଶକ୍ତିଶାଳୀ ରଖିବା ପାଇଁ, ଏଥିରେ ଅତି କମରେ ୪୨.୫ ସ୍କ୍ୱାର୍ଡନ ରହିବା ଆବଶ୍ୟକ, କିନ୍ତୁ ବର୍ତ୍ତମାନ କେବଳ ୩୧ ସ୍କ୍ୱାର୍ଡନ ଅଛି । ଯଦି ଚାଇନା ଏବଂ ପାକିସ୍ତାନ ସହିତ ଏକକାଳୀନ ଯୁଦ୍ଧ ପରିସ୍ଥିତି ଉପୁଜେ, ତେବେ ଭାରତକୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ । ଏହି ବର୍ଷ ଆରମ୍ଭରେ, ବାୟୁସେନା ମାର୍ଶାଲ ଏପି ସିଂହ ମଧ୍ୟ କହିଥିଲେ, ପୁରୁଣା ବିମାନର ଅବସର ଯୋଗୁ, ପ୍ରତିବର୍ଷ ୩୫-୪୦ଟି ନୂତନ ଯୁଦ୍ଧ ବିମାନ ଯୋଡିବା ଆବଶ୍ୟକ, ଯାହା ଦାରା ଶକ୍ତିରେ କୌଣସି ହ୍ରାସ ନ ହୁଏ । ଅନ୍ୟପକ୍ଷରେ, ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ (ଐଇଖ) ୨୦୩୦ ସୁଦ୍ଧା ୯୭ଟି ତେଜସ ଗଳ-୧ଇ ଜେଟ ଯୋଗାଇବାକୁ ଯୋଜନା କରିଛି, କିନ୍ତୁ ଉତ୍ପାଦନର ମନ୍ଥର ଗତି ଯୋଗୁ ଏହି ଲକ୍ଷ୍ୟ ହାସଲ କରିବା କଷ୍ଟକର ମନେ ହେଉଛି ।

# ମେ ୨ରେ କେଦାରନାଥ ଏବଂ ମେ ୪ରେ ବଦ୍ରିନାଥ କବାଟ ଖୋଲିବ



ନୂଆଦିଲ୍ଲୀ : କେଦାରନାଥ ଧାମରେ ପହଞ୍ଚିଛନ୍ତି ବଦ୍ରିନାଥ-କେଦାରନାଥ ମନ୍ଦିର କମିଟିର ଟିମ୍ । ବଦ୍ରିନାଥ-କେଦାରନାଥ ମନ୍ଦିର କମିଟିର ଜଣେ ମୁଖପାତ୍ର ଶୁକ୍ରବାର କହିଛନ୍ତି ଯେ, ଶ୍ରୀ କେଦାରନାଥ ଧାମର ଦ୍ୱାର ମେ ୨ ତାରିଖରେ ଆନୁଷ୍ଠାନିକ ଭାବେ ଖୋଲିବ । ସେହିପରି ବଦ୍ରିନାଥ ଧାମର ଦ୍ୱାର ୪ ମଇରେ ଖୋଲିବ । ଏହାରି ମଧ୍ୟରେ ମଦମହେଶ୍ୱର ମନ୍ଦିର (ଦ୍ୱିତୀୟ କେଦାର)ର ଦ୍ୱାର ୨୧ ମଇରେ ଖୋଲିବ ଏବଂ ତୃତୀୟ କେଦାର, ଶ୍ରୀ ତୁଙ୍ଗନାଥ ମନ୍ଦିର ମଧ୍ୟ ୨ ମଇରେ ଖୋଲିବ । ଚାରିଧାମ ଯାତ୍ରା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହିନ୍ଦୁ ତୀର୍ଥସ୍ଥଳ ମଧ୍ୟରୁ ଗୋଟିଏ । ଯମୁନୋତ୍ରୀ, ଗାଙ୍ଗୋତ୍ରୀ, କେଦାରନାଥ ଏବଂ ବଦ୍ରିନାଥ । ଚଳିତବର୍ଷ ଚାରିଧାମ ଯାତ୍ରା ୩୦ ଏପ୍ରିଲରୁ ଗଙ୍ଗୋତ୍ରୀ ଏବଂ ଯମୁନେତ୍ରୀ ଧାମର କପାଟ ଖୋଲିବ । ଚଳିତ ବର୍ଷ ମେ' ୨ରେ ଖୋଲିବ କେଦାରନାଥଙ୍କ କପାଟ । ମେ' ୨ରେ ଠିକ୍ ସକାଳ ୭ଟାରେ ଏହି ଦିବ୍ୟ କାର୍ଯ୍ୟର ଆରମ୍ଭ କରାଯିବ ଆଉ ସେହି ସମୟରୁ ହିଁ ଆରମ୍ଭ ହେବ ଚାରିଧାମ ଯାତ୍ରା । ତେବେ ଉଖୀମଠ ସ୍ଥିତ ଓଁକାରେଶ୍ୱର ମନ୍ଦିରରୁ ବାବାଙ୍କ ଶୋଭାଯାତ୍ରା ମେ ୧ରେ କେଦାରନାଥରେ ପହଞ୍ଚିବ ଆଉ ମେ ୨ ସକାଳେ କପାଟ ଖୋଲାଯିବ । ଯାତ୍ରା ପାଇଁ ଅନଲାଇନ ରେଜିଷ୍ଟ୍ରେସନ ୧୧ ମାର୍ଚ୍ଚରୁ ହେବ । ହରିଦ୍ୱାର ଓ ଋଷିକେଶରେ ୨୦-୨୦ଟି ଏବଂ ବିକାଶନଗରରେ ୧୫ଟି ଅଫଲାଇନ୍ ପଞ୍ଜିକରଣ କାଉଣ୍ଟର ଖୋଲାଯିବ । ଯାତ୍ରାର ଗୋଟିଏ ମାସ ପୂର୍ବରୁ କୌଣସି ପ୍ରକାରର ଭିଆଇପି ଦର୍ଶନ ପାଇଁ ଅନୁମତି ଦିଆଯିବ ନାହିଁ । ସମସ୍ତ ଶ୍ରଦ୍ଧାଳୁଙ୍କୁ କେବଳ ସାଧାରଣ ପ୍ରକ୍ରିୟା ମାଧ୍ୟମରେ ହିଁ ଦର୍ଶନ କରିବାକୁ ପଡ଼ିବ । ଉତ୍ତରାଖଣ୍ଡ ସରକାରଙ୍କ ସରକାରୀ ୱେବସାଇଟ୍ ରେଜିଷ୍ଟ୍ରେସନ ଆଣ୍ଡ ଟୁରିଷ୍ଟକେୟାର.ୟୁକେଜିଓଭି.ଇନରେ ଅନଲାଇନ୍ ପଞ୍ଜୀକରଣ ହେଉଛି ।

କେଦାରନାଥ ଏବଂ ବଦ୍ରିନାଥରେ ଅନଲାଇନ ପୂଜା ପାଇଁ ୧୦ ଏପ୍ରିଲରୁ ରେଜିଷ୍ଟ୍ରେସନ ଆରମ୍ଭ ହୋଇଛି । ଯେଉଁ ଶ୍ରଦ୍ଧାଳୁ ଘରେ ରହିଛି କେଦାରନାଥ ଏବଂ ବଦ୍ରିନାଥଙ୍କ ପୂଜା କରିବାକୁ ଚାହୁଁଛନ୍ତି, ସେମାନେ ବଦ୍ରିକେଦାର ମନ୍ଦିର ସମିତିର ୱେବସାଇଟ ବଦ୍ରିନାଥକେଦାରନାଥ ଜିଓଭି.ଇନକୁ ଯାଇ ଅନଲାଇନ ପୂଜା ବୁକ୍ କରିପାରିବେ ।

# ବିସିସିଆଇ ସ୍କାନରରେ ଆଉ କିଏ ?

**ମୁମ୍ବାଇ,୧୯।୪:** ଆଇପିଏଲ ଭିତରେ ସାମ୍ନାକୁ ଆସିଛି ବଡ଼ ଖବର। ଯାହା କ୍ରିକେଟ ଜଗତକୁ ଚକିତ କରିଦେଇଛି । ଭାରତୀୟ କ୍ରିକେଟ ଇତିହାସରେ ଏମିତି ପ୍ରଥମ କି କିଛି କୋଚିଂ ଷ୍ଟାଫଙ୍କୁ ବିଦା କରିଦିଆଯାଇଛି । ତେବେ ଏହାର କାରଣ କଣ ? କାହିଁକି ଏତେ ବଡ଼ ଆକ୍ସନ ନେଲା ବିସିସିଆଇ ? ତେବେ ଏହାରି ଭିତରେ ସୂଚନା ମିଳିଛି କି ବିଜିଟି ସମୟରେ ଭାରତର ପ୍ରଦର୍ଶନ ଆଉ ଡ୍ରେସିଂ ରୁମ କଥା ଲିକ୍ ହେବା । ତେବେ କଣ ଟିମ ଇଣ୍ଡିଆର ଆସିଷ୍ଟାଣ୍ଟ କୋଚ୍ ଅଭିଷେକ ନାୟର, ଫିଲ୍ଡିଂ କୋଚ ଟି. ଦିଲ୍ଲିପ ଓ ଫିଟନେସ୍ କୋଚ ସୋହମ ଦେଶାଇ ଡ୍ରେସିଂ ରୁମ୍ କଥାକୁ ଲିକ୍ କରିଥିଲେ ? ତେବେ ଏହି ଚର୍ଚ୍ଚା ଭିତରେ କୁହାଯାଉଛି କି, ଅଭିଷେକ ନାୟରଙ୍କ ସହଯୋଗୀ ଷ୍ଟାଫର ଜଣେ ହାଇପ୍ରୋଫାଇଲ ମେମ୍ବରଙ୍କ ସହ କଥା କଟାକଟି ହୋଇଥିଲା । ଆଉ ଏହି ଆକ୍ସନର କାରଣ ଏହି ଘଟଣା ହୋଇଥାଏ ବୋଲି କୁହାଯାଉଛି । ସୂତ୍ର ଅନୁସାରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ଟେଷ୍ଟ ସିରିଜରେ ପରାଜ। ପରେ ସହଯୋଗୀ ଷ୍ଟାଫଙ୍କୁ ନେଇ ଏକ ମାନସମନ୍ଥନ ଚାଲିଥିଲା । ତେବେ ବିସିସିଆଇରେ ଏହା ଅନୁଭବ ହୋଇଥିଲା ଯେ ସହଯୋଗୀ ଷ୍ଟାଫର ଜଣେ ମହତ୍ୱପୂର୍ଣ୍ଣ ସଦସ୍ୟ ଆଉ ବରିଷ୍ଠ ଖେଳାଳିଙ୍କ ଭିତରେ ଲଢ଼େଇ ପାଇଁ ବଳି ପଡିଗଲେ ଅଭିଷେକ ନାୟର।

ଗତ ବର୍ଷ ଆଇସିସି ଟି-୨୦ ବିଶ୍ୱକପ ଜିତିବା ପରେ ରାହୁଲ ଦ୍ରାବିଡଙ୍କ ସ୍ଥାନରେ ଗୌତମ ଗମ୍ଭୀରଙ୍କୁ ମୁଖ୍ୟ କୋଚ ଦାୟିତ୍ୱ ଦିଆଯାଇଥିଲା। ଏହାପରେ ଗୌତମ ଗମ୍ଭୀର ନିଜ ମନ ପସନ୍ଦର କୋଚିଂ ଷ୍ଟାଫ ଗଠନ କରିଥିଲେ । ଆଉ ଆସିଷ୍ଟାଣ୍ଟ କୋଚ ଭାବେ ଅଭିଷେକ ନାୟର ଓ ବୋଲିଂ କୋଚ ଭାବେ ମର୍ନି ମୋର୍କେଲଙ୍କୁ ଦାୟିତ୍ୱ ମିଳିଥିଲା । ହେଲେ ଏବେ ୩ ଜଣ କୋଚିଂ ଷ୍ଟାଫଙ୍କ ଉପରେ ଛାଟ ନିଶ୍ଚିନ୍ତ ଭାବେ ବିସିସିଆଇରେ ଗୌତମ ଗମ୍ଭୀରଙ୍କ ସ୍ଥାନକୁ ଦୁର୍ବଳ କରିଦେଇଛି । କାରଣ ଗୌତମ ଗମ୍ଭୀରଙ୍କ ଫେଭରେଟ୍ ଥିଲେ ନାୟର। ଘରୋଇ ମାଟିରେ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ପରାସ୍ତ ଆଉ ଏହା ପରେ ବର୍ଡର ଗାଭାସ୍କର ଟ୍ରଫିରେ ସଂଘର୍ଷ ଭାରତୀୟ କୋଚିଂ ଉପରେ ପ୍ରଶ୍ନ ଉଠାଇଥିଲା। ଆଉ ପରାଜୟ ପରେ ଗୌତମ ଗମ୍ଭୀରଙ୍କ କୋଚ ଛାଡିବା ନେଇ ଚର୍ଚ୍ଚା ହୋଇଥିଲା । କୁହାଯାଉଥିଲା ଯଦି ଚାମ୍ପିୟନ୍ସ ଟ୍ରଫିରେ ଭାରତ ହାରେ ତେବେ ଗୌତମ ଗମ୍ଭୀରଙ୍କ ସମେତ ଅନେକ ବରିଷ୍ଠ ଖେଳାଳି ବିଦା ହୋଇପାରନ୍ତି। ହେଲେ ଏମିତି ହୋଇନଥିଲା, କାରଣ ଗୌତମ ଗମ୍ଭୀରଙ୍କ କୋଚିଂରେ ଜବରଦସ୍ତ କମବ୍ୟାକ କରିଥିଲା ଟିମ ଇଣ୍ଡିଆ। ଆଉ ଚାମ୍ପିୟନ୍ସ ଟ୍ରଫି ଜିତି ନିଜକୁ ପ୍ରମାଣିତ କରିଥିଲେ ଗମ୍ଭୀର। ବର୍ତ୍ତମାନ ଏହା ସତ୍ୱେ ବି ଗମ୍ଭୀରଙ୍କ ଏହି କୋଚିଂ ଷ୍ଟାଫ୍ ଉପରେ ବିସିସିଆଇର ଛାଟ ଏନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। କାହିଁକି ବିସିସିଆଇ, କୋଚିଂ ଷ୍ଟାଫଙ୍କ ଉପରେ ଆକ୍ସନ ନେଲା ? ଡ୍ରେସିଂ ରୁମ୍ କଥା ଲିକ ନା ଆଉ କଣ ?

# ରାଜସ୍ଥାନ ରୟାଲ୍ସରେ ଫାଟ ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ




**ନୂଆଦିଲ୍ଲୀ,୧୯।୪:** ଆଇପିଏଲ୍ ୨୦୨୫ରେ ରାଜସ୍ଥାନ ରୟାଲ୍ସ ସେପରି କିଛି ଜଲୱା ଦେଖାଇ ପାରିନାହିଁ । ନା ବ୍ୟାଟିଂ ନା ବୋଲିଂ; କେଉଁଥିରେ ବି କମାଲ କରିପାରିନି ଦଳ। ସେପଟେ କୋଚ୍ ଓ କ୍ୟାପ୍ଟେନଙ୍କ ମଧ୍ୟରେ ସବୁ ଠିକ୍ ଚାଲିନଥିବା ନେଇ ଚର୍ଚ୍ଚା ବି ବିବାରେ ଲାଗିଛି । ଏନେଇ ମୁହଁ ଖୋଲିଛନ୍ତି କୋଚ୍ ରାହୁଲ ଦ୍ରାବିଡ଼। ପଏଣ୍ଟ ଟେବୁଲରେ ବି ଅଷ୍ଟମ ସ୍ଥାନରେ ରହିଛି ରାଜସ୍ଥାନ। ମୋଟ୍ ୭ଟି ମ୍ୟାଚରୁ ୨ଟି ମ୍ୟାଚ୍ ଜିତିଥିବା ବେଳେ ୫ଟି ମ୍ୟାଚରେ ପରାଜୟ ଘଟିଛି।

ଶନିବାର ଲକ୍ଷ୍ନୌ ସୁପରଜାଏଣ୍ଟସ୍‌କୁ ଭେଟିବ ରାଜସ୍ଥାନ ରୟାଲ୍ସ। ଜୟପୁର ସୱାଇ ମାନସିଂହ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ପୂର୍ବରୁ କୋଚ୍ ରାହୁଲ ଦ୍ରାବିଡ୍ ପ୍ରେସ କନଫରେନ୍ସରେ ଦଳରେ ଫାଟ କଥାକୁ ଭିତ୍ତିହୀନ ବୋଲି କହିଛନ୍ତି । ଦଳରେ କୌଣସି ପ୍ରକାର ବିବାଦ ନଥିବା ନେଇ ସେ ସ୍ପଷ୍ଟ କରିଛନ୍ତି ।

ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚରେ କ୍ୟାପ୍ଟେନ ସଞ୍ଜୁ ସାମସନ୍ ଓ କୋଚ୍ ମଧ୍ୟରେ ବିବାଦ ଥିବା ନେଇ ଚର୍ଚ୍ଚା ବିବାରେ ଲାଗିଥିଲା। ସୁପର ଓଭର୍ ବେଳେ ସଞ୍ଜୁ ଦଳର ହଡଲରୁ ଦୂରରେ ରହିଥିବାର ଦେଖିବାକୁ ମିଳିଥିଲା । ଯାହାର ଭିଡିଓ ମଧ୍ୟ ବେଶ୍ ଭାଇରାଲ ହେବାରେ ଲାଗିଛି । ସେ ସୁପର ଓଭରେ ବ୍ୟାଟିଂ କିମ୍ବା ଫିଲ୍ଡିଂ କରିବାକୁ ବି ଆସିନଥିଲେ।

ଏହି ପ୍ରସଙ୍ଗରେ କୋଚ୍ ରାହୁଲ ଦ୍ରାବିଡ୍ ପ୍ରେସ କନଫରେନ୍ସରେ କହିଛନ୍ତି, ସଞ୍ଜୁଙ୍କ ପେଟରେ ଯନ୍ତ୍ରଣା ଅନୁଭବ ହେଉଥିଲା । ସେଥିପାଇଁ ତାଙ୍କୁ ଚିକିତ୍ସା ପାଇଁ ପଠାଯାଇଥିଲା । ରିପୋର୍ଟ ଆସିବା ପରେ ଆଗକୁ ନିଷ୍ପତ୍ତି ନିଆଯିବ। ଯଦି ସଞ୍ଜୁ ଫିଟ୍ ନଥାନ୍ତି ତେବେ ଦଳ ପୁଣି ଥରେ ରିୟାନ ପରାଗଙ୍କୁ କ୍ୟାପ୍ଟେନ କରିପାରେ ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ସେପଟେ ଦଳର ସର୍ବକନିଷ୍ଠ ଖେଳାଳି ବୈଭବ ସୂର୍ଯ୍ୟବଂଶୀଙ୍କ ଡେବ୍ୟୁକୁ ବି ଫ୍ୟାନ୍ସ ଅପେକ୍ଷା କରି ବସିଛନ୍ତି।

# ଉତ୍କଳ କରାଟେ ସ୍କୁଲ୍ ନୂତନ ହଲ୍ ଉଦଘାଟିତ



**ଭୁବନେଶ୍ୱର,୧୯।୪:** ଉତ୍କଳ କରାଟେ ସ୍କୁଲ, ଟଙ୍କପାଣି ରୋଡ୍ (ବସୁଆଘାଇ) ଶାଖା ସ୍କୁଲ୍ ପରିସରରେ ବାର୍ଷିକ ଦିବସ ସମାରୋହ ପାଳିତ ହୋଇଛି। ଏହି ଦିବସ ପାଇଁ ଛାତ୍ର, ଅଭିଭାବକ ଏବଂ ସମ୍ମାନିତ ଅତିଥିମାନେ ଏକତ୍ରିତ ହେବା ସହିତ ଉତ୍ସାହ ଏବଂ ଗର୍ବରେ ଗୁଞ୍ଜରିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଛାତ୍ରଙ୍କ ସଫଳତା ଏବଂ ସମଗ୍ର ବିକାଶ ପ୍ରତି ସ୍କୁଲ୍‌ର ପ୍ରତିବଦ୍ଧତାର ଏକ ପ୍ରାଣବନ୍ତ ପ୍ରଦର୍ଶନ ଥିଲା।

ଏହି ଉତ୍ସବର ଶୁଭାରମ୍ଭ ମୁଖ୍ୟ ଅତିଥି ହାନ୍ସୀ ଡକ୍ଟର ହରିପ୍ରସାଦ ପଟ୍ଟନାୟକ, ସେନ୍ସାଇ ଖାରବେଳ ମଲ୍ଲିକ, ଡ. ଅବିନାଶ ପୁନ୍ଦିର ଏବଂ ସ୍କୁଲ ପ୍ରଶିକ୍ଷକ ସେନ୍ସାଇ ସୁଶାନ୍ତ କୁମାର ପଣ୍ଡା କରିଥିଲେ। ଉତ୍ସବର ମନୋଭାବକୁ ଯୋଡ଼ି ମୁଖ୍ୟ ଅତିଥି ସମାବେଶକୁ ସମ୍ବୋଧିତ କରିଥିଲେ, ଯୁବ ମନକୁ ପୋଷଣ ଏବଂ ଉତ୍କର୍ଷତାର ଭାବନା ବୃଦ୍ଧି କରିବାରେ ସ୍କୁଲ୍‌ର ପ୍ରୟାସକୁ ପ୍ରଶଂସା କରିଥିଲେ। ସେ ମୂଲ୍ୟବୋଧ ଭିତ୍ତିକ କ୍ରୀଡ଼ାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଛାତ୍ରଛାତ୍ରୀମାନଙ୍କୁ ଆଗ୍ରହ ଏବଂ ଦୃଢ଼ତାର ସହିତ ଚ୍ୟାଲେଞ୍ଜକୁ ଗ୍ରହଣ କରିବା ଏବଂ ସେମାନଙ୍କ ସ୍ୱପ୍ନ ପୂରଣ କରିବାକୁ ଉତ୍ସାହିତ କରିଥିଲେ।

ସେ ନେଇ ସୁଶାନ୍ତ ଗତ ବର୍ଷ ସାରା କ୍ରୀଡ଼ା କ୍ଷେତ୍ରରେ ସ୍କୁଲର ଗୁରୁତ୍ୱପୂର୍ଣ୍ଣ ସଫଳତା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ପ୍ରମାଣପତ୍ର ବଣ୍ଟନ ଉତ୍ସବ, ଯେଉଁଠାରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ବର୍ଗରେ ଉଲ୍ଲେଖନୀୟ।

# ଆରସିବିର ହ୍ୟାଟ୍ରିକ୍ ଲଜ୍ଜା: ପଞ୍ଜାବର ପଞ୍ଚମ ବିଜୟ




**ବେଙ୍ଗାଲୁରୁ,୧୯।୪:** ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)ର ଘରୋଇ ଗ୍ରାଉଣ୍ଡ ପରାଜୟ ଜାରି ରହିଛି। ଶୁକ୍ରବାର ମ୍ୟାଚରେ ଆରସିବିକୁ ଭ୍ରମଣକାରୀ ପଞ୍ଜାବ କିଙ୍ଗ୍ସ ୫ ୱିକେଟରେ ହରାଇ ଦେଇଛି। ପ୍ରତିକୂଳ ପରିସ୍ଥିତିରେ ସଂଘର୍ଷ କରୁଥିବା ଆରସିବି ମାତ୍ର ୯୫ ରନ୍ କରିଥିଲା। ପଞ୍ଜାବ କିଙ୍ଗ୍ସ କିନ୍ତୁ ୧୧ ବଲ୍ ପୂର୍ବରୁ ମ୍ୟାଚ୍ ଜିତିଯାଇଥିଲା। ଜୋସ୍ ହାଜେଲଉଡ୍ ୩ ୱିକେଟ୍ ନେଇ ରୋମା ଭରିଥିଲେ ମଧ୍ୟ ନେହାଲ୍ ୱଧେରା (୧୯ ବଲରୁ ୩୩ ରନ୍) ମ୍ୟାଚ୍ ଛଡ଼ାଇ ନେଇଥିଲେ। ପଞ୍ଜାବ କିଙ୍ଗ୍ସ ୧୨.୧ ଓଭରରେ ୫ ୱିକେଟ୍ ହରାଇ ୯୮ ରନ୍ ସଂଗ୍ରହ କରି ନେଇଥିଲା। ଏଥି ସହ ଶ୍ରେୟସ ଆୟାରଙ୍କ ଦଳ ସପ୍ତମ ମ୍ୟାଚରୁ ପଞ୍ଚମ ବିଜୟ ହାସଲ କରି ଦ୍ୱିତୀୟ ଦଳ ଭାବେ ୧୦ ପଏଣ୍ଟ ଅର୍ଜନ କରି ଦ୍ୱିତୀୟକୁ ଉଠିଛି। ଆରସିବି ଘରୋଇ ମାଟିରେ ଆଉ ଏକ ପରାଜୟ ସହ ସେହି ସପ୍ତମ ମ୍ୟାଚରୁ ତୃତୀୟ ପରାଜୟ ପାଇଛି। ସମସ୍ତ ୩ ପରାଜୟ ବେଙ୍ଗାଲୁରୁରେ ବରଣ କରି ଅଲୋଡ଼ା ହ୍ୟାଟ୍ରିକ୍ ଅର୍ଜନ କରିଛି।

ଏମ୍ଏ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଶୁକ୍ରବାର ରାତିରେ ଖେଳାଯାଇଥିବା ବର୍ଷା ବାଧାପ୍ରାପ୍ତ ମ୍ୟାଚରେ ଘରୋଇ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଅବଶ୍ୟ ସର୍ବନିମ୍ନ ସ୍କୋର୍ ଅର୍ଜନର ଲଜ୍ଜାରୁ ବର୍ତ୍ତିଯାଇଥିଲା। ବର୍ଷା ପାଇଁ ମ୍ୟାଚକୁ ୧୪ ଓଭର ବିଶିଷ୍ଟ କରାଯାଇଥିବା ବେଳେ ପଞ୍ଜାବ କିଙ୍ଗ୍ସର ବୋଲରମାନେ ରଜତ ପଟିଦାରଙ୍କ ଦଳକୁ ମାତ୍ର ୯୫ ରନରେ ରୋକି ଦେଇଥିଲେ। ପଞ୍ଜାବର ପେସ୍ ଓ ସ୍ପିନ୍ ଆକ୍ରମଣକୁ ଖେଳି ନପାରି ଶକ୍ତିଶାଳୀ ବ୍ୟାଟିଂ ଲାଇନ୍ ରଖିଥିବା ଆରସିବିକୁ ବିରାଟ କୋହଲି (୧), ଫିଲ୍ ସଲ୍ଟ (୪), ଲିଆମ୍ ଲିଭିଙ୍ଗଷ୍ଟୋନ୍ (୪), କ୍ରୁନାଲ ପାଣ୍ଡ୍ୟା (୧), ଜିତେଶ ଶର୍ମା (୨) ପ୍ରମୁଖ ତଳମୁହାଁ କରିଥିଲେ। କେବଳ ଅଧିନାୟକ ରଜତ ପଟିଦାର (୨୩) ଏବଂ ଶେଷ ଭାଗରେ ଟିମ୍ ଡେଭିଡ୍ (୨୬ ବଲ୍ରୁ ୫୦ ରନ୍) ଦଳର ସମ୍ମାନ ରଖିଥିଲେ। ଡେଭିଡ୍‌ଙ୍କ ପାଇଁ ଶେଷ ଓଭରରେ ଆରସିବି ୨୧ ରନ୍ ଯୋଡ଼ି କିଛିଟା ସମ୍ମାନ ରଖିଥିଲା। ଦଳର ପରାଜ। ସତ୍ୱେ ଅଷ୍ଟ୍ରେଲୀୟ ବ୍ୟାଟର୍ ଟିମ୍ ଡେଭିଡ୍ (୫୦* ଓ ୨ କ୍ୟାଚ୍) ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।

ସଂକ୍ଷିପ୍ତ ସ୍କୋର: ଆରସିବି ୨୦ ଓଭରରେ ୯୫/୯ (ଟିମ୍ ଡେଭିଡ୍-୫୦, ରଜତ ପଟିଦାର-୨୩, ମାର୍କୋ ୟାନସେନ୍-୨/୧୦, ଯୁଜବେନ୍ଦ୍ର ଚହଲ-୨/୧୧, ଅର୍ଶଦୀପ ସିଂହ-୨/୨୩, ହରପ୍ରୀ ବ୍ରାର-୨/୨୫, ଜାଭିଏର ବାର୍ଟଲେଟ୍-୧/୨୬)। ପଞ୍ଜାବ କିଙ୍ଗ୍ସ ୧୨.୧ ଓଭରରେ ୯୮/୫ (ନେହାଲ୍ ୱଧେରା-୩୩, ପ୍ରିୟାଂଶ ଆର୍ଯ୍ୟା-୧୬, ଜୋସ୍ ହାଜେଲଉଡ୍-୩/୧୪, ଭୁବନେଶ୍ୱର କୁମାର-୨/୨୬)।

## ଜିଲ୍ଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଦ୍ୱିତୀୟ ଲିଗ୍‌ରେ ସ୍କୁଲ-ଇ ବିଜୟୀ




**କେନ୍ଦ୍ରାପଡ଼ା,୧୯।୪ :** କେନ୍ଦ୍ରାପଡା ଜିଲା କ୍ରିକେଟ୍ ଆସୋସିଏସନ ଏବଂ ଓସିଏର ମିଳିତ ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍‌ରେ ଜିଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ (୧୫ବର୍ଷରୁ କମ) କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଲିଗ ମ୍ୟାଚରେ ସ୍କୁଲ-ବି ଓ ସ୍କୁଲ-ଇ ମଧ୍ୟରେ ଖେଳାଯାଇଥିଲା । ଏଥିରେ ସ୍କୁଲ-ଇ ବିଜୟୀ ହୋଇଛି। ସ୍କୁଲ-ଇ ପ୍ରଥମେ ଟସ ଜିତି ବ୍ୟାଟିଂ କରି ୩୫ ଓଭରରେ ୬ ଉଇକେଟ୍ ବିନିମୟରେ ୨୦୯ ରନ୍ କରିଥିଲା। ଜବାବରେ ସ୍କୁଲ-ବି ୧୫.୨ ଓଭରରେ ୫୪ ରନ୍ କରି ଅଲ ଆଉଟ୍ ହୋଇଥିଲା। ଫଳରେ ୧୫୫ ରନରେ ସ୍କୁଲ-ଇ ବିଜୟୀ ହୋଇଥିଲା। ସ୍କୁଲ-ଇ ର ରୁଦ୍ର ପ୍ରତାପ ପରିଡା ୩ ଓଭର ବୋଲିଂ କରି ଗୋଟିଏ ମେଡେନ ସହ ମାତ୍ର ୭ ରନ ଦେଇ ୪ଟି ଉଇକେଟ୍ ହାସଲ କରି ମ୍ୟାନ୍ ଅଫ ଦି ମ୍ୟାଚ ହୋଇଥିଲା। ବିଶ୍ୱଜିତ ଅଧିକାରୀ ଓ ନିରଞ୍ଜନ ଦାସ ଅମ୍ପାୟର ଭାବେ ମ୍ୟାଚ ପରିଚାଳନା କରିଥିଲେ । ସ୍କୋରର ଭାବେ ଆନନ୍ଦ ବେହେରା କାର୍ଯ୍ୟ ତୁଲାଇଥିବା ବେଳେ ବରଦା କାନ୍ତ ବରାଳ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଅତିଥି ଭାବେ କେନ୍ଦ୍ରାପଡା ଜିଲ୍ଲା କ୍ରିକେଟ ଆସୋସିଏସନ କମିଟିର ମୁଖ୍ୟ ପ୍ରଫୁଲ୍ଲ କୁମାର ମଲ୍ଲିକ ଅତିଥି ଭାବେ ଯୋଗଦେଇ ମ୍ୟାନ୍ ଅଫ ଦି ମ୍ୟାଚ ପାଇଥିବା ରୁଦ୍ର ପ୍ରତାପ ପରିଡାଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଜିଲା କ୍ରିକେଟ ଆସୋସିଏସନର ସମ୍ପାଦକ ଶୁଭାଶିଷ ସେନାପତିଙ୍କ ତତ୍ତ୍ୱାବଧାନରେ ଆକବର ଅଲ୍ଲୀ ଖାଁ, ହରିହର ବେହେରା, ଦୀପକ କୁମାର ବାରିକ, ଚିରଞ୍ଜିବୀ ବଳ, ସେକ ମୀନାଉଦ୍ଦିନ,ରାଜେଶ ପାତ୍ର ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଏମଡି ନଇମ ଯୋଗଦେଇ ଖେଳାଳୀମାନଙ୍କ କ୍ରୀଡ଼ା ନୈପୁଣ୍ୟକୁ ପ୍ରଶଂସା କରିଥିଲେ। ଭଲ ଖେଳିଲେ ଖେଳାଳୀମାନେ କେନ୍ଦ୍ରାପଡ଼ା ଜିଲାର ନା'କୁ ରାଜ୍ୟ ଓ ଜାତୀୟ ସ୍ତରରେ ଟେକ ରଖିବେ ବୋଲି ମରାମର୍ଶ ଦେଇଥିଲେ।

# ଷ୍ଟାର୍କଙ୍କୁ ଅକ୍ଷର ପଟେଲଙ୍କ ପ୍ରଶଂସା

**ନୂଆଦିଲ୍ଲୀ,୧୯।୪:** ରାଜସ୍ଥାନ ରୟାଲ୍ସ (ଆର୍‌ଆର୍) ବିପକ୍ଷ ମ୍ୟାଚର ଅନ୍ତିମ ଓଭର ଓ ସୁପର ଓଭରରେ ଜବରଦସ୍ତ ବୋଲିଂ କରିଥିବା ମିଚେଲ ଷ୍ଟାର୍କଙ୍କୁ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ଅଧିନାୟକ ଅକ୍ଷର ପଟେଲ ଖୁବ୍ ପ୍ରଶଂସା କରିଛନ୍ତି। ଦିଲ୍ଲୀ ପକ୍ଷରୁ ଧାର୍ଯ୍ୟ ୧୮୯ ରନର ଟାର୍ଗେଟ ପିଛା କରୁଥିବା ରାଜସ୍ଥାନକୁ ଅନ୍ତିମ ଓଭରରେ ୯ ରନ ଦରକାର ଥିଲା। ହେଲେ ସୁପର ଓଭର ସମେତ ଲଗାତର ଦୁଇ ଓଭରରେ ଷ୍ଟାର୍କଙ୍କ ଜବରଦସ୍ତ ବୋଲିଂ ଦିଲ୍ଲୀକୁ ଏକ ରୋମାଞ୍ଚକ ବିଜୟ ଆଣି ଦେଇଥିଲା। 'ରିଭର୍ସ ସ୍ୱିଙ୍ଗ ମିଳିବା ଗୋଟିଏ କଥା। କିନ୍ତୁ ଉପରେ ତାହାକୁ ଠିକ ଭାବେ କାର୍ଯ୍ୟକାରୀ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ବଲ ରିଭର୍ସ ସ୍ୱିଙ୍ଗ କରୁଥିଲା। କିନ୍ତୁ ଉପରେ ସେ ତାହାକୁ ଠିକ ଭାବେ କାର୍ଯ୍ୟକାରୀ କରିଥିଲେ।

# ଋତୁ ଆରମ୍ଭରୁ ନୀରଜଙ୍କୁ ସ୍ୱର୍ଣ୍ଣ



**ନୂଆଦିଲ୍ଲୀ,୧୯।୪:** ଭାରତୀୟ ଜାଭଲିନ୍ ତାରକା ନୀରଜ ଚୋପ୍ରା ସ୍ୱର୍ଣ୍ଣ ପଦକରୁ ନୂଆ ଋତୁ ଆରମ୍ଭ କରିଛନ୍ତି। ଦକ୍ଷିଣ ଆଫ୍ରିକାର ପୋଚେଫଷ୍ଟ୍ରମଠାରେ ଆୟୋଜିତ ପୋଚ୍ ଆମନ୍ତ୍ରଣୀ। ଦୌଡ଼କୁଦ ପ୍ରତିଯୋଗିତାରେ ୮୪.୫୨ ମିଟରର ଥ୍ରୋ' ସହ ପ୍ରଥମ ସ୍ଥାନ ଅଧିକାର କରି ନେଇଛନ୍ତି। ତେବେ ଏହା ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ୮୯.୯୪ ମିଟରଠାରୁ ଯଥେଷ୍ଟ କମ୍ ଥିଲା।

୬ଜଣିଆ ଫାଇନାଲରେ ଆୟୋଜକ ଦେଶର ଦୋଉ ସ୍ମିଟ୍ (୮୩.୨୯ ମିଟର) ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ପାଇଥିଲେ। କେବଳ ନୀରଜ ଓ ସ୍ମିଟ୍ ୮୦ ମିଟର ଟପିବା ଉଲ୍ଲେଖନୀୟ ଥିଲା। ସୂଚନାଯୋଗ୍ୟ ଯେ ପ୍ୟାରିସ୍ ଅଲିମ୍ପିକ୍ସ ରୌପ୍ୟ ପଦକ ବିଜେତା ନୀରଜଙ୍କ ପରବର୍ତ୍ତୀ ଲକ୍ଷ୍ୟ ହେଉଛି ମେ ୧୬ ତାରିଖରେ ଆୟୋଜିତ ହେବାକୁ ଥିବା ଦୋହା ଡାଇମଣ୍ଡ ଲିଗରେ ସ୍ୱର୍ଣ୍ଣ ପଦକ ଜିତିବା। ଏହି ପ୍ରତିଯୋଗିତାରେ କିନ୍ତୁ ତାଙ୍କୁ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡ଼ିବ।

# ସାମସଙ୍ଗ ଗାଲାକ୍ସି ଏମ୫୬ ୫ଜିର ଶୁଭାରମ୍ଭ

**ନୂଆଦିଲ୍ଲୀ,୧୯।୪:** ସାମସଙ୍ଗ, ଭାରତର ସର୍ବବୃହତ୍ ଗ୍ରାହକ ଇଲେକ୍‌ଟ୍ରୋନିକ୍ସ ବ୍ରାଣ୍ଡ, ଆଜି ଏହାର ସେଗମେଂଟର ସବୁଠାରୁ ପତଳା ଏମ୫୬ ୫ଜି ସ୍ମାର୍ଟଫୋନ ଶୁଭାରମ୍ଭର ଘୋଷଣା କରିଛି। ଲୋକପ୍ରିୟ ଗାଲାକ୍ସି ଏମ ଶୃଙ୍ଖଳରେ ଅଧୁନତମ ସଂଯୋଗକାରୀତାରେ ଏହାର ବ୍ୟବହାରକାରୀମାନଙ୍କୁ ଉନ୍ନତ ମାନର ସ୍ମାର୍ଟଫୋନ ଅଭିଜ୍ଞତା ପ୍ରଦାନ କରିବାକୁ ଯାଉଥିବା ଅଫର ଗୁଡ଼ିକ ମଧ୍ୟରେ ରହିଛି ଉଭୟ ପଛ ଏବଂ ସମ୍ମୁଖ ଭାଗର ଗୋରିଲା ଗ୍ଲାସ ଭିକଟସ+ ସୁରକ୍ଷାକାରୀତା, ୫୦ଏମପିର ଓଆଇ ଏସ ଯୁକ୍ତ ୧୨ଏମପି ସମ୍ମୁଖ ଭାଗ ଏଚ୍‌ଡ଼ିଆର କ୍ୟାମେରା ଏବଂ ଅତ୍ୟାଧୁନିକ ଏଆଇ ସମ୍ପାଦନାକାରୀ ଉପକରଣ ସମୂହ। "ଅନାବଶ୍ୟକ ହୋଇ ରହିଥିବା ଆମର ପ୍ରତିବଦ୍ଧତାର ଏକ ଅଂଶବିଶେଷ ଭାବରେ, ନବୀନତମର ଅର୍ଥପୂର୍ଣ୍ଣ ଭାବକୁ ପ୍ରଦାନ କରିବାକୁ ଯାଇ, ଆମେ ଅତ୍ୟନ୍ତ ଗର୍ବର ସହିତ ପୂର୍ବରୁ କେବେ ଆସି ନଥିବା ଏକ ଶକ୍ତିଶାଳୀ ଶୈଳୀର ମିଶ୍ରଣ, ଦୀର୍ଘ ସ୍ଥାୟିତ୍ୱ ତଥା ଦକ୍ଷତାକୁ ନେଇ ଗାଲାକ୍ସି ଏମ୫୬ ୫ଜିର ଘୋଷଣା କରୁଛୁ। ସେଗମେଂଟରେ ଏହା ସବୁଠାରୁ ପତଳା, ଶେଷ ପର୍ଯ୍ୟନ୍ତ ନିର୍ମାଣ କରାଯାଇଥିବା ବିଶେଷତ୍ୱ ମଧ୍ୟରେ ଉଭୟ ଆଗ ଏବଂ ପଛରେ ରହିଥିବା ଗୋରିଲା ଗ୍ଲାସ ଭିକଟସ+ ସୁରକ୍ଷାକାରୀତା ଏପର୍ଯ୍ୟନ୍ତ ଆସିଥିବା ଏମ ଶୃଙ୍ଖଳର ସବୁଠାରୁ ଉତ୍କୃଷ୍ଟଫୋନ ଭାବରେ ସମ୍ମୁଖକୁ ଆସିଛି। ନିଜର ଅଭୁଲା ସ୍ମୃତି ଗୁଡ଼ିକୁ ଆପଣ ଏହାର ସମ୍ମୁଖ ଭାଗ ଏଚ୍‌ଡ଼ିଆର କ୍ୟାମେରା ଦ୍ୱାରା ଧରି ରଖି ପାରିବେ ଅଥବା ଏଥିରେ ରହିଥିବା ଏଆଇ କ୍ଷମତାଯୁକ୍ତ ସମ୍ପାଦନାକାରୀ ଉପକରଣକୁ ନେଇ ସୃଜନଶୀଳତାର ସମସ୍ତ ସମ୍ଭାବ୍ୟତାକୁ ଯାଇପାରନ୍ତି, ସୁତରାଂ ଏ ସମସ୍ତ ବିଶେଷତ୍ୱକୁ ଧରି ରଖି ଗାଲାକ୍ସି ଏମ୫୬ ୫ଜି ଏହାର ଶକ୍ତିଶାଳୀ – ପ୍ୟାକକୁ ନେଇ ସ୍ମାର୍ଟଫୋନର ଅଭିଜ୍ଞତାକୁ ପୁନଃସଂଜ୍ଞାକରଣ କରିପାରିଛି" ମତରଖି କହିଛନ୍ତି, ଅକ୍ଷୟ ଏସ ରାଓ, ନିର୍ଦ୍ଦେଶକ, ସାମସଙ୍ଗ ଇଣ୍ଡିଆ, ଏମଏକ୍ସ ବିଜିନେସ। ପ୍ରିମିୟମ ଗ୍ଲାସର ପଛପାର୍ଶ୍ୱ ଏବଂ ଧାତବ କ୍ୟାମେରା ସଜ୍ଜିକରଣ ସହିତ, ଗାଲାକ୍ସି ଏମ୫୬ ୫ଜି ଏକ ସତେଜଭରା ପ୍ରିମିୟମ ଡ଼ିଜାଇନ ଅପଗ୍ରେଡ଼କୁ ଗାଲାକ୍ସି ଏମ ଶୃଙ୍ଖଳରେ ଆଣିପାରିଛି। ସେଗମେଂଟର ସବୁଠାରୁ ପତଳା ଫୋନ ଭାବରେ ଏହି ଗାଲାକ୍ସି ଏମ୫୬ ୫ଜି ୭.୨ ମିମି.ର ପତଳା।

# ୧୨ କୋଟିର ବୋଲର୍ ପକାଇଲେ ୧୨ଟି ୟର୍କର




**ନୂଆଦିଲ୍ଲୀ,୧୯।୪:** କ୍ରିକେଟ୍ ଇତିହାସରେ ୧୨ଟା ବଲ୍ ୧୨ଟା ଯାକ ୟର୍କର୍ ପକାଇବା ହୁଏତ କମ୍ ଶୁଣିଥିବେ। ହେଲେ ଆଇପିଏଲରେ ଏମିତି କିଛି ଘଟିଛି ଯାହା କ୍ରିକେଟ ପ୍ରେମୀଙ୍କୁ ତାଜୁବ୍ କରିଦେଇଛି । ଏଭଳି ଆଶ୍ଚର୍ଯ୍ୟକର ବୋଲିଂ କରି ସମସ୍ତଙ୍କୁ ଚକିତ କରିଦେଇଛନ୍ତି ବିଶ୍ୱ ଚାମ୍ପିୟନ ବାମହାତି ବୋଲର ମିଚେଲ୍ ଷ୍ଟାର୍କ। ୨୦୧୫ ଦିନିକିଆ ବିଶ୍ୱକପ୍, ୨୦୨୧ ଟି-୨୦ ବିଶ୍ୱକପ୍, ୨୦୨୩ ଦିନିକିଆ ବିଶ୍ୱକପ୍ ଏବଂ ୨୦୨୩ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍; ଅଷ୍ଟ୍ରେଲିଆକୁ ୪ ଥର ବିଶ୍ୱ ଚାମ୍ପିୟନ କରାଇଥିବା ଦ୍ରୁତତମ ବୋଲର ମିଚେଲ୍ ଷ୍ଟାର୍କ ବୁଧବାର ରାଜସ୍ଥାନ ବିପକ୍ଷରେ ଦମଦାର ବୋଲିଂ କରିଛନ୍ତି। ଏପରିକି ଲଗାତାର ଦୁଇ ଓଭର ମାନେ ୧୨ଟା ବଲ୍ ୟର୍କର ଫିଙ୍ଗି ରାଜସ୍ଥାନ ରୟାଲ୍ସ ଜିତିବାକୁ ଥିବା ମ୍ୟାଚ୍ ହାତମୁଠାରୁ ଛଡ଼ାଇ ଆଣିଥିଲେ ଷ୍ଟାର୍କ। ଫଳରେ ଦିଲ୍ଲୀ କ୍ୟାପିଟାଲ୍ସ ଚଳିତ ଆଇପିଏଲର ପ୍ରଥମ ଦଳ ଭାବେ ୧୦ ପଏ ପାଇ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନ ବଜାୟ ରଖିଛି।

ବୁଧବାର ଅରୁଣ ଜେଟଲୀ ଷ୍ଟାଡିୟମରେ ମୁହାଁମୁହିଁ ହୋଇଥିଲେ ଦିଲ୍ଲୀ କ୍ୟାପିଟାଲ୍ସ ଓ ରାଜସ୍ଥାନ ରୟାଲ୍ସ । ଦିଲ୍ଲୀର ହୋମ୍ ଗ୍ରାଉଣ୍ଡରେ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା ରାଜସ୍ଥାନ, ଫଳରେ ୨୦ ଓଭରରେ ଦିଲ୍ଲୀ ୧୮୮ ରନ୍ କରିବାକୁ ସକ୍ଷମ ହୋଇଥିଲା । ୧୮୯ ରନର ବିଜ। ଲକ୍ଷ୍ୟ ପିଛା କରି ରାଜସ୍ଥାନକୁ ୧୮୮ ରନରେ ରୋକି ମ୍ୟାଚକୁ ଟାଇ କରିଦେଇଥିଲା ଦିଲ୍ଲୀ କ୍ୟାପିଟାଲ୍ସ । ଦିଲ୍ଲୀ ତରଫରୁ ୨୦ତମ ଓଭର ବୋଲିଂ କରିଥିଲେ ମିଚେଲ୍ ଷ୍ଟାର୍କ ଆଉ ରାଜସ୍ଥାନକୁ ବିଜୟ ପାଇଁ ୯ ରନ୍ ଆବଶ୍ୟକ ଥିବାବେଳେ ଏଥିରେ ବ୍ରେକ୍ ଲଗାଇଥିଲେ ଷ୍ଟାର୍କ। ଯାହାଫଳରେ ମ୍ୟାଚଟି ସୁପର ଓଭର ପର୍ଯ୍ୟନ୍ତ ଯାଇଥିଲା। ପୁଣି ଦିଲ୍ଲୀ ପକ୍ଷରୁ ସୁପର ଓଭର ନେଇ ବୋଲିଂ କରିବାକୁ ଓହ୍ଲାଇଥିଲେ ଭରସାଯୋଗ୍ୟ ବୋଲର ମିଚେଲ୍ ଷ୍ଟାର୍କ, ୨୦ତମ ଓଭର ପରି ସୁପର ଓଭରର ୬ଟି ବଲ୍ ମଧ୍ୟ ୟର୍କର୍ ପକାଇଥିଲେ ସେ। ଆଉ ପ୍ରତିପକ୍ଷ ଦଳ ରାଜସ୍ଥାନ ୬ ବଲରେ ମାତ୍ର ୧୧ ରନ୍ କରିବାକୁ ସକ୍ଷମ ହୋଇଥିଲା । ଅପରପକ୍ଷେ ୧୨ ରନ୍ ବିଜ। ଲକ୍ଷ୍ୟ ନେଇ ଦିଲ୍ଲୀ କ୍ୟାପିଟାଲ୍ସ ନିଜ ହୋମ୍ ଗ୍ରାଉଣ୍ଡରେ ମ୍ୟାଚ୍ ଜିତିନେଇଥିଲା।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ